# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 • ISSUE-4 • BHUBANESWAR • SATURDAY • 28 JUNE 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୪ • ଭୁବନେଶ୍ୱର • ଶନିବାର • ୨୮ ଜୁନ୍ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦





ରୋନାଲ୍ଡୋଙ୍କ ବର୍ଷକୁ ୨ହଜାର କୋଟି

ପୃଷ୍ଠା ୧୨ ଦେଖନ୍ତୁ...

## ଠେଲାପେଲା, ଦଳାଚକଟା ତଳେ ପଡ଼ି ଭକ୍ତ ଲହୁଲୁହାଣ

# ପାହୁଣ୍ଡେ ଗଡ଼ିଲା ନନ୍ଦିଘୋଷ

## ବଳଗଣ୍ଡିଠାରେ ବଳଭଦ୍ର, ମରୀଚିକୋଟରେ ସୁଭଦ୍ରା, ସିଂହଦ୍ୱାରରେ ଠିଆହୋଇଛି ଶ୍ରୀଜଗନ୍ନାଥଙ୍କ ରଥ





■ **ପୁରୀ, ୨୭।୬ (ସମିସ):** ନୀଳକନ୍ଦର ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ଭାଇ-ଭଉଣୀଙ୍କୁ ସାଥିରେ ଧରି ଜନ୍ମବେଦୀ ଅଭିମୁଖେ ଯାତ୍ରା କରିଛନ୍ତି ନୀଳାଦ୍ରିନାଥ। ଦାରୁଦେବତାଙ୍କ ସ୍ୱର୍ଶରେ ରଥ-ପଥ ହୋଇଛି ବ୍ରହ୍ମମୟ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହୋଇଛି ଅପୂର୍ବ ମିଳନ। ଦାରୁଦିଅଁଙ୍କ ଦିବ୍ୟଦର୍ଶନ ପାଇ ଭାବରେ ଭିଜିଛନ୍ତି ଲକ୍ଷଲକ୍ଷ ଭକ୍ତ।

ପରମ୍ପରା ମୁତାବକ, ପୁଣି ଶନିବାର ସକାଳେ ବଡ଼ଦାଣ୍ଡରେ ଅଟକିଥିବା ତିନି ରଥକୁ ଟାଣି ନିଆଯିବ ଶରଧାବାଲି। ରାତିରେ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେଇ ରବିବାର ଆଡ଼ପମଣ୍ଡପ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ମହାପ୍ରଭୁଙ୍କ ଏହି ନବଦିନାତ୍ମକ ଯାତ୍ରା ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପ୍ରାୟ ୧୦ଲକ୍ଷରୁ ଅଧିକ ଭକ୍ତ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିଛନ୍ତି।

ଶୁକ୍ରବାର ଘୋଷଯାତ୍ରା ନୀତିକାନ୍ତି ଆରମ୍ଭରୁ ବିଳମ୍ବ ଯୋଗୁଁ ପହଣ୍ଡି ବିଳମ୍ବରେ ଆରମ୍ଭ ହୋଇଥିଲା। ତେବେ ରଥଟଣା ବେଳକୁ ନୀତିକାନ୍ତି ପ୍ରାୟ ନିର୍ଘଣ୍ଟ ସମୟରେ ଚାଲିଥିଲା। ରଥଯାତ୍ରା ନୀତି ନିର୍ଘଣ୍ଟ ଅନୁଯାୟୀ, ଶୁକ୍ରବାର ସକାଳ ସାଢ଼େ ୯ଟାରେ ଚୁତର୍ଦ୍ଧାବିଗ୍ରହଙ୍କ ପହଣ୍ଡି ରହିଥିଲା। କିନ୍ତୁ ପୂର୍ବାହ୍ଣ ୧୦ଟା ୨୦ରେ ଆରମ୍ଭ ହୋଇଥିଲା ପହଣ୍ଡି। ଏହାପରେ ନୀତିକାନ୍ତିକୁ ସଅଳ କରାଯିବା ଫଳରେ ଧାର୍ଯ୍ୟ ସମୟର ୧୦ ମିନିଟ୍ ପରେ ଅର୍ଥାତ୍ ଅପରାହ୍ଣ ୪ଟା ୧୦ରେ ଗଡ଼ିଥିଲା ରଥ। ତେବେ ଧାର୍ଯ୍ୟ ସମୟରେ ରଥଟଣା ଆରମ୍ଭ ସତ୍ତ୍ୱେ ଶରଧାବାଲି ଛୁଇଁପାରିନି ଗୋଟିଏ ବି ରଥ। ▶ପୃଷ୍ଠା-୭





## ୬୦୦ ଭକ୍ତ ଅସୁସ୍ଥ, ୭୦ ଗୁରୁତର

- ଆଇସିୟୁରେ ୭ ଭକ୍ତ ଚିକିତ୍ସିତ
- ଭିଡ଼ ନିୟନ୍ତ୍ରଣରେ ସରକାର ଫେଲ୍
- ଜାତୀୟ ସ୍ତରରେ ସମାଲୋଚନା
- ସାମ୍ବାଦିକଙ୍କୁ ଡାକିନେଇ ପିଟିଲେ
- ସରକାରଙ୍କୁ ଘେରିଲେ ବିରୋଧୀ

■ **ଭୁବନେଶ୍ୱର, ୨୭।୬ (ସମିସ):** ଚଳିତବର୍ଷ ପୁରୀ ରଥଯାତ୍ରାରେ ତାଳଧ୍ୱଜ ଓ ଦର୍ପଦଳନ ରଥ ଟଣା ସମୟରେ ଠେଲାପେଲା ଓ ଦଳାଚକଟା ହୋଇ ପାଖାପାଖି ୬ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ରୁ ୮ଜଣ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇଥିବାବେଳେ ୭୦ରୁ ୮୦ ଜଣଙ୍କର ହାତଗୋଡ଼ ଓ ଶରୀର ବିଭିନ୍ନ ହାଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସରକାର ଓ ପ୍ରଶାସନର ପୂର୍ବ ପ୍ରସ୍ତୁତି ସତ୍ତ୍ୱେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଯାଇ ପାରିନି। ବିଶେଷକରି ଭିଆଇପି ଓ ଭିଭିଆଇପି ପାସ୍ଧାରୀଙ୍କ ସୁରକ୍ଷାକୁ ପୁଲିସ ▶ପୃଷ୍ଠା-୭

# ଭାଙ୍ଗିଲା ୩୦ ବର୍ଷର ପରମ୍ପରା

■ **ପୁରୀ, ୨୭।୬ (ସମିସ):** ଗତ ୩ ଦଶନ୍ଧି ମଧ୍ୟରେ ଯାହା ଘଟି ନ ଥିଲା, ତାହା ଏବେ ଘଟିଲା। ଶରଧାବାଲିରେ ଗୋଟିଏ ବି ରଥ ପହଞ୍ଚି ପାରିଲା ନାହିଁ। ରାତି ହେବା ପୂର୍ବରୁ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇ ପାରିଲା ନାହିଁ, ଶେଷରେ ରାତିରେ ଆଲୁଅ ଲଗାଇ ନନ୍ଦିଘୋଷ ରଥକୁ କେଇ ହାତ ଟଣାଯାଇ ବିଧି ରକ୍ଷା କରାଗଲା। ଯାହାକୁ ନେଇ ଭକ୍ତଙ୍କ ମନରେ ତୀବ୍ର ଅସନ୍ତୋଷ, ସେବାୟତମାନଙ୍କ ମନରେ କ୍ଷୋଭ। କାହିଁକି ଏପରି ଅବ୍ୟବସ୍ଥା ହେଲା ଓ ଏହା ପଛରେ କିଏ ଦାୟୀ ତାହାକୁ ଖୋଜିବା ପରିବର୍ତ୍ତେ ଆଇନମନ୍ତ୍ରୀ ଏହାକୁ ସାଧାରଣ କଥା ବୋଲି କହି ଏହାକୁ ଘୋଡ଼ାଇ ଦେବାକୁ ପ୍ରୟାସ କଲେ। ସବୁବର୍ଷ ଏପରି ହୁଏ ବୋଲି କହି ଘଟଣାକୁ ଗୁରୁତ୍ୱହୀନ କରିବାକୁ ଉଦ୍ୟମ କଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ୍ୟ ସବୁକିଛି ମହାପ୍ରଭୁଙ୍କ ଇଚ୍ଛାରେ ହୋଇଛି ବୋଲି କହି ନିଜ ପିଠି ଥାପୁଡ଼େଇଲେ। ଯାହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

ରଥଯାତ୍ରା ପ୍ରାରମ୍ଭରେ ନୀତିକାନ୍ତି ବିଳମ୍ବ ହୋଇଥିଲେ ହେଁ ପରେ ଏହା ସ୍ୱାଭାବିକ ହୋଇଯାଇଥିଲା। ଅର୍ଥାତ୍ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିର୍ଘଣ୍ଟ ସମୟରେ ଚାଲିଥିଲା ରଥଯାତ୍ରାର ନୀତିକାନ୍ତି। ଏହାସତ୍ତ୍ୱେ ଗୋଟିଏ ବି ରଥ ଶରଧାବାଲିରେ ପହଞ୍ଚି ପାରିଲା ନାହିଁ, ଯାହାକି ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ବି ହେଉଛି। ନିକଟ ଅତୀତରେ ମହାପ୍ରଭୁଙ୍କ ପ୍ରତି ଯେଉଁଭଳି ଆଚରଣ ପ୍ରଦର୍ଶନ କରାଯାଇଛି, ଏହା ତା'ର ପ୍ରତିଫଳନ କି? ଶ୍ରଦ୍ଧାଳୁଙ୍କ ମହଲରେ ଠାକୁର ରାଗିଛନ୍ତି କି ବୋଲି ପ୍ରଶ୍ନ ଜୋର୍ ଧରିଛି।

ଶୃଙ୍ଖଳିତ ଏବଂ ସୁରକ୍ଷିତ ରଥଯାତ୍ରା ପାଇଁ ଏବର୍ଷ ଅଧିକଥର ବୈଠକ ବସିଛି। ଶ୍ରୀମନ୍ଦିର ପରିଚାଳନା କମିଟି ଦୀର୍ଘ କାଳ ଧରି ଗଠନ ହୋଇ ନ ଥିବାରୁ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ବାରମ୍ବାର ମାନସମନ୍ବନ ହୋଇଛି। ମନ୍ତ୍ରୀସ୍ତରୀୟ କମିଟି ବି ଗଠନ କରାଯାଇଛି। ମନ୍ତ୍ରୀମାନେ ବାରମ୍ବାର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ମଧ୍ୟ ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ୨୦୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଗଲା, ଏଆଇ କ୍ୟାମେରା ଲଗାଗଲା। ହେଲେ ସବୁ ବ୍ୟବସ୍ଥା, ତାଗିଦ୍ ଓ ନିର୍ଦ୍ଦେଶ ଶେଷରେ ଫେଲ୍ ମାରିଛି। ନିର୍ଘଣ୍ଟ ସମୟରେ ନୀତିକାନ୍ତି ସତ୍ତ୍ୱେ ଗୋଟିଏ ବି ରଥ ଶରଧାବାଲି ତ ଦୂରର କଥା, ବଳଗଣ୍ଡି ଛକ ବି ଡେଇଁପାରିନି। ଶ୍ରଦ୍ଧାଳୁଙ୍କ ମଧ୍ୟରେ ହେଉଥିବା ଚର୍ଚ୍ଚା, ଆଲୋଚନା ମଧ୍ୟରେ ପ୍ରାୟ ସମସ୍ତେ ବଡ଼ଠାକୁର ତଳେ ପଡ଼ିଯିବା କଥା କହୁଛନ୍ତି। ଗତବର୍ଷ ଆଡ଼ପମଣ୍ଡପ ବିଜେ ପହଣ୍ଡି ସମୟରେ ପଡିଯାଇଥିଲେ ବଡ଼ଭାଇ ▶ପୃଷ୍ଠା-୭

## ରୁଷିଲେ ଠାକୁର

- ବାରମ୍ବାର ମୋଡ଼ ନେଲା ବଳଭଦ୍ରଙ୍କ ତାଳଧ୍ୱଜ
- ଶରଧାବାଲିରେ ପହଞ୍ଚିଲାନି ଗୋଟିଏ ବି ରଥ
- ବଳଗଣ୍ଡି ଛକ ଡେ଼ଇଁଲା ନାହିଁ କୌଣସି ରଥ

# ପାସ୍ ବଣ୍ଟନରୁ ମହାବିଭ୍ରାଟ

## ନିଜ ଲୋକଙ୍କୁ ଦୁଇ ମନ୍ତ୍ରୀ ବାଣ୍ଟିଛନ୍ତି ୬ ହଜାର ପାସ୍

■ **ଭୁବନେଶ୍ୱର, ୨୭।୬ (ସମିସ):** ଚଳିତବର୍ଷ ପୁରୀ ରଥଯାତ୍ରାରେ ମହାବିଭ୍ରାଟ ଦେଖିବାକୁ ମିଳିଛି। ନନ୍ଦିଘୋଷ ରଥ ମାତ୍ର ଦୁଇ ପାହୁଣ୍ଡ ଆଗକୁ ଗଡ଼ି ସିଂହଦୁଆର ସାମ୍ନାରେ ଛିଡ଼ା ହୋଇଛି। ରଥ ଚାରିପଟେ କଡର୍ନ ଭିତରେ ମାତ୍ରାଧିକ ଭିଆଇପି ଓ ଭିଭିଆଇପି ପାସ୍ଧାରୀଙ୍କ ଭିଡ଼ ଯୋଗୁଁ ଏଭଳି ବିଭ୍ରାଟ ଘଟିଥିବା ଅଭିଯୋଗ ହେଉଛି। ସୁରକ୍ଷା କଡ଼ନ୍ ଭିତରେ ଏତେ ମାତ୍ରାରେ ଭିଡ଼ ଯୋଗୁଁ ରଥ ଟାଣିବା ସମ୍ଭବ ହୋଇ ନ ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଭିଡ଼ ହ୍ରାସ ପାଇଁ ଚେଷ୍ଟା କରାଯାଇଥିଲେ ବି ସମ୍ଭବ ହୋଇନଥିଲା। କଡ଼ନ୍ ଭିତରୁ ଯେତିକି ଲୋକଙ୍କୁ ଖାଲି କରାଯାଉଥିଲା। ପୁଣି କିଛି ସମୟ ଭିତରେ ସେତିକି ଭିଡ଼ ହୋଇଯାଉଥିଲା। ସମସ୍ତେ ପାସ୍ ଧରି କର୍ଡନ୍ ଭିତରକୁ ପ୍ରବେଶ କରୁଥିବାରୁ ପୁଲିସ କାହାକୁ ଅଟକାଇ ପାରୁନଥିଲା। ଶେଷରେ ଏଭଳି ଅସୁବିଧାର ସାମ୍ନା କରିବାକୁ ପଡ଼ିଥିଲା। ଏଥିସହ କିଛି ଯୁବକମାନେ ମଧ୍ୟ ପ୍ରଧାନମନ୍ତ୍ରୀ ଓ ବିଭିନ୍ନ ମନ୍ତ୍ରୀଙ୍କ ଫଟୋ ସମ୍ବଳିତ ସ୍ୱେଚ୍ଛାସେବୀ ଆଇଡି କାର୍ଡ ପକାଇ କଡର୍ନ ଭିତରେ ଭିଡ଼ ଜମାଇଥିଲେ। ରଥଯାତ୍ରାରେ ଏଭଳି ବିଭ୍ରାଟ ବିଗତ ୫୦ ବର୍ଷ ଭିତରେ କେବେ ହୋଇ ନ ଥିଲା ବୋଲି ଜଗନ୍ନାଥ ପ୍ରେମୀ କ୍ଷୋଭର ସହ କହିଛନ୍ତି।

ଅପରାହ୍ଣ ୪ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ମାତ୍ର କର୍ଡନ ଭିତରେ ପାସଧାରୀଙ୍କ ଭିଡ଼ ଯୋଗୁଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିଭଳି ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟ ଛକ ଯାଏ ଯାଇ ପାରିଥିଲା। ମାତ୍ର ସନ୍ଧ୍ୟା ୭ଟା ସୁଦ୍ଧା ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବିଲ୍‌କୁଲ୍ ବି ଟଣା ହୋଇ ପାରିନଥିଲା। କର୍ଡନ ଭିତରୁ ପୁଲିସ ପାସ୍ଧାରୀମାନଙ୍କୁ ହଟାଇବାକୁ ବହୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲା। ରଥ ଟଣା ହୋଇ ନ ପାରିବା ଯୋଗୁଁ ଶେଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ବହୁ ବିଳମ୍ବ ହୋଇଯାଇଥିବାରୁ ଶେଷରେ ନନ୍ଦିଘୋଷ ରଥ କେବଳ ଗୋଟିଏ ପାହୁଣ୍ଡ ଆଗକୁ ଗଡ଼ିଥିଲା। ତା'ପରେ ରଥ ଟଣା ବନ୍ଦ ହୋଇଥିଲା। ଆସନ୍ତାକାଲି ସକାଳ ୯ଟାରୁ ରଥଟଣା ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ▶ପୃଷ୍ଠା-୭

### ଭିଆଇପି- ଭିଭିଆଇପି ପାସ୍ଧାରୀଙ୍କ ଯୋଗୁଁ ବିଶୃଙ୍ଖଳା

### ସରକାରଙ୍କୁ କଟୁ ସମାଲୋଚନା କଲେ ଭକ୍ତ ଓ ଶ୍ରଦ୍ଧାଳୁ




**ଦିବ୍ୟ ଦର୍ଶନ**

### ଭାବ-ଭକ୍ତିରେ ଭିଜିଲା ଶ୍ରୀକ୍ଷେତ୍ର

# ଭକ୍ତ-ଭଗବାନ ଏକାକାର





















ଫଟୋ- ଅନିଲ

# ଟୋକନ ଅବଧି ତିନି ଦିନ, ମଣ୍ଡିରୁ ଉଠୁନି ଧାନ

ଭୁବନେଶ୍ୱର, ୨୭।୬(ସମିସ): ରବି ଧାନ ବିକ୍ରି ଅବଧି ଆଉ ମାତ୍ର ୩ ଦିନ । ହେଲେ ଅଧାରୁ ଅଧିକ ଜିଲ୍ଲାରେ ଏପର୍ଯ୍ୟନ୍ତ ମଣ୍ଡିରୁ ଧାନ ଉଠିନି। ଅଧିକାଂଶ ଜିଲ୍ଲାରେ ଖୋଲା ଆକାଶ ତଳେ ଧାନ ପଡ଼ି ବର୍ଷାରେ ଗଜା ହେଲାଣି। ଏହାକୁ ନେଇ ରାଜ୍ୟବ୍ୟାପୀ ଚାଷୀଙ୍କ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ମାତ୍ର ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ମିଲର୍‌ମାନେ ଧାନ କିଣାରେ ମନମାନି କରୁଛନ୍ତି। ଟୋକନ୍ ତାରିଖ ଥିଲେ ବି ଧାନ ଉଠାଉନାହାନ୍ତି। ବିଶେଷକରି ଯେଉଁମାନେ କଟ୍‌ନୀଛଟ୍‌ନୀରେ ରାଜି ହେଉଛନ୍ତି, ତାଙ୍କ ଧାନ ଉଠୁଛି। ଯେଉଁମାନେ ବିରୋଧ କରୁଛନ୍ତି, ସେମାନଙ୍କ ଧାନ ଦିନ ଦିନ ଧରି ପଡ଼ି ରହୁଛି। ଖରିଫ୍ ଧାନ କିଣାବେଳେ ଏଭଳି ସମସ୍ୟା ଉପୁଜିଥିଲା। ରବିରେ ଏହି ସମସ୍ୟାର ପୁନରାବୃତ୍ତି ହେବନି ବୋଲି ସରକାର କହିଥିଲେ। ମାତ୍ର ସରକାରଙ୍କ କୋହଳ ପଣ ଓ ଅଧିକାରୀଙ୍କ ଖାମ୍‌ଖିଆଲ୍ ଗୁଣ ଯୋଗୁଁ ବିଚରା ଚାଷୀ ନିଜ ଉତ୍ପାଦିତ ଧାନ ବିକ୍ରି କରି ନ ପାରି ଦହଗଞ୍ଜ ହେଉଛି।




ମିଲରଙ୍କ ମନମାନୀ; ସରକାର ନିରବ, ବର୍ଷାରେ ଗଜା ହେଲାଣି ଧାନ

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିରେ ଚାଷୀକୂଳ ଯେତିକି ଖୁସି ହୋଇଥିଲା। ଧାନ ବିକ୍ରି କରି ନ ପାରି ସେତିକି ଦହଗଞ୍ଜ ହେଉଛି। ମଣ୍ଡିରେ ପଡ଼ି ଏବେ ଧାନ ନଷ୍ଟ ହୋଇଯାଇଥିବାରୁ ତାକୁ ବେପାରୀ ନେବାକୁ ବି ରାଜି ହେଉନାହାନ୍ତି। କେତେକ ସମବାୟରେ ଚାଷୀଙ୍କ ଠାରୁ ମିଲର୍‌ମାନେ ଧାନ ଉଠାଇଛନ୍ତି। ସେଠାରେ ବହୁ ଚାଷୀଙ୍କୁ ଧାନ ବାବଦ ଟଙ୍କା ଦିଆଯାଇନାହିଁ। ରବି ଋତୁ ସରି ଖରିଫଋତୁ ଆସିଯାଇଥିବାବେଳେ ରବି ଋତୁର ଧାନବିକା ପଇସା ମିଳିପାରିନି। ଏହି ସମସ୍ୟାକୁ ବିଭିନ୍ନ ଚାଷୀ ସଂଗଠନମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହେବାରୁ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। କୋରାପୁଟ, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର ଜିଲ୍ଲାରେ ଦିନ ଦିନ ଧରି ଚାଷୀମାନେ ଆନ୍ଦୋଳନ କରୁଛନ୍ତି। ସେମାନେ ଟୋକନ ପାଇ ମଣ୍ଡିରୁ ଆଣିଥିବା ଧାନ ତୁରନ୍ତ ସରକାରୀ ବ୍ୟବସ୍ଥାରେ ଖରିଦ କରିବା, ଗଜା ହୋଇଥିବା ଧାନକୁ ବି କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବା, ଚାଷୀମାନଙ୍କୁ ବକେୟା ଟଙ୍କା ତୁରନ୍ତ ପ୍ରଦାନ କରିବା ଆଦି ଦାବି କରିଛନ୍ତି ଚାଷୀ ସଂଗଠନ।

ସେହିଭଳି ଦେବଗଡ, ବରଗଡ, କଳାହାଣ୍ଡି, ନୂଆପଡା ଆଦି ଜିଲ୍ଲାରୁ ଧାନ ସଂଗ୍ରହରେ ଅବ୍ୟବସ୍ଥା ପିଛା ଛାଡୁନି। ରାଜ୍ୟର ଉପକୂଳବର୍ତ୍ତୀ ଓ ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡିକରେ ବି ଅନୁରୂପ ସମସ୍ୟା ଲାଗି ରହିଛି। ମିଲରମାନେ ଧାନ ଉଠାଇବା ଓ ଉଠାଉଥିବା ଧାନର ଦାମ୍ ତୁରନ୍ତ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାବେଳେ ଯୋଗାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ବହୁ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏମିତିକି ରାଜଧାନୀରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀଙ୍କ ସମସ୍ୟା ଘେନି ଧାରଣା ଦେବାକୁ ନୋଟିସ୍ ଦିଆଯାଇଥିବାବେଳେ ଚାଷୀ ନେତାମାନଙ୍କୁ ଧାରଣା ଦେବାପାଇଁ ପ୍ରଶାସନ ଅନୁମତି ଦେଇନଥିବା ଜଣାପଡିଛି। ଚାଷୀମାନେ ହନ୍ତସନ୍ତ ହେଉଥିବା ପରିସ୍ଥିତିରୁ ଫାଇଦା ଉଠାଇ ପଡୋଶୀ ରାଜ୍ୟର ବ୍ୟବସାୟୀମାନେ ଢେର କମ୍ ଦରରେ ଟ୍ରକ ଟ୍ରକ ଧାନ ବୁହାଇ ନେଉଛନ୍ତି। ପରିବାରର ଖର୍ଚ୍ଚ ଓ ଚାଷପାଇଁ ବାଧ୍ୟହୋଇ ଚାଷୀମାନେ କମ୍ ଦରରେ ଧାନ ବିକୁଛନ୍ତି। ଏ ପ୍ରସଙ୍ଗରେ କୃଷକ ସଂଗଠନଗୁଡିକ ପକ୍ଷରୁ ଆପତ୍ତି ଉଠୁଥିବାବେଳେ ଉଭୟ ଶାସକ ଓ ବିରୋଧିଦଳର କୃଷକ ଶାଖାଗୁଡିକ କିନ୍ତୁ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗର ସମାଧାନ ଲାଗି ସେଭଳି କିଛି ପଦକ୍ଷେପ ନେଉନାହାନ୍ତି।

# ଡାକ୍ତରଖାନାରୁ ଟିଭିରେ ରଥଯାତ୍ରା ଦେଖିଲେ ନବୀନ




ଭୁବନେଶ୍ୱର, ୨୭।୬(ସମିସ): ପ୍ରତିବର୍ଷ ରଥଯାତ୍ରାରେ ପୁରୀରେ ରଥାରୁଢ଼ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ ସହ ରଥ ଟାଣୁଥିଲେ ବିଜେଡି ସୁପ୍ରିମୋ ଓ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତବର୍ଷ ମଧ୍ୟ ସେ ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ମାତ୍ର ଚଳିତ ବର୍ଷ ମୁମ୍ବାଇରେ ଚିକିତ୍ସାଧୀନ ଥିବାରୁ ସେ ପୁରୀ ଯାଇ ରଥାରୁଢ଼ ମହାପ୍ରଭୁଙ୍କୁ ଦର୍ଶନ କରି ପାରି ନାହାନ୍ତି। ଏହା ସତ୍ତ୍ୱେ ଡ଼ାକ୍ତରଖାନାରେ ଆଜି ଟିଭିରେ ରଥାରୁଢ଼ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥଯାତ୍ରାର ସିଧା ପ୍ରସାରଣ ଦେଖିଛନ୍ତି। ଡାକ୍ତରଖାନା ଶଯ୍ୟାରେ ସେ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଛନ୍ତି। ଯାହାର ଭିଡିଓ ନବୀନ ନିଜ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି।ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ନବୀନ ଉଲ୍ଲେଖ କରିଛନ୍ତି ଯେ “ସେ ଦିବ୍ୟ, ସର୍ବବିଦ୍ୟ, ସେ ସାରା ଜଗତର ନାଥ। ଦୂରରେ ରହିଲେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ପାଇଲି। ଜୟ ଜଗନ୍ନାଥ”। ନବୀନଙ୍କ ସଫଳ ଅସ୍ତ୍ରୋପଚାର ପରେ ଏବେ ତାଙ୍କର ଫିଜିଓଥେରାପି ଚାଲିଛି। ରଥଯାତ୍ରା ଅବସରରେ ବିଜେଡି ନେତା, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକମାନେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜ ପ୍ରିୟ ନେତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶୀଘ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସେ ଓଡ଼ିଶା ଫେରିଆସିବେ ବୋଲି ଦଳୀୟ ନେତାମାନେ ଶ୍ରୀଜୀଉଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ନବଜାତ ଶିଶୁକନ୍ୟାକୁ ପୋଖରୀରେ ଫିଙ୍ଗିଦେଲେ

ଜଳେଶ୍ୱର ବ୍ଲକ, ୨୭।୬ (ସମିସ): ନବଜାତ ଶିଶୁକନ୍ୟାକୁ ପୋଖରୀରେ ଫିଙ୍ଗି ହତ୍ୟା କରିବା ପରେ ମାଟି ଖୋଳି ପୋତିଦେଲେ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ ଓଲମରା ପଞ୍ଚାୟତ ରାଜନଗର ଗ୍ରାମରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଗତ ୧୯ ତାରିଖରୁ ଏହି ଘଟଣା ଘଟିଥିବା ବେଳେ ଜଳେଶ୍ୱର ଥାନାରେ ଅଭିଯୋଗ ହେବା ପରେ ଆଜି ପଦାକୁ ଆସିଛି। ପୁଲିସ୍ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ବାପା-ମା’ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ, ଗ୍ରାମର ଦେବୁ ନାୟକ ଓ ତାଙ୍କ ପତ୍ନୀ ସୁଭଦ୍ରା। କିନ୍ତୁ ପୁଲିସ୍ ନବଜାତ ଶିଶୁକନ୍ୟାର ଶବ ପାଉନାହିଁ। ଯେଉଁ ସ୍ଥାନରେ ଶବ ପୋତାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ, ସେଠାରେ ଖୋଳାଖୋଳି କରି ପୁଲିସ୍ ନିରାଶ ହୋଇଛି।

## ବାପା-ମା’ ଅଟକ, ଶବ ପାଉନି ପୁଲିସ

ସୂଚନାନୁଯାୟୀ, ଶିଶୁକନ୍ୟାଟି ଜନ୍ମ ହେବାର ୩ ଦିନ ପରେ, ଗତ ୧୯ ତାରିଖ ଦିନ ଏହି ଦମ୍ପତି ନବଜାତ ଶିଶୁକନ୍ୟାକୁ ପଡ଼ୋଶୀ କାଳିଆ ନାୟକଙ୍କ ବାଡ଼ିରେ ଥିବା ଗଡ଼ିଆକୁ ଫିଙ୍ଗି ଦେଇଥିଲେ। ପରେ ଶବକୁ ନେଇ ନିଜ ବାଡ଼ିରେ ପୋତି ଦେଇଥିଲେ। ଘଟଣା ଜଣାପଡ଼ିବା ପରେ ୨୫ ତାରିଖରେ ଗାଁର ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ଦେବୁ ଓଲଟି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଦିଲ୍ଲୀପ ଦାସ ନାମକ ଜଣେ ଗ୍ରାମବାସୀ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରିଥିବା ବେଳେ ଏସ୍‌ଆଇ ଲୋପାମୁଦ୍ରା ପଣ୍ଡା ଘଟଣାର ତଦନ୍ତ କରୁଛନ୍ତି। ଦେବୁ ଓ ସୁଭଦ୍ରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି।

ଅପରପକ୍ଷେ, ସୁଭଦ୍ରା ଗର୍ଭବତୀ ହେବା ଏବଂ ଶିଶୁକନ୍ୟାକୁ ଜନ୍ମ ଦେବା ନେଇ ଅଙ୍ଗନବାଡ଼ି କେନ୍ଦ୍ର କିମ୍ବା ଏଏସ୍‌ଏମ୍ ସେଣ୍ଟର୍‌ରେ କୌଣସି ତଥ୍ୟ ନାହିଁ। ପୋତାଯାଇଥିବା ସ୍ଥାନକୁ ପୁଲିସ୍ ଖୋଳିଥିଲେ ମଧ୍ୟ ଶିଶୁକନ୍ୟାର ଶବ ମିଳିନି। ଏହି ଦମ୍ପତି ବାରମ୍ବାର ବୟାନ ବଦଳାଇବା, ଶିଶୁକନ୍ୟା ଜନ୍ମ ବାବଦ କୌଣସି ସରକାରୀ ତଥ୍ୟ ନରହିବା ଏବଂ ଶବ ନ ମିଳିବା ଘଟଣାକୁ ରହସ୍ୟମୟ କରିଦେଇଛି।

# ‘ଖାକି’ରେ ଦୁଷ୍କର୍ମ ଦାଗ

ବ୍ରହ୍ମପୁର, ୨୭।୬ (ସମିସ): ଖାକିରେ ଦୁଷ୍କର୍ମ ଦାଗ। ଗୋପାଳପୁର ଓ ଗୋଳନ୍ଥରା ଅଞ୍ଚଳରେ ଗଣଦୁଷ୍କର୍ମ ଏବଂ ବ୍ରହ୍ମପୁରରେ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାକୁ ନେଇ ପୂରା ରାଜ୍ୟ ପଡୁଛି ଉଠୁଛି। ଏପରି ସ୍ଥିତିରେ ଆଜି ପୁଣି ଏଭଳି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି। ଜଣେ ପୁଲିସ୍ କନେଷ୍ଟବଳ ଦୁଷ୍କର୍ମ ମାମଲାରେ ଛନ୍ଦି ହୋଇଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ବ୍ରହ୍ମପୁର ପୁଲିସ ଜିଲ୍ଲାର ଜଣେ କନଷ୍ଟେବଳ ଜଣେ ମହିଳାଙ୍କୁ ଏକାଧିକଥର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ମହିଳାଙ୍କର ଦୁଇ ସନ୍ତାନ ଥିବା ବେଳେ କନଷ୍ଟେବଳଜଣକ ମଧ୍ୟ ବିବାହିତ। ପୀଡ଼ିତାଙ୍କ ସ୍ୱାମୀ ବାହାରେ ଚାକିରି କରୁଥିବାରୁ ସେ ଟାଉନ୍ ଥାନା ଅଞ୍ଚଳରେ ଏକାକୀ ରହୁଥଲେ।

କିଛି ବର୍ଷ ତଳେ ମହିଳା ଓ କନଷ୍ଟେବଳଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥିଲା। ପରେ କନଷ୍ଟେବଳଜଣଙ୍କ ବାହା ହେବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ କନଷ୍ଟେବଳଜଣଙ୍କ ବ୍ରହ୍ମପୁରରୁ ଦିଗପହଣ୍ଡିକୁ ବଦଳି ହୋଇଯାଇଥିଲେ। ମାତ୍ର ବିଭିନ୍ନ ସମୟରେ ସେ ବ୍ରହ୍ମପୁର ଆସି ସମ୍ପୃକ୍ତ ମହିଳାଙ୍କୁ ସାକ୍ଷାତ କରୁଥିଲେ। ବର୍ତ୍ତମାନ ପୁଣି କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା କନଷ୍ଟେବଳଙ୍କୁ ମହଙ୍ଗା ପଡ଼ିଛି। କନଷ୍ଟେବଳଙ୍କ ବିରୁଦ୍ଧରେ ମହିଳାଜଣକ ଦୁଷ୍କର୍ମ ଭଳି ସାଙ୍ଘାତିକ ଅଭିଯୋଗ ଆଣି ଟାଉନ୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ମହିଳାଙ୍କ ବୟାନ ରେକର୍ଡ ସହ କୋର୍ଟରେ ମଧ୍ୟ ତାଙ୍କ ବୟାନ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ କନଷ୍ଟେବଳ ଜଣକ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ସମ୍ପୃକ୍ତ କନଷ୍ଟେବଳଙ୍କୁ ଧରିବାକୁ ଟାଉନ ଥାନା ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ହାତୀ ଆକ୍ରମଣରେ ଜଣେ ମୃତ

ତେଲକୋଇ, ୨୭।୬(ସମିସ): ଘର ପାଖ ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଜଣେ ଜୁଆଙ୍ଗ ଜନଜାତି ସମ୍ପ୍ରଦାୟର ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଧନେଶ୍ୱର ଜୁଆଙ୍ଗ। ଘର କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ରାଇସୁଆଁ ପଞ୍ଚାୟତ କୁଳଙ୍ଗ ବଲାଙ୍ଗି ସାହିରେ। ଧନେଶ୍ୱର ଶୁକ୍ରବାର ନିକଟସ୍ଥ ଝିଙ୍କଦରି ଜଙ୍ଗଲକୁ ଛେଳି ଓ ଗୋରୁ ଚରାଇବାକୁ ଯାଇଥିଲା ବେଳେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବା ସହ ଧନେଶ୍ୱରଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଧନେଶ୍ୱରଙ୍କ ମୃତ୍ୟୁ ହୋଇସାରିଥିଲା। ବନ କର୍ମଚାରୀ ଘଟଣାର ଅନୁଧ୍ୟାନ କରିଥିବା ଜଣାପଡ଼ିଛି।



## ତମେ ଚାହିଁଲନି ବୋଧେ ...

ଶୃଙ୍ଖଳିତ ଏବଂ ସୁରକ୍ଷିତ ରଥଯାତ୍ରା ପାଇଁ ଏଥର ବଡ଼ ପ୍ରସ୍ତୁତି ଥିଲା। ମୁଖ୍ୟମନ୍ତ୍ରୀ ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି, ପ୍ରଥମଥର ରଥଯାତ୍ରା ପରିଚାଳନା ପାଇଁ ମନ୍ତ୍ରୀସ୍ତରୀୟ ଏକ କମିଟି ଗଢ଼ାଯାଇଥିଲା। ପୁଲିସ ପକ୍ଷରୁ ପ୍ରଥମଥର ଟ୍ରାଫିକ୍ କଣ୍ଟ୍ରୋଲ ଆଣ୍ଡ କମାଣ୍ଡ ବ୍ୟବସ୍ଥା ସହ ଅନେକ ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା। ଧାର୍ଯ୍ୟ ସମୟରେ ଠାକୁର ରଥାରୂଢ଼ ହୋଇଥିବା ବେଳେ ନିର୍ଘଣ୍ଟ ସମୟରେ ଛେରାପହଁରା ଏପରିକି ରଥଟଣା ବି ହୋଇଛି। ହେଲେ ତାଳଧ୍ୱଜ ରଥଟଣା ଆରମ୍ଭ ହେବା ପରେ ପ୍ରଶାସନ ଏକପ୍ରକାର ଅସହାୟ ହୋଇପଡ଼ିଥିଲା। ସମୟ ଗଡୁଥିଲା ସିନା ରଥ ଗଡୁ ନଥିଲେ। ବଡ଼ଠାକୁର ବଳଭଦ୍ରଙ୍କ ରଥ ବିଭିନ୍ନ ସ୍ଥାନରେ ମୋଡ଼ ନେଉଥିଲା। ତାଳଧ୍ୱଜ ରଥ ଆଗକୁ ଗଡୁ ନଥିବାରୁ ଭଉଣୀକୁ ସାଥୀରେ ଧରି ସିଂହଦ୍ୱାରରେ ଛିଡ଼ା ହୋଇ ରହିଥିଲେ କାଳିଆ ଠାକୁର। ନେତା, ମନ୍ତ୍ରୀ ବି ମଞ୍ଚରେ ବସି ରଥଟଣା କାହିଁକି ବିଳମ୍ବ ହେଉଛି ବୋଲି ଅଧିକାରୀଙ୍କୁ ପଚାରୁଥିଲେ। ସବୁ ତ ସଅଳ ଆଉ ନିର୍ଘଣ୍ଟ ସମୟରେ ଚାଲିଥିଲା, ହେଲେ ଘଟିଲା କ'ଣ? କାହିଁକି ବିଳମ୍ବ ହେଉଛି ବୋଲି ପ୍ରଶ୍ନ କରିଥିଲେ। ଅଧିକାରୀମାନେ ମଧ୍ୟ ନିରୁତ୍ତର ଥିଲେ। ଏମିତି ସମୟ ଗଡ଼ି ସନ୍ଧ୍ୟା ହୋଇଗଲା। ଶେଷରେ ନନ୍ଦିଘୋଷ ରଥ ବିଧି ରକ୍ଷା ପାଇଁ କେବଳ ଥରୁଟିଏ ଗଡ଼ିଥିବା ବେଳେ ତାଳଧ୍ୱଜ ବଳଗଣ୍ଡିରେ ଏବଂ ଦର୍ପଦଳନ ମରୀଚିକୋଟରେ ଅଟକି ରହିଥିଲା। ଏଭଳି ସ୍ଥିତିକୁ ନେଇ ସମସ୍ତଙ୍କ ପାଟିରୁ ବାହାରି ପଡୁଥିଲା 'ତମେ ଚାହିଁଲନି ବୋଧେ...'।

## ୬୦ ବର୍ଷ ଭିତରେ ଏପରି ଦୃଷ୍ଟାନ୍ତ ନାହିଁ: ନିରଞ୍ଜନ

ଚଳିତ ବର୍ଷ ରଥଯାତ୍ରାରେ ଯାହା ଘଟିଛି, ଗତ ୫୦-୬୦ ବର୍ଷ ଭିତରେ ଏବର୍ଷ ଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳି ନାହଁ ବୋଲି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏଥର ରଥଯାତ୍ରାର ଆୟୋଜନ ଅନ୍ୟ ବର୍ଷ ଅପେକ୍ଷା ଅଧିକ ଭଲ ହୋଇଥିଲା। ତା' ସତ୍ତ୍ୱେ ରଥ ଚାଲିଲା ନାହିଁ। ଜଣେ ଜଗନ୍ନାଥ ବିଶ୍ୱାସୀ ଭକ୍ତ ଭାବେ ଯେତେ ଦୂର ଧାରଣା ଗତ ୫୦/୬୦ ବର୍ଷ ଭିତରେ ରଥ ଚାଲିବାରେ ଏ ବର୍ଷ ପରି ଦୃଷ୍ଟାନ୍ତ ନାହିଁ। କାହିଁକି ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଏ ଲୀଳା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହିତ ଟିଭିରେ ପଣ୍ଡିତ ମାନେ କହୁଛନ୍ତି, ସାଲବେଗ ବା ଯାଜପୁରର ୧୨ ବର୍ଷର ବାଳକକୁ ଜଗନ୍ନାଥ ଅପେକ୍ଷା କରିଥିଲେ। ମାତ୍ର ସେ ଜଣେ ଦୁର୍ବଳମନା ବ୍ୟକ୍ତି। ତେଣୁ ତାଙ୍କ ମନରେ ବହୁତ ଦ୍ୱନ୍ଦ୍ୱ ଓ ଆଶଙ୍କା ଆସୁଛି। ତା ଭିତରେ ଗତ ବର୍ଷର ରଥଯାତ୍ରାରେ ଘଟିଥିବା ଘଟଣା ଆନ୍ଦୋଳିତ କରୁଛି। ଗତ ବର୍ଷ ବଳଭଦ୍ରଙ୍କୁ ପହଣ୍ଡିବେଳେ ଯେପରି ଅବହେଳା ପ୍ରଦର୍ଶନ କରାଗଲା, ସେଥିପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏପରି ଅବହେଳା ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କର କଣ ଅସନ୍ତୋଷ ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଆମର ଭୁଲ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ କିମ୍ବା ଗଜପତି ପ୍ରଭୁଙ୍କ ପାଖରେ କ୍ଷମା ମାଗି ଓଡିଶା ବାସୀଙ୍କୁ ଅଧିକ କ୍ଷତିରୁ ରକ୍ଷା କରନ୍ତୁ ବୋଲି ନିରଞ୍ଜନ ନିବେଦନ କରିଛନ୍ତି।

## ଭିଆଇପିଙ୍କ ପାଇଁ ମହାପ୍ରଭୁଙ୍କୁ ଅପେକ୍ଷା କରିବାକୁ ପଡୁଛି: ଭକ୍ତ

ଏଥର ରଥଯାତ୍ରାର ଆୟୋଜନ ଅନ୍ୟ ବର୍ଷ ଅପେକ୍ଷା ଅଧିକ ଭଲ ହୋଇଥିଲା ବୋଲି ସରକାର ବାହାସ୍ଫୋଟ ମାରୁଥିଲେ। ତା' ସତ୍ତ୍ୱେ ରଥ ଚାଲିଲା ନାହିଁ। ରାଜ୍ୟ କୋଟିକୋଟି ଜଗନ୍ନାଥ ବିଶ୍ୱାସୀ ଭକ୍ତ ଏହାଦ୍ୱାରା ଗଭୀର ଭାବେ ମାନସିକ ଆଘାତ ପାଇଛନ୍ତି। ସବୁକିଛି ଠିକଠାକ୍ ଥିବାବେଳେ କେଉଁ କାରଣ ପାଇଁ ସରକାର ରାଜ୍ୟବାସୀଙ୍କ ଭାବାବେଗ ସହ ଖେଳିଲେ, ସେ ନେଇ ନିଜେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଦାବି କରିଛନ୍ତି। କେଉଁ ଭିଆଇପିଙ୍କ ପାଇଁ ସରକାର ମହାପ୍ରଭୁଙ୍କର ରଥକୁ ଆଗକୁ ନ ନେଇ ଅପେକ୍ଷା କରାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଭୁଲ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗଜପତି ପ୍ରଭୁଙ୍କ ପାଖରେ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି।

## ବଡ଼ଦାଣ୍ଡରେ କୁନି ରଥକୁ ଭିଡ଼ି ଭକ୍ତ ଭାବବିହ୍ୱଳ



ବଡ଼ଦାଣ୍ଡରେ ବିଭିନ୍ନ ସାହି ପକ୍ଷରୁ ଛୋଟ ପିଲାମାନେ ନିଜ ହାତରେ ଛୋଟ ଛୋଟ ରଥ ପ୍ରସ୍ତୁତ କରିଥା'ନ୍ତି। ଏହି ରଥକୁ ଭିଡ଼ିବାବେଳେ ଭକ୍ତମାନେ ଭାବବିହ୍ୱଳ ହୋଇ ପଡୁଥିଲେ। ଏନେଇ କିଛି ଶ୍ରଦ୍ଧାଳୁ କୁହନ୍ତି, ସିଂହଦ୍ୱାର ଆଗରେ ତିନି ରଥକୁ ଦେଖିପାରୁଛୁ ହେଲେ ସେହି ରଥକୁ ଭିଡ଼ି ପାରୁନାହୁଁ। କିନ୍ତୁ ବଡ଼ଦାଣ୍ଡରେ ଥିବା ଏହି ଛୋଟ ରଥକୁ ଭିଡ଼ିପାରୁଛୁ। ଆମର ସୌଭାଗ୍ୟ ଯେ, ଆମେ ପୁରୀ ଆସିଲୁ ଆଉ ବଡ଼ଦାଣ୍ଡରେ ରଥ ଭିଡ଼ିଲୁ।



ରଥ ଉପରକୁ ବିଜେ ହେଉଛନ୍ତି ମଦନମୋହନ

## ୭ ଡ୍ରୋନ୍ ଖସାଇଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍

ଶ୍ରୀମନ୍ଦିର ନୋ-ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବା ପାଇଁ ଗୁରୁବାର ଆଣ୍ଟି ଡ୍ରୋନ୍ ସିଷ୍ଟମ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଗୁରୁବାର ଦକ୍ଷିଣ ଦ୍ୱାର ପାଶ୍ୱର୍ରେ ଉଡୁଥିବା ଏକ ଡ୍ରୋନ୍‌କୁ ଆଣ୍ଟି ଡ୍ରୋନ୍ ସିଷ୍ଟମ ଖସାଇ ଦେଇଥିବାବେଳେ ପୁଲିସ କର୍ମଚାରୀ ବେଆଇନ ଭାବେ ଡ୍ରୋନ୍ ଉଠାଣବେଳେ ଆଉ ଗୋଟିଏ ଡ୍ରୋନ୍‌କୁ ଜବତ କରିଥିଲେ। ଶୁକ୍ରବାର ମଧ୍ୟ ଏହି ଆଣ୍ଟି ଡ୍ରୋନ୍ ସିଷ୍ଟମ ଆଉ ୭ଟି ଡ୍ରୋନ୍‌କୁ ଖସାଇ ଦେଇଛି ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ତେବେ ରଥଯାତ୍ରା ପୂର୍ବରୁ ବିଭିନ୍ନ ସମୟରେ ଶ୍ରୀମନ୍ଦିରର ନୋ ଫ୍ଲାଇଂ ଜୋନ୍‌ରେ ଯେପରି କୌଣସି ଡ୍ରୋନ୍ ଉଡ଼ିବ ନାହିଁ ତା' ଉପରେ ଗୁରୁତ୍ୱ ଦେଇଥିଲା ପ୍ରଶାସନ। ଏହାସତ୍ତ୍ୱେ ବିଭିନ୍ନ ସମୟରେ ଡ୍ରୋନ୍ ଉଡୁଥିବା ନଜରକୁ ଆସିଥିଲା। ତେଣୁ ଏହା ଉପରେ ସମ୍ପୂର୍ଣ୍ଣ ଭାବେ ଅଙ୍କୁଶ ଲଗାଇବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ ବ୍ୟବସ୍ଥା କର୍ଯ୍ୟକାରୀ କରାଯାଉଛି। ତେଣୁ ଡ୍ରୋନ୍ ଉଡ଼ାଣ ଉପରେ କଟକଣା ଥିବାବେଳେ କିଏ ଏବଂ କାହିଁକି ଜନଗହଳି ସମୟରେ ମନ୍ଦିର ଉପରେ ଡ୍ରୋନ୍ ଉଡ଼ାଉଥିଲେ ତାହାର ତଦନ୍ତ ଚାଲିଛି।

### ଗ୍ରୀନ୍ କରିଡରରେ ଗଡ଼ିଲା ଆମ୍ବୁଲାନ୍ସ

ଗହଳି ଯୋଗୁଁ ନିୟମିତ ଭାବେ ଭକ୍ତମାନେ ଅସୁସ୍ଥ ହୋଇପଡୁଥିଲେ। ସ୍ୱେଚ୍ଛାସେବୀ ସେମାନଙ୍କୁ ଉଦ୍ଧାର କରିବା ପରେ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବା ବଡ଼ ଚ୍ୟାଲେଞ୍ଜ ରହିଥିଲା। ମାତ୍ର ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ବିନା ପ୍ରତିବନ୍ଧକରେ ଆମ୍ବୁଲାନ୍ସ ଯାତାୟାତ ପାଇଁ ହୋଇଥିବା ଗ୍ରୀନ୍ କରିଡର ବ୍ୟବସ୍ଥା ବେଶ୍ ଫଳପ୍ରଦ ହୋଇଥିଲା। ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ମଝିରେ ସ୍ୱେଚ୍ଛାସେବୀ ଦୁଇପାର୍ଶ୍ୱରେ ଧାଡ଼ିବାନ୍ଧି ଛିଡ଼ା ହୋଇ ଆମ୍ବୁଲାନ୍ସ ପାଇଁ କରିଡର୍ ତିଆରି କରିଥିଲେ। ଏହି କରିଡର୍ ଦେଇ ବିନା ବାଧାବିଘ୍ନରେ ଆମ୍ବୁଲାନ୍ସ ହସ୍ପିଟାଲ ଅଭିମୁଖେ ଗଡୁଥିଲା। ଫଳରେ ଅସୁସ୍ଥ ହୋଇପଡ଼ିଥିବା ଶ୍ରଦ୍ଧାଳୁଙ୍କୁ ଖୁବ୍ କମ୍ ସମୟରେ ହସ୍ପିଟାଲରେ ପହଞ୍ଚାଇବା ସହଜ ହୋଇଥିଲା।

### ■ ନାଚିଲେ କୁନି ଭକ୍ତ

ସକାଳୁ ସକାଳୁ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଯାଇଥିବା ବେଳେ ରଥ ପାଖରେ ଦୁଇ କୁନି ଭକ୍ତଙ୍କ ନୃତ୍ୟ ସମସ୍ତଙ୍କୁ ଆମୋଦିତ କରିଥିଲା। ସିଂହଦ୍ୱାର ସମ୍ମୁଖରେ ସେମାନେ ଅବିରତ ଭାବେ ଓଡ଼ିଶୀ ନୃତ୍ୟ କରି ସମସ୍ତଙ୍କ ମନ ଜିଣିଥିଲେ। ପ୍ରଖ୍ୟାତ ଭଜନ ଗାୟିକା ନମିତା ଅଗ୍ରୱାଲ ମଧ୍ୟ ଦୁହିଁଙ୍କ ନୃତ୍ୟ ଦେଖି ପ୍ରଶଂସା କରିଥିଲେ। ଏପରିକି, ଶ୍ରୀମତୀ ଅଗ୍ରୱାଲ ମଧ୍ୟ ସେଠାରେ 'ଜଗନ୍ନାଥେ ହୋ ମୁଁ ଯଦି ତୁମ ଝିଅ ହୁଅନ୍ତି' ଗୀତ ଗାଇଥିଲେ। ତାଙ୍କର ଏହି ଗୀତ ତାଳେ ତାଳେ କୁନି ଭକ୍ତଦ୍ୱୟ ନାଚିବାର ଦୃଶ୍ୟ ସମସ୍ତଙ୍କ ମନକୁ ପାଇଥିଲା।



## ମୁଣ୍ଡ ଗୁଞ୍ଜିବାକୁ ରାହା ଦେଲା ଜେବିପିସି

ଜଗନ୍ନାଥ ବଲ୍ଲଭ ପିଲ୍ଗ୍ରୀମ ସେଣ୍ଟର (ଜେବିପିସି) କେବଳ ଭିଆଇପି ଏବଂ ଭିଭିଆଇପିଙ୍କ ଦାମୀ ଗାଡ଼ିର ପାର୍କିଂ ସମସ୍ୟା ଦୂର କରିଛି ତାହା ନୁହେଁ ଗରିବ ଏବଂ ସାଧାରଣ ଭକ୍ତଙ୍କୁ ମୁଣ୍ଡ ଗୁଞ୍ଜିବାକୁ ରାହା ଦେଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପୂର୍ବର ବିଜେଡି ସରକାର ପରିକ୍ରମା ପ୍ରକଳ୍ପ ସଂଲଗ୍ନ ଅନେକ ପ୍ରକଳ୍ପ ଛିଡ଼ା କରିଛନ୍ତି। ସେଥିମଧ୍ୟରୁ ଜେବିପିସି ହେଉଛି ଅନ୍ୟତମ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠରେ ଏହା ତିଆରି କରାଯାଇଛି। ଶୁକ୍ରବାର ଏହାର ବେସ୍‌ମେଣ୍ଟରେ ନେତା, ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଗାଡ଼ି ପାର୍କିଂ କରାଯାଇଥିବା ବେଳେ ତାହାରି ମଧ୍ୟରେ ଶହ ଶହ ଲୋକ ପିଲାଛୁଆଙ୍କୁ ଧରି ଆଶ୍ରୟ ନେଇଥିବା ଦେଖିବାକୁ ମିଳିଥିଲା। ଯେଉଁମାନେ ଭିଡ଼ ଭିତରେ ହାଲିଆ ହୋଇ ପଡ଼ିଥିଲେ ସେମାନେ ବାହାରକୁ ଆସିବା ପରେ କେଉଁଠି ଆଶ୍ରୟ ନେବେ ସେହି ଚିନ୍ତାରେ ଥିବାବେଳେ ଶ୍ରୀଦାଣ୍ଡ ଦେଇ ଜେବିପିସିରେ ପହଞ୍ଚିଥିଲେ। ବର୍ଷା ଯୋଗୁଁ ବି ଅନେକ ଲୋକ ତା' ଭିତରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଥିଲା।



## କର୍ଡନ ଭିତରେ 'ପ୍ରିୟଙ୍କା'ଙ୍କ ଉପରେ ବୁଲିଲା ଆଖି

ହଁ, ଇଏ ସେହି ପ୍ରିୟଙ୍କା ଯିଏ କିଛିଦିନ ତଳେ ବେଶ୍ ଚର୍ଚ୍ଚାରେ ଥିଲେ। ହରିୟାଣା ୟୁଟ୍ୟୁବର ଜ୍ୟୋତି ମଲହୋତ୍ରାଙ୍କ ବାନ୍ଧବୀ ଭାବେ ତାଙ୍କୁ ନେଇ ନାନା ଚର୍ଚ୍ଚା, ଆଲୋଚନା ହୋଇଥିଲା। ଯେହେତୁ ଜ୍ୟୋତି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରିବା ଅଭିଯୋଗରେ ଗିରଫ ହୋଇଥିଲେ, ତେଣୁ ତାଙ୍କ ସହ ଯେଉଁମାନଙ୍କର ସମ୍ପର୍କ ଥିଲା ସେମାନଙ୍କୁ ଖୋଜି ବୁଲିଥିବା ଏନ୍ଆଇଏ। ଜ୍ୟୋତିଙ୍କ ଲିଙ୍କ୍‌ରେ ପ୍ରିୟଙ୍କା ଥିବାରୁ ଓଡ଼ିଶା ପୁଲିସ ବିଶେଷକରି ପୁରୀ ପୁଲିସ ପ୍ରିୟଙ୍କାଙ୍କୁ ସ୍କାନର୍‌ରେ ରଖିଥିଲା। ଏକାଧିକଥର ତାଙ୍କୁ ଜେରା କରାଯାଇଥିଲା। ଅବଶ୍ୟ ପୁଲିସ ଏବଂ ଏନ୍ଆଇଏ ତଦନ୍ତରୁ କ'ଣ ପ୍ରମାଣ ମିଳିଲା କି ନାହିଁ ସେ ନେଇ କିଛି ସ୍ପଷ୍ଟତା ଆସି ନ ଥିବାବେଳେ ଅଚାନକ ରଥଯାତ୍ରା କର୍ଡନ ଭିତରେ ପ୍ରିୟଙ୍କାଙ୍କୁ ଦେଖିବାକୁ ମିଳିଥିଲା। ତାଙ୍କୁ ନେଇ ଅନେକଙ୍କ ଭିତରେ ଟୁପୁରୁଟାପୁରୁ ଆରମ୍ଭ ହୋଇଥିଲା। ଅବଶ୍ୟ ପ୍ରିୟଙ୍କା ବେଶ୍ ସନ୍ତର୍ପଣର ସହ ନିଜକୁ ଅନ୍ୟମାନଙ୍କ ନଜରରୁ ଦୂରେଇବାକୁ ଚେଷ୍ଟା କରିଥିଲେ। ମୁହଁକୁ ସେ ମାସ୍କ ଦ୍ୱାରା ଆବଦ୍ଧ କରିଥିବାବେଳେ ଅନ୍ୟ ସାଧାରଣ ଭକ୍ତଙ୍କ ଭଳି ରଥଯାତ୍ରା ଦେଖୁଥିଲେ।

## ■ ଆଶୀର୍ବାଦ ପାଲଟିଲା 'ଶ୍ରୀଦାଣ୍ଡ'

# ନବୀନଙ୍କୁ ଝୁରିଲେ ଶ୍ରଦ୍ଧାଳୁ

ଭକ୍ତଙ୍କ ପାଇଁ ଆଶୀର୍ବାଦ ପାଲଟିଲା 'ଶ୍ରୀଦାଣ୍ଡ'। ପୂର୍ବରୁ ଗହଳି ଭିତରୁ ଯଦି କୌଣସି ଶ୍ରଦ୍ଧାଳୁ ବାହାରିଯିବା ପାଇଁ ଯାଉଥିଲେ, ତାଙ୍କୁ ନାକେଦମ୍ ହେବାକୁ ପଡୁଥିଲା। କେଉଁ ରାସ୍ତା ଦେଇ ସେ ଯିବେ, ତାକୁ ନେଇ ଅନେକ ବାଟବଣା ହେଉଥିଲେ। ପୁରୀର ଗଳିକନ୍ଦି ରାସ୍ତାରେ ବୁଲିବୁଲି କିଏ କେଉଁଠି ବାହାରୁଥିଲେ, ତାହାର ଠିକ୍ ଠିକଣା ନଥିଲା। ହେଲେ ଶ୍ରୀଦାଣ୍ଡ ଏହି ସମସ୍ୟା ଦୂର କରିଛି। ଭିଆଇପି ଏବଂ ଭିଭିଆଇପିଙ୍କୁ ମଧ୍ୟ ଭିଡ଼ ଯନ୍ତ୍ରଣାରୁ ଏହି ରାସ୍ତା ମୁକ୍ତି ଦେଇଛି। ବିଶିଷ୍ଟ ବ୍ୟକ୍ତିମାନେ ଶ୍ରୀସେତୁ ଦେଇ ଜେବିପିସିରେ ପହଞ୍ଚିବା ପରେ ସେଠାରେ ବହୁତଳ ପାର୍କିଂରେ ଗାଡ଼ି ରଖୁଛନ୍ତି। ସେଠାରୁ ବ୍ୟାଟେରି ଅଟୋରେ ଶ୍ରୀଦାଣ୍ଡ ଦେଇ ସିଧାସଳଖ ଦୋଳବେଦୀକୁ ବାହାରୁଛନ୍ତି। ସହଜରେ ରଥଯାତ୍ରା ଦର୍ଶନ କରିପାରୁଛନ୍ତି। ସମାନ ଭାବେ ଭିଡ଼ରୁ ବାହାରୁଥିବା ଭକ୍ତ ଏହି ଶ୍ରୀଦାଣ୍ଡ ଦେଇ ଖୁବ୍ କମ୍ ସମୟ ମଧ୍ୟରେ ଜଗନ୍ନାଥ ବଲ୍ଲଭରେ ପହଞ୍ଚି ଯାଉଛନ୍ତି। ତେବେ ଏହି ଶ୍ରୀଦାଣ୍ଡ ଦେଇ ଚାଲିଚାଲି ଯାଉଥିବା ବେଳେ କିଛି ଶ୍ରଦ୍ଧାଳୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସେତବେଳେ ତାଙ୍କ ବ୍ୟକ୍ତିଗତ ସଚିବ ଥିବା ଭି.କେ. ପାଣ୍ଡିଆନଙ୍କୁ ମନେପକାଇ ପ୍ରଶଂସା କରୁଥିଲେ। ଯାହା ହେଉ ନବୀନ-ପାଣ୍ଡିଆନ ଏହି ନୂଆ ରାସ୍ତା କରିଥିବାରୁ ଆଜି ସହଜରେ ଲୋକେ ଯାତାୟାତ କରିପାରୁଛନ୍ତି। ସେମାନଙ୍କୁ ଭିଡ଼ ଭିତରେ ପଶିବାକୁ ପଡୁନାହିଁ ବୋଲି ଆଲୋଚନା କରୁଥିଲେ।

### ■ ଡର ଲାଗିଲା, ପଳାଇ ଆସିଲୁ

ଏଥର ରଥଯାତ୍ରା ପୂରା ଅବ୍ୟବସ୍ଥାରେ ଭରପୂର। ପ୍ରଥମଥର ପାଇଁ ଏତେ ବିଳମ୍ବରେ ନନ୍ଦିଘୋଷ ରଥ ଗଡ଼ିଲା। ଏତେ ଅବ୍ୟବସ୍ଥା ଯେ ଗହଳି ଭିତରକୁ ଯିବାକୁ ଡର ଲାଗିଲା। ଦୂରରୁ ମୁଣ୍ଡିଆ ମାରି ଘରକୁ ପଳେଇଯିବୁ।

ବିଶ୍ୱନାଥ ପରିଡ଼ା, ବାଲିପାଟଣା, ଖୋର୍ଦ୍ଧା

### ■ ଜଗନ୍ନାଥଙ୍କୁ ଦେଖି ପାରିଲୁନି

ସବୁ ବର୍ଷ ଆସୁଛୁ। ଦୂରରୁ ହେଉ ପଛେ ଦର୍ଶନ କରି ଯାଉଥିଲୁ। ଏବର୍ଷ ଆଉ ଜଗନ୍ନାଥଙ୍କୁ ଦେଖିପାରିଲୁନି। ପ୍ରଶାସନ ଯଦି ରଥ ଟାଣିବା ସମୟ ଗୋଟେ କରୁଛି, ଆଉ ଗୋଟେ ସମୟରେ ଟଣାଯାଉଛି। ଏଥିରୁ ପ୍ରଶାସନର ପାରିବାପଣିଆ କେତେ, ତାହା ଜଣାପଡୁଛି।

ରଞ୍ଜନ ବିଶ୍ୱାସ, କଟକ

### ■ ବିଶୃଙ୍ଖଳାର ତଦନ୍ତ ହେଉ

ରଥଯାତ୍ରାରେ ଆଜି ଯେଉଁଭଳି ଭାବେ ଅବ୍ୟବସ୍ଥା ଘଟିଲା, ସେଥିପାଇଁ ପ୍ରଶାସନ ଦାୟୀ। ତାଙ୍କ ମତରେ ରଥ କର୍ଡନ ଏକପ୍ରକାର ସାହାଣମେଲା ହୋଇଯାଇଥିଲା। ବାସ୍ତବରେ ଏତେ ପରିମାଣର କର୍ଡନ ପାସ୍ ବଣ୍ଟାଯାଇଥିଲା ନା ବିନା ପାସ୍‌ଧାରୀ କର୍ଡନରେ ପଶିଥିଲେ, ତାହାର ତଦନ୍ତ ହେବା ଦରକାର। ପୂର୍ବରୁ କର୍ଡନ୍ ଭିତରେ ଏତେ ଲୋକ ପଶିବା କେବେ ଦେଖାଦେଇନଥିଲା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଲେ ଆଗକୁ ରଥଯାତ୍ରାରେ ଆହୁରି ବିଶୃଙ୍ଖଳା ବଢ଼ିବ ଏଥିରେ ସନ୍ଦେହ ନାହିଁ।

ସନ୍ତୋଷ କୁମାର ସାହୁ, ଭକ୍ତ

### ■ ଭିଡ଼ ନିୟନ୍ତ୍ରଣରେ ସରକାର ଫେଲ୍

ଭିଡ଼ ନିୟନ୍ତ୍ରଣ କରିବାରେ ପ୍ରଶାସନ ଫେଲ୍ ମାରିଛି। ରଥ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଅଧିକାରୀମାନେ କହିଥିଲେ ଯେ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛୁ। ଯେତେ ଭକ୍ତ ଆସିବେ ସମସ୍ତେ ଯେପରି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରି ଫେରିବେ, ତା'ର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ହେଲେ ଠିକଣା ସମୟକୁ ସବୁ ଫେଲ୍ ମାରିଛି। ଆଇନ ମନ୍ତ୍ରୀ କହୁଛନ୍ତି, ଆମେ ଯେତିକି ଭକ୍ତ ଆକଳନ କରିଥିଲୁ ତାହାର ଆହୁରି ଦେଢ଼ଗୁଣ ଅଧିକ ଆସିଲେ। ଏଠାରେ ପ୍ରଶ୍ନ ଉଠୁଛି ଭକ୍ତଙ୍କୁ ନିୟନ୍ତ୍ରଣ କରିବା ହେଉଛି ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କର ଦାୟିତ୍ୱ। ନିଜେ ଏହା ନ କରି ଭକ୍ତଙ୍କୁ ଦୋଷ ପେଲିବାର ମାନେ କ'ଣ?

ମନୋରଞ୍ଜନ ପରିଡ଼ା, ଭକ୍ତ

### ■ ପରିଚାଳନା ପୂରା ତ୍ରୁଟିପୂର୍ଣ୍ଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥଯାତ୍ରା ସମୀକ୍ଷା ବୈଠକରେ କହିଥିଲେ ଏଥର ଯେପରି ତ୍ରୁଟିଶୂନ୍ୟ ରଥଯାତ୍ରା ହେବ ସେଥିଲାଗି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରକାର ସେବା ସୁବିଧା କରାଯାଇଛି। ହେଲେ ମୁଖ୍ୟମନ୍ତ୍ରୀ ଯାହା କହିଥିଲେ ତାହାର ଫଳ ଓଲଟା ହୋଇଛି। ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ଯୋଗୁ ଠେଲାପେଲାରେ ଏକାଧିକ ଭକ୍ତ ଆହତ ହୋଇଛି। ଏଥର ରଥଯାତ୍ରା ତ୍ରୁଟିପୂର୍ଣ୍ଣ ବୋଲି କୁହାଗଲେ କିଛି ଅତ୍ୟୁକ୍ତି ହେବ ନାହିଁ।

ସରୋଜ ମିଶ୍ର, ଭକ୍ତ

### ■ ଚାରିଆଡ଼େ ଖାଲି ଅଳିଆ

ସକାଳୁ ଆମେ ଯୋଉ ଖାଦ୍ୟ ଖାଇଥିଲୁ ସେହି ପ୍ଲେଟ୍ ଏବେବି ପଡ଼ିଛି। ସନ୍ଧ୍ୟା ହୋଇଗଲା କିନ୍ତୁ ଅଳିଆ ଉଠିଲା ନାହିଁ। ଦାଣ୍ଡ ପରିଷ୍କାର ପାଇଁ ପ୍ରଶାସନ ପକ୍ଷରୁ ନିୟୋଜିତ ହୋଇଥିବା ଲୋକଙ୍କ ଦେଖାନାହିଁ। ଚାରିଆଡ଼େ ଅଳିଆ ପଡ଼ିଥିବାରୁ ବହୁତ ଦୁଃଖ ଲାଗୁଛି।

ରାକେଶ ସୂତାର, ଯାଜପୁର

### ■ ହଇଜା ଭୟ ଘାରିଲା

ମାଆ, ବାବାଙ୍କୁ ନେଇ ଆସିଥିଲି ରଥ ଦେଖେଇବି ବୋଲି, ହେଲେ ଏତେ ଅବ୍ୟବସ୍ଥା ଯେ ବାବା-ମାଆଙ୍କ ଦେହ ଖରାପ ହୋଇଯିବ। ଶୌଚାଳୟଟିଏ ବଡ଼ଦାଣ୍ଡରେ ନାହିଁ। ଯୁଆଡ଼େ ଦେଖିବ ସେଇଠି ଆଳିଆ ଗଦାଗଦା। ଅଧିକ ସମୟ ରହିଲେ ହଇଜା ସଂକ୍ରମଣ ହେବାର ଭୟ ରହିଛି।

ମଧୁସ୍ମିତା ସୂତାର, ଯାଜପୁର

### ■ ରଥଟଣା ଦେଖିପାରିଲିନି

ରଥଯାତ୍ରା ଦେଖିବାକୁ ଆସିବି ବୋଲି କେବେ ଭାବି ନ ଥିଲି। ଯାହାବି ହେଉ ଭାଗବାନଙ୍କ କୃପାରୁ ପୁରୀ ଆସିଲି, ହେଲେ ରଥଟଣା ଦେଖିପାରିଲି ନାହିଁ। ଏତେ ଦୂରରୁ ଆସି ମନକଷ୍ଟରେ ଫେରିବାକୁ ପଡୁଛି।

ରଶ୍ମିତା ସାହୁ, କଟକ


ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



୯୯ ତମ ଜୟନ୍ତୀ
ତା: ୨୮.୦୬.୨୦୨୫
(ଶନିବାର)

ବାପା,
ଆପଣଙ୍କ ଶୁଭ ଜନ୍ମ ଦିନରେ, ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍କରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି


## ସରକାରଙ୍କ ଅପାରଗତା

# କୋଟି ଓଡ଼ିଆଙ୍କ ଭାବାବେଗକୁ କୁଠାରାଘାତ

ଭୁବନେଶ୍ୱର, ୨୭।୬(ସମିସ): ମିଛ ଓଡ଼ିଆ ଅସ୍ମିତାର କଥା କହୁଥିବା ସରକାର ରଥଯାତ୍ରା ଆୟୋଜନ କରିବାରେ ସମ୍ପୂର୍ଣ୍ଣ ବିଫଳ। ମିଛ କହି ସରକାରକୁ ଆସିଥିବା ସରକାର ମିଛ ଧର୍ମର ରକ୍ଷକ ସାଜିଛି। ଏମିତି ଆଖି ଖୋଲିବା ଦିନଠୁ ରଥଯାତ୍ରାରେ ଯାହା ହୋଇନଥିଲା, ତାହା ଏବେ ଦେଖିବାକୁ ମିଳୁଛି ବୋଲି ବିଜେଡି ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଚଳିତବର୍ଷ ରଥଯାତ୍ରାରେ ବ୍ୟାପକ ବିଶୃଙ୍ଖଳାକୁ ନେଇ ବିଜେଡି ପକ୍ଷରୁ ଡଃ ସାମନ୍ତସିଂହାର ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। କେବଳ ସରକାରଙ୍କ ଅପାରଗତା ଯୋଗୁଁ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଗଭୀର ଆଘାତ ଲାଗିଛି ବୋଲି ସେ କହିଛନ୍ତି।

ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି ଯେ ରଥଯାତ୍ରା ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନ ଗଡ଼ିବା, ଆଖି ଖୋଲିଲା ଦିନରୁ କେବେ ଘଟିନାହିଁ। ଏହି ଅଘଟଣ ସମଗ୍ର ଓଡ଼ିଆ ସମାଜ ଓ ବିଶ୍ୱର ସମସ୍ତ ହିନ୍ଦୁଙ୍କୁ ମର୍ମାହତ କରିଛି। ଏହି ଘଟଣା ରାଜ୍ୟବାସୀଙ୍କୁ ବିଚଳିତ କରିଛି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ଏହି ଘଟଣା ଘଟିଛି। ଯେଉଁ ସରକାର ହିନ୍ଦୁତ୍ୱର ନାରା ଦେଇ ଓ ଓଡ଼ିଆ ଅସ୍ମିତାର କଥା କହି ସରକାରକୁ ଆସିଛି, ସେହି ଦଳ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆୟୋଜନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହା ଦୁଃଖର କଥା।



**ବିଶୃଙ୍ଖଳା ନେଇ ବର୍ଷିଲେ ଲେଖାଶ୍ରୀ**

**ବିଶ୍ୱର ସମସ୍ତ ହିନ୍ଦୁ ମର୍ମାହତ**

ଅନ୍ୟପଟେ, ରଥଯାତ୍ରାରେ ଦଳାଚକଟାରୁ ୬୦୦ରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବ୍ୟାପକ ବିଶୃଙ୍ଖଳା ଦେଖାଯାଇଛି। କିନ୍ତୁ ଏହାକୁ ନେଇ ଆଇନ ମନ୍ତ୍ରୀ କହିଛନ୍ତି ଯେ ଏତେସଂଖ୍ୟାରେ ଲୋକ ଆସିବେ ବୋଲି ଆମେ ଆକଳନ କରି ନ ଥିଲୁ। ମନ୍ତ୍ରୀଙ୍କ ଏଭଳି ଉତ୍ତରକୁ ଲେଖାଶ୍ରୀ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ରଥଯାତ୍ରାକୁ ଆଇନମନ୍ତ୍ରୀ ନିଜର ଜାଗିରୀ ଓ ପୈତୃକ ସମ୍ପତ୍ତି ବୋଲି ଭାବୁଛନ୍ତି। କେବଳ ସେମାନେ ହିଁ ରଥଯାତ୍ରାକୁ ଯିବେ। ସେମାନଙ୍କ ଦଳର ମୁଖ୍ୟ ଲୋକ, ସାଂସଦ, ନେତା ଓ ମନ୍ତ୍ରୀ ଯିବେ। ଅନ୍ୟ ସାଧାରଣଲୋକ ରଥଯାତ୍ରା ଯିବେ ନାହିଁ। ଯଦି ଯିବେ ତେବେ ସରକାରଙ୍କ ଅନୁମତି ନେଇଯିବେ। ରଥଯାତ୍ରାରେ ପ୍ରତିବର୍ଷ ଲକ୍ଷାଧିକ ଲୋକଙ୍କ ଆଗମନ ହୋଇଥାଏ। ତେଣୁ ସବୁପ୍ରକାର ବ୍ୟବସ୍ଥା କରିବା ସରକାରଙ୍କ ଦାୟିତ୍ୱ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ସରକାର ଏହି କାମ କରି ନାହାନ୍ତି। ଏହା ସରକାରଙ୍କ ବିଫଳତା। ତେଣୁ ଏ କଥାକୁ ସ୍ୱୀକାର କରିବା ଉଚିତ ବୋଲି ସେ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେଉଁମାନେ ଚଳିତବର୍ଷ ରଥଯାତ୍ରା ଦେଖିବାକୁ ଆସିବେ, ନିଆରା ଅନୁଭୂତି ନେଇ ଫେରିବେ। ବୋଧହୁଏ ଦଳଚକଟା, ମହାପ୍ରଭୁଙ୍କ ରଥ ନ ଗଡ଼ିବା ଓ ବିଶୃଙ୍ଖଳା ହିଁ ଚଳିତ ବର୍ଷର ନିଆରା ଅନୁଭୂତି ବୋଲି ଲେଖାଶ୍ରୀ କହିଛନ୍ତି।

ଗତବର୍ଷ ରଥଯାତ୍ରାରେ ବଡ଼ଠାକୁର ବଳଭଦ୍ରଙ୍କୁ ଚାରମାଳରେ ପକାଇ ଦେଇଥିଲେ। ଏହି ଘଟଣାରେ ଆଇନମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେବା ସହ ଏହାର ରିପୋର୍ଟ ୧୫ ଦିନରେ ଆସିବ ବୋଲି କହିଥିଲେ। ମାତ୍ର ବର୍ଷେ ପରେ ବି ଏହି ତଦନ୍ତ ରିପୋର୍ଟ ଆସିପାରିନାହିଁ। ତେବେ ଚଳିତ ବର୍ଷରେ ବିଶୃଙ୍ଖଳାର କେବେ ତଦନ୍ତ ହେଉଛି ଓ ଏହାର ରିପୋର୍ଟ କେବେ ପ୍ରକାଶ ପାଉଛି, ତାକୁ ସମସ୍ତେ ଚାହିଁଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।



# ଉତ୍ସବ, ସମାବେଶ ଲୁଟେରାଙ୍କ ମଉକା

ଭୁବନେଶ୍ୱର, ୨୭।୬(ସମିସ)

ଗତ କିଛିଦିନ ଧରି ରାଜଧାନୀରେ ଲୁଟେରାଙ୍କ ରାଜୁତି ବୃଦ୍ଧି ପାଇଛି। ସେମାନେ ବିଭିନ୍ନ ସଭାସମିତିଠାରୁ ଆରମ୍ଭ କରି ଉତ୍ସବ ଓ ଯାତ୍ରାକୁ ଟାର୍ଗେଟ୍ କରୁଛନ୍ତି। ଗତ କିଛିଦିନର ଅପରାଧିକ ସ୍ଥିତିକୁ ଅନୁଧାନ କଲେ ଏହା ଜଣାପଡ଼ିଛି। ଆଜି ଥିଲା ରଥଯାତ୍ରା ମହୋତ୍ସବ। ରାଜଧାନୀର ବିଭିନ୍ନ ସ୍ଥାନରେ ୫୪ଟି ରଥ ଗଡ଼ିଥିବା ବେଳେ ପୂରା ରାଜଧାନୀ ଉତ୍ସବ ମୁଖର ହୋଇପଡ଼ିଥିଲା। ଏଭଳି ଏକ ପାରମ୍ପରିକ ଉତ୍ସବ ଏବଂ ଯାତ୍ରାକୁ ଟାର୍ଗେଟ କରିଥିଲେ ଲୁଟେରା। ରାଜଧାନୀରେ ରଥଯାତ୍ରା ସମୟରେ ଆଜି ବିଭିନ୍ନ ସ୍ଥାନରୁ ୨୦ଟି ଛିନ୍‌ତାଇ ହୋଇଥିବା ବେଳେ ଲୁଟ୍‌ପାଟ କରୁଥିବା ୬ଜଣଙ୍କୁ ଧରି ଅଟକ ରଖିଛି ନୂଆପଲ୍ଲୀ ପୁଲିସ। ରଥଯାତ୍ରାରେ ଆଜି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଯେଉଁ ଭିଡ଼ରେ ଲୁଟେରାମାନେ ଛପି ରହିଥିଲେ। ମଉକା ଦେଖି ଭିଡ଼ରେ ପଶି ସେମାନେ ମହିଳାଙ୍କ ବେକରୁ ସୁନାଚେନ ଏବଂ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ।

କେବଳ ଆଜି ନୁହେଁ ଗତ ୨୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ରୋଡ଼୍ ଶୋ ଦିନ ରାଜଧାନୀରେ ଉତ୍ପାତ ହୋଇଥିଲେ ଅପରାଧୀ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କର୍ମୀଙ୍କୁ ଟାର୍ଗେଟ୍ କରିଥିଲେ ଲୁଟେରା। ସେହିଦିନ କେବଳ ୧୦ଟି ଲୁଟ୍‌ପାଟ୍ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅନେକ ଲୋକ ଲୁଟ୍‌ପାଟ୍‌ର ଶିକାର ହୋଇଥିଲେ ମଧ୍ୟ ଥାନାରେ ଅଭିଯୋଗ କରି ନ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମାବେଶରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ମୋବାଇଲ୍ ମଧ୍ୟ ଲୁଟ୍ କରିଥିଲେ ଦୁର୍ବୃତ୍ତ। ଏ ନେଇ ବିଧାୟକ ମୈତ୍ରୀବିହାର ଥାନାରେ ଅଭିଯୋଗ କରିଥିଲେ



■ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ ବେଳେ ଆତଙ୍କ ଖେଳାଇଥିଲେ ଲୁଟେରା

■ ଖଣ୍ଡଗିରି ମେଳାରେ ଦୈନିକ ୧୦ରୁ ଅଧିକ ଛିନ୍‌ତାଇ

■ ମେଳା ମହୋତ୍ସବ ଦେଖି ରାଜ୍ୟବାହାରୁ ଆସୁଛନ୍ତି ଲୁଟେରା

ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ଲୁଟେରାଙ୍କୁ ଧରିପାରି ନାହିଁ।

କେବଳ ରଥଯାତ୍ରା କି ପ୍ରଧାନମନ୍ତ୍ରୀଙ୍କ ସମାବେଶ ନୁହେଁ ଗତ ବର୍ଷକ ମଧ୍ୟରେ ରାଜଧାନୀରେ ଅନୁଷ୍ଠିତ ଉତ୍ସବ, ସମାବେଶ ଓ ପର୍ବପର୍ବାଣୀକୁ ଟାର୍ଗେଟ୍ କରିଥିଲେ ଲୁଟେରା। ସେମାନେ ରାଜଧାନୀର ବିଭିନ୍ନ ଭିଡ଼ ଅଞ୍ଚଳରେ ଛକି ରହି ଲୁଟ୍ ପାଟ୍ କରିଥିଲେ।

ଜଣେ ପୁଲିସ ଅଧିକାରୀଙ୍କ କହିବାନୁଯାୟୀ ପର୍ବପର୍ବାଣିକୁ ଲୁଟେରାମାନେ ଟାର୍ଗେଟ୍ କରୁଥିବା ବେଳେ ରାଜ୍ୟ ବାହାର ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୁଟେରାମାନେ ମଧ୍ୟ ଭିଡ଼କୁ ଟାର୍ଗେଟ୍ କରିଥାନ୍ତି। ବିଶେଷକରି ଦଶହରା, ରଥଯାତ୍ରାରେ ଏଭଳି ଲୁଟ୍‌ପାଟ୍ ଅଧିକ ହୋଇଥାଏ। ପୂରା ରେକର୍ଡକୁ ଦେଖିଲେ ଖଣ୍ଡଗିରି ଯାତ୍ରାଠାରୁ ଆରମ୍ଭ କରି ଶିବରାତ୍ରି ସମୟରେ ମଧ୍ୟ ଲୁଟେରାମାନେ ଲୋକଙ୍କୁ ଟାର୍ଗେଟ୍ କରିଥାନ୍ତି। ଗତ କିଛିମାସ ତଳେ ରାଜଧାନୀ ଖଣ୍ଡଗିରି କୁମ୍ଭମେଳା ସମୟରେ ଦୈନିକ ୧୦ରୁ ଅଧିକ ଛିନ୍‌ତାଇ ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେମାନେ ତାଙ୍କ ନେଟ୍‌ୱର୍କ ସହାୟତାରେ ବିଭିନ୍ନ ଅଞ୍ଚଳରେ ଛକି ରହି ସୁନାଚେନ୍‌ଠାରୁ ଆରମ୍ଭ କରି ପର୍ସ ଲୁଟି ନେଇଥାନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ବାଇକ୍ ଲୁଟେରା ରହିଥିବା ବେଳେ ଅନ୍ୟ ରାଜ୍ୟର ମହିଳାମାନେ ମଧ୍ୟ ଏହି ରାକେଟ୍ ରହିଛନ୍ତି। ପୂରା ରାଜଧାନୀର ଲୁଟ୍‌ପାଟ୍‌କୁ ଅନୁଧାନ କଲେ ପ୍ରାୟ ୨୦ରୁ ଅଧିକ ରାକେଟ୍ ନିୟମିତ ଲୁଟ୍‌ପାଟରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୧୦ଟି କେବଳ ବିହାରୀ ଲୁଟେରା ଗ୍ୟାଙ୍ଗକୁ ପୁଲିସ ବିଭିନ୍ନ ସମୟରେ ଠାବ କରିଛି। ସେହିଭଳି ମହିଳା ଲୁଟେରା ଗ୍ୟାଙ୍ଗକୁ ମଧ୍ୟ ପୁଲିସ ବିଭିନ୍ନ ସମୟରେ ଠାବ କରିଥିବା ବେଳେ ଅନେକ ରାଜ୍ୟ ବାହାର ଲୁଟେରା ସ୍ଥାନୀୟ ଲୁଟେରାଙ୍କୁ ସହାୟତାରେ ତାଙ୍କ ନେଟ୍‌ୱର୍କ ଚଲାଇ ଆସୁଛନ୍ତି।

## ରଥଯାତ୍ରାରେ ୨୦ ମୋବାଇଲ୍, ୮ ପର୍ସ, ୭ ସୁନାଚେନ୍ ଲୁଟ୍

ଗୋଟିଏ ପଟରେ ପୁଲିସ ରଥଯାତ୍ରା ଡ୍ୟୁରେ ଥିବା ସମୟରେ ଅନ୍ୟପଟରେ ଲୁଟେରା ମାତିଲେ। ଏହି ରଥଯାତ୍ରା ସମୟରେ ଲୁଟେରାମାନେ ଭକ୍ତ ବେଶରେ ପଶି ଲୁଟ୍‌ପାଟ କରିଛନ୍ତି। ଇସ୍କନ ରଥଯାତ୍ରା ସମୟରେ ୧୪ଟି ମୋବାଇଲ୍ ଫୋନ୍ ଚୋରି ହୋଇଥିବା ବେଳେ, ୟୁନିଟ୍-୮ ରଥଯାତ୍ରା ବେଳେ ୪, କିଟ୍ ରଥଯାତ୍ରା ୨ଟି ମୋବାଇଲ୍ ଚୋରି ହୋଇଥିଲା। ସେହିପରି ଇସ୍କନ ରଥଟଣା ବେଳେ ୪ସୁନା ଚେନ୍ ଲୁଟ୍, ବାଣୀବିହାରରେ ୨, କିଟ୍ ର୍‌ଥଟଣାରେ ୩, ଏବଂ ୮ ନମ୍ବରରେ ୨ଟି ସୁନାଚେନ୍ ଲୁଟ୍ ହୋଇଥିଲା। ସେହିପରି ଜୟଦେବ ବିହାର ଓଭରବ୍ରିଜ ଉପରେ ସାଗରିକା ବେହେରା ନାମକ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଛି। ଇସ୍କନ ରଥଟଣା ବେଳେ ୮ଟି ପର୍ସ ଚୋରି ହୋଇଛି। ବଡ଼ କଥା ହେଲା ଲୁଟ୍‌ପାଟ କରୁଥିବା ୬ଜଣଙ୍କୁ ଧରି ଅଟକ ରଖିଛି ନୂଆପଲ୍ଲୀ ପୁଲିସ। ରଥଯାତ୍ରାରେ ଆଜି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଯେଉଁ ଭିଡ଼ରେ ଲୁଟେରାମାନେ ଛପି ରହିଥିଲେ। ମଉକା ଦେଖି ଭିଡ଼ରେ ପଶି ସେମାନେ ମହିଳାଙ୍କ ବେକରୁ ସୁନାଚେନ ଏବଂ ମୋବାଇଲ୍ ଫୋନ୍ ଲୁଟିଥିଲେ।

# ହୋଟେଲ୍ ବୁକିଂ କରିବାକୁ ଯାଇ ୧୫ ଲକ୍ଷ ଗୋଲ୍

● ଫେକ୍ ୱେବ୍‌ସାଇଟ୍‌ରେ ଶିକାର ହେଲେ ବଙ୍ଗୀୟ ଦମ୍ପତି

ଭୁବନେଶ୍ୱର, ୨୭।୬(ସମିସ): ହୋଟେଲ ବୁକିଂ କରି ଠକାମିର ଶିକାର ହୋଇଛନ୍ତି ବଙ୍ଗୀୟ ଦମ୍ପତି। ତାଙ୍କ ଠାରୁ ସାଇବର ଠକ ୧୫ ଲକ୍ଷ ଟଙ୍କା ଲୁଟି ନେଇଥିବା ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ବିନୋଦ ବାନାର୍ଜି ଅଭିଯୋଗ କରିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ସେ, ପୁରୀ ରଥଯାତ୍ରା ଦେଖିବା ପାଇଁ ପଶ୍ଚିମବଙ୍ଗରୁ ବିନୋଦ ଏବଂ ତାଙ୍କ ପରିବାର ଆସିବାର ଯୋଜନା ଥିଲା। ତେଣୁ ସେ ଗୁଗଲରୁ ଭୁବନେଶ୍ୱରରେ ଥିବା ଭଲ ହୋଟେଲ ଖୋଜିଥିଲେ। ହେଲେ ଅସଲି ହୋଟେଲ ନାମରେ ଠକ ଖୋଲିଥିବା ଫେକ୍ ୱେବ୍‌ସାଇଟ୍ ହାବୁଡ଼ରେ ପଡ଼ିଥିଲେ। ତେଣୁ ସେ ଏହାକୁ ଅସଲି ଭାବି ହୋଟେଲ ୧୫ ହଜାର ଟଙ୍କା ଦେଇ ବୁକ୍ କରିଥିଲେ। ପରେ ବିଭିନ୍ନ ବାହାନା ଦେଖାଇ ହୋଟେଲ କର୍ମଚାରୀ ପରିଚୟ ଦେଇ ଆହୁରି ୧୫ ହଜାର ଟଙ୍କା ନେଇଥିଲେ। ଏହିଭଳି ସେ ୧ଲକ୍ଷ ଟଙ୍କା ନେବା ପରେ ପୁଣି ବାହାନା ଦେଖାଇଥିଲେ। ୨ଲକ୍ଷ ଟଙ୍କା ଠକ ନେବା ପରେ ବିନୋଦ କ୍ୟାନ୍‌ସଲ କରିବାକୁ କହିଥିଲେ। ଟଙ୍କା ଫେରସ୍ତ ପାଇଁ ଅଭିଯୁକ୍ତମାନେ ଆହୁରୀ ୨ଲକ୍ଷ ମାଗିଥିଲେ। ଏହିଭଳି ସାଇବର ଠକମାନେ ୧୫ ଲକ୍ଷ ଟଙ୍କା ନେଇଯାଇଥିଲେ। ଠକାମିର ଶିକାର ହୋଇଥିବା ବ୍ୟକ୍ତି ଭୁବନେଶ୍ୱର ଆସି ଉକ୍ତ ହୋଟେଲକୁ ଯିବା ପରେ ତାଙ୍କ ୱେବ୍‌ସାଇଟ୍ ହୋଇ ନ ଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ଜାମିନରେ ଆସି ନାବାଳିକାଙ୍କୁ ଅପହରଣ



ଭୁବନେଶ୍ୱର, ୨୭।୬ (ସମିସ): ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦୁଝର ଜିଲ୍ଲା ଘଷିପୁରାର ପ୍ରଦୀପ ଜେନା ଓରଫ୍ ସିପୁନ (୨୦)। ପୁଲିସ ସୂଚନା ଅନୁସାରେ, ପ୍ରଦୀପ ଖାରବେଳ ନଗର ଥାନା ଅଞ୍ଚଳରେ ଏକ ବସ୍ତିରେ ରହି ବିଜେବି କଲେଜରେ ପଢୁଥିଲେ। ସେହି ବସ୍ତିରେ ରହୁଥିବା ଜଣେ ନାବାଳିକାଙ୍କ ସହିତ ତା'ର ପରିଚୟ ହୋଇଥିଲା। ପ୍ରଦୀପ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଗତ ସପ୍ତାହେ ପୂର୍ବରୁ ଅପହରଣ କରି ନେଇଥିଲା। ଏନେଇ ନାବାଳିକାଙ୍କ ପରିବାର ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗତ ଦୁଇଦିନ ପୂର୍ବରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ପ୍ରଦୀପକୁ ଗିରଫ କରିଥିଲା। ଆଜି ତା'କୁ କୋର୍ଟ ଚାଲାଣ କରିଛି। ତେବେ ଇଏ ପ୍ରଥମ ଘଟଣା ନୁହେଁ, ବରଂ ପୂର୍ବରୁ ମଧ୍ୟ ପ୍ରଦୀପ ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲା। ଧରାପଡ଼ି ଗିରଫ ହେବାପରେ ପ୍ରାୟ ଏକମାସ ଜେଲରେ ରହିଥିଲା। ଜାମିନରେ ଆସିବା ପରେ ପୁଣିଥରେ ତାଙ୍କୁ ଅପହରଣ କରି ନେଇଥିଲା।

## ଏମ୍‌ସରୁ ଧରାପଡ଼ିଲା ଟିକଟ ଦଲାଲ୍



ଭୁବନେଶ୍ୱର, ୨୭।୬ (ସମିସ): ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ଭୁବନେଶ୍ୱରରୁ ପୁଣି ଜଣେ ଟିକଟ ଦଲାଲ୍ ଧରାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି ଏମ୍ସ ନଗରରେ ରହୁଥିବା ରଘୁ ଥାନା କୁସପଲ୍ଲୀ ଗାଁର ଶଙ୍କର ନାୟକ (୨୨)।

ପୁଲିସ ସୂଚନା ଅନୁସାରେ, ଗତକାଲି ସକାଳ ପ୍ରାୟ ସାଢେ ୮ଟା ସମୟରେ ସେକ୍ୟୁରିଟି ଇନଚାର୍ଜ ପଦ୍ମନାଭ କର ଓ ସହକର୍ମୀମାନେ ଓପିଡି ଟିକଟ କାଉଣ୍ଟର ନିକଟରେ ଡ୍ୟୁଟି କରୁଥିଲେ। ସେହି ସମୟରେ ଶଙ୍କର ଓ ତା'ର ସହଯୋଗୀ ଟିକଟ ଲାଗି ଲାଇନରେ ଛିଡ଼ା ହୋଇଥିବା ରୋଗୀ ତଥା ଆଟେଣ୍ଡାଣ୍ଟମାନଙ୍କୁ ଶୀଘ୍ର ଟିକେଟ କରାଇଦେବା ଓ ଭଲ ଡାକ୍ତରଙ୍କ ସହ ପରାମର୍ଶ କରାଇଦେବାକୁ କହି ସେମାନଙ୍କ ନିକଟରୁ ଟଙ୍କା ଆଦାୟ କରୁଥିଲେ। ସୁରକ୍ଷାକର୍ମୀମାନେ କାବୁ କରିବାକୁ ଉଦ୍ୟମ କରିବା ବେଳେ ଦୁହେଁ ଖସିଯିବାକୁ ଉଦ୍ୟମ କରିଥିଲେ। ଶଙ୍କରକୁ ସୁରକ୍ଷାକର୍ମୀମାନେ କାବୁ କରିଥିବାବେଳେ ସହଯୋଗୀ ଖସି ପଳାଇବାରେ ସକ୍ଷମ ହୋଇଥିଲା। ପଦ୍ମନାଭ କରଙ୍କ ଅଭିଯୋଗକ୍ରମେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଶଙ୍କରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିବାହ ଆଳରେ ଦୁଷ୍କର୍ମ; ଇଞ୍ଜିନିୟର ଗିରଫ

ଭୁବନେଶ୍ୱର, ୨୭।୬ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଧୋକାବାଜ ଇଞ୍ଜିନିୟରକୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ସୁନାମୁଣ୍ଡି ଗାଁର ଜିତେନ୍ଦ୍ର କୁମାର ସାହୁ (୨୯)।



ପୁଲିସ ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲାର ଜଣେ ଯୁବତୀ ୨୦୨୨ ମସିହାରେ ଭୁବନେଶ୍ୱରରେ ରହି ଏୟାର ହୋଷ୍ଟେସ ଲାଗି ପାଠ ପଢୁଥିଲେ। ସେହି ସମୟରେ ଜିତେନ୍ଦ୍ର ଭୁବନେଶ୍ୱର ବିମାନବନ୍ଦରରେ ଇଞ୍ଜିନିୟର ଭାବେ ଚାକିରି କରୁଥିଲା। ଭୁବନେଶ୍ୱରରେ ରହିବା ସମୟରେ ଉଭୟଙ୍କ ମଧ୍ୟରେ ପରିଚୟ ହେବା ସହିତ ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀ ଜଣକ ଚାକିରି ଅନ୍ୱେଷଣରେ ଥିବାଏ ଜିତେନ୍ଦ୍ର ତାଙ୍କୁ ଇଣ୍ଡିଗୋ ସମ୍ପର୍କରେ ପରାମର୍ଶ ଦେବା କଥା କହି ଭଡ଼ା ଘରକୁ ଡାକିଥିଲା। ଯୁବତୀ ଜଣକ ଗତବର୍ଷ ମାର୍ଚ୍ଚ ୨୨ ତାରିଖ ଦିନ ପୁରୁଣା ଭୁବନେଶ୍ୱରରେ ଥିବା ଜିତେନ୍ଦ୍ରର ଭଡ଼ା ଘରକୁ ଯାଇଥିଲେ। ସେଠାରେ ଜିତେନ୍ଦ୍ର ତାଙ୍କୁ ବିବାହ କରିବାର ମିଛ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲା। ପରବର୍ତ୍ତୀ ସମୟରେ ପୀଡ଼ିତା ତାଙ୍କୁ ବିବାହ କରିବାକୁ କହିବାରୁ ଜିତେନ୍ଦ୍ର ରୋକଠୋକ ମନାକରି ଦେଇଥିଲା। କରିଦେଇଥିଲା। ଏନେଇ ପୀଡ଼ିତା ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗତକାଲି ପାଟଣାଗଡ଼ରେ ଚଢ଼ଉ କରି ଜିତେନ୍ଦ୍ରକୁ ଗିରଫ କରିଥିଲା। ଶୁକ୍ରବାର ତା'କୁ କୋର୍ଟ ଚାଲାଣ କରିଛି।

# କମିଲା ହୋମିଓପାଥି କଲେଜ ସିଟ୍ ସଂଖ୍ୟା

ଭୁବନେଶ୍ୱର, ୨୭।୬(ସମିସ): ରାଜ୍ୟରେ ପ୍ରସିଦ୍ଧ ଭୁବନେଶ୍ୱରସ୍ଥିତ ଡା. ଅଭିନ ଚନ୍ଦ୍ର ହୋମିଓପାଥି ମେଡିକାଲ କଲେଜ ଓ ହସ୍ପିଟାଲରେ ଏହି ମେଡିକାଲ କଲେଜକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଘନ ଘନ ଗସ୍ତ କଲେ। ଏଠାକାର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ହସ୍ପିଟାଲ କର୍ମଚାରୀ ଭାବିଲେ ହସ୍ପିଟାଲର ଉନ୍ନତି କରାଯିବ ବୋଲି। ସିଟ୍ ସଂଖ୍ୟା ବୃଦ୍ଧି ପାଇବ। ହେଲେ କଲେଜର ସିଟ୍ ସଂଖ୍ୟା ବଢ଼ିବା ବଦଳରେ କମିଗଲା ବୋଲି ସାଧାରଣରେ ଆଲୋଚନା ହେଉଛି।

ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁଁ ନ୍ୟାସନାଲ୍ କମିଶନ ଅଫ୍ ହୋମିଓପାଥି ଆସନ ସଂଖ୍ୟା କମ୍ କରିଥିବା ସୂଚନା ମିଳିଛି। ୟୁଜି ବା ବିଏଚ୍‌ଏମ୍‌ଏସ୍‌ରେ ୬୩ଟି ସିଟ୍ ଥିଲା ବେଳେ ଏହା ହ୍ରାସ ପାଇ ୫୦ରେ ପହଞ୍ଚିଛି। ଚଳିତ ବର୍ଷ ରାଜ୍ୟର ୪ ମହାବିଦ୍ୟାଳୟରେ ପାଠ୍ୟକ୍ରମ ଆସନ ହ୍ରାସ ପାଇଛି। ଏଥିରେ ରହିଛି ଉଭୟ ବିଏଚ୍‌ଏମ୍‌ଏସ୍ ଏବଂ ପିଜି। ଆବଶ୍ୟକୀୟ ଭିତ୍ତିଭୂମି ଏବଂ ମାନବସମ୍ବଳ ଅଭାବ ଥିବାରୁ ନ୍ୟାସନାଲ କମିସନ ଅଫ ହୋମିଓପାଥି(ଏନ୍‌ସିଏଚ) ପକ୍ଷରୁ ଆସନ ହ୍ରାସ କରାଯାଇଥିବା ଜଣାପଡ଼ିଛି। ଗତବର୍ଷ ଜାତୀୟ ହୋମିଓପାଥି ଆୟୋଗ ପକ୍ଷରୁ ହୋଇଥିବା ମେଡିକାଲ ଆସେସମେଣ୍ଟ ଆଣ୍ଡ ହୋମିଓପାଥି ରେଟିଂ ବୋର୍ଡ-୨୦୨୫ ପକ୍ଷରୁ 'ସି' ଗ୍ରେଡ ମିଳିଥିବାବେଳେ ଏବେ ଆସନ କଟିଛି।

ଏହାକୁ ନେଇ ଉଭୟ ଆୟୁକ୍ତ ନିର୍ଦ୍ଦେଶାଳୟ ଏବଂ ସମ୍ପୃକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହୋମିଓପାଥି ଆୟୋଗ ପକ୍ଷରୁ ଏକ ଦଳ ପରିଦର୍ଶନରେ ଆସିଥିବାବେଳେ ସମସ୍ତ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ତାଗିଦ କରିଥିଲେ।



ଏହା ହୋଇନଥିବା ଯୋଗୁଁ ପୂର୍ବରୁ ସି ଗ୍ରେଡ ମିଳିଥିଲା ଏବଂ ଏବେ ପାଠ୍ୟକ୍ରମ ଆସନ ହ୍ରାସ ପାଇଛି। ପୂର୍ବରୁ ଆଇନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ସରକାରଙ୍କ ବରିଷ୍ଠ ଅଧିକାରୀ ଅଭିନଚନ୍ଦ୍ର ଭେଷଜ ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଆୟୁଷ ବିକାଶର କଥା କହିଥିବାବେଳେ ଏବେ ଆସନ ହ୍ରାସ ପାଇଛି। ଏଭଳି ଆସନ ହ୍ରାସ ପାଇବ ହୋମିଓପାଥି ସେବା ଓ ପାଠ୍ୟକ୍ରମକୁ ନେଇ ଏବେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି।

## ନାଲ୍‌କୋ ଛକ ନିୟୁଜ୍‌ପେପର ହକର୍ ସଂଘର ବାର୍ଷିକ ନିର୍ବାଚନ

ଭୁବନେଶ୍ୱର, ୨୭।୬(ସମିସ): ନାଲକୋଛକ ନିୟୁଜପେପର ହକର ସଂଘର ବାର୍ଷିକ ନିର୍ବାଚନ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପଦ୍ମାବତୀ ବିହାର ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସୁରେଶ କୁମାର ପାତ୍ରଙ୍କୁ ନୂତନ ସଭାପତି ଭାବରେ ଘୋଷଣା କରାଯାଇଥିଲା। ସେହିପରି ସାଧାରଣ ସମ୍ପାଦକ ଭାବରେ ଅରୁଣ କୁମାର ଦେ, ଉପସଭାପତି ସାରଦା ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ବିଜୟ କୁମାର ଦୋରା, ଉପ କୋଷାଧ୍ୟକ୍ଷ ଇନ୍ଦ୍ରଜିତ ସାହୁଙ୍କ ନାମ ପର୍ଯ୍ୟାୟକ୍ରମେ ଘୋଷଣା କରାଯାଇଥିଲା। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ପ୍ରଶାନ୍ତ କୁମାର ସାହୁ, ହେମନ୍ତ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ଗଡ଼ାଇ, ସୁଦର୍ଶନ ସାହୁ, ମହେଶ୍ୱର ନାୟକ, ସୌମ୍ୟସୁନ୍ଦର ମହାନ୍ତିଙ୍କ ନାମ ସର୍ବସମ୍ମତି କ୍ରମେ ଘୋଷଣା ହୋଇଛି ବୋଲି ସଂଘର ସାଧାରଣ ସମ୍ପାଦକ ଅରୁଣ ଦେ ସମସ୍ତ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୨୭।୬ (ସମିସ): ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଖରଚଣ୍ଡୀ ନଗରର ଏସକେ ତାଫିକ (୨୦)। ପୁଲିସ ସୂଚନା ଅନୁସାରେ, ଗତ ଏପ୍ରିଲ ମାସ ୫ ତାରିଖ ରାତିରେ ପଟିଆ ରୋଡ ସାହିର ଯାଗା କିରଣ ରାଉ ଓ ତାଙ୍କର ଦୁଇ ବନ୍ଧୁ ମିଶି ଭାଇଙ୍କୁ ସାକ୍ଷାତ କରିବା ଲାଗି ଯାଉଥିଲେ। ସେମାନେ କିଟ୍ ସ୍କୁଲ ଛକ ନିକଟରେ ଏସକେ ତଫିକ୍ ଓ ତାଙ୍କର ଅନ୍ୟ ସହଯୋଗୀ ମାନେ ତାଙ୍କୁ ହଠାତ ବାର୍ଣ୍ଣ ଓ ଲୁହା ଛଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହିତ ସ୍ମାର୍ଟ ୱାଚ ଓ ମୋବାଇଲ ଫୋନକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଆକ୍ରମଣ ଫଳରେ କିରଣ ଗୁରୁତର ଆହତ ହୋଇଥିଲେ। ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି କିରଣଙ୍କୁ ଉଦ୍ଧାର କରି ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଏନେଇ ସେ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଶିଖରଚଣ୍ଡୀ ଛକରେ ଚଢ଼ଉ କରି ତଫିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତଫିକ ନାମରେ ପୂର୍ବରୁ ମଧ୍ୟ ଇନଫୋସିଟି ଥାନାରେ ୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଡେଙ୍ଗୁ ସଚେତନତା ପାଇଁ ବୁଲିବ ଏଲ୍‌ଇଡି ଭ୍ୟାନ୍

ଭୁବନେଶ୍ୱର, ୨୭।୬ (ସମିସ): ଡେଙ୍ଗୁ ସଚେତନତା ପାଇଁ ରାଜଧାନୀରେ ବୁଲିବ ପ୍ରଚାର ଗାଡ଼ି। ବିଏମସି ପକ୍ଷରୁ ଡେଙ୍ଗୁ ନିରାକରଣ ସଚେତନତା ପାଇଁ ଗୋଟିଏ ଏଲଇଡି ଭିଡିଓ ଭ୍ୟାନର ବ୍ୟବସ୍ଥା କରାଯାଇଛି। ବିଶେଷକରି ରଥଯାତ୍ରା ଅବସରରେ, ଏହି ଭ୍ୟାନ ବିଭିନ୍ନ ରଥଯାତ୍ରା ସ୍ଥାନକୁ ଯାଇ ଲୋକଙ୍କୁ ସଚେତନ କରାଇବ। ଡେଙ୍ଗୁ ରୋଗ କିପରି ବ୍ୟାପୁଛି। ଡେଙ୍ଗୁ ରୋଗକୁ କିପରି ଚିହ୍ନଟ କରାଯିବ। ରୋଗ ହେବା ପରେ ହସ୍ପିଟାଲ ଯିବା। ଘର ପରିବେଶକୁ କିପରି ସ୍ୱଚ୍ଛ ରଖାଯିବ। ମଶା ବଂଶବୃଦ୍ଧି ପାଇବାରେ କିପରି ରୋକାଯାଇପାରିବ ସେସମ୍ପର୍କରେ ବର୍ଣ୍ଣ ଦିଆଯିବ। ଏହି ଭ୍ୟାନ ସହର ତାଡିପଟେ ବୁଲି ଡେଙ୍ଗୁ ନିରାକରଣ ବର୍ତ୍ତା ପ୍ରଦର୍ଶନ କରିବ। ସ୍ୱାସ୍ଥ୍ୟ ବିଭାଗରୁ ପ୍ରସ୍ତୁତ ଭିଡିଓଗୁଡ଼ିକ ଏହି ଭିଡିଓ ଭ୍ୟାନରେ ପ୍ରଦର୍ଶିତ ହେବ। ଏହାର ଉଦ୍ଦେଶ୍ୟ ହେଉଛି ଏକ ସ୍ଥାନରେ ଜନସାଧାରଣଙ୍କୁ ସଚେତନ କରାଇବା ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ସ୍ତ୍ରୀଙ୍କୁ ଛୁରାମାଡ଼ କରି ସ୍ୱାମୀ ଗିରଫ

● ମିଳିଲା ୫ ଛୁରି ଓ ଗୋଟିଏ ଫାର୍ସା

ଭୁବନେଶ୍ୱର, ୨୭।୬ (ସମିସ): ପତ୍ନୀଙ୍କୁ ଛୁରାମାଡ଼ କରିଥିବା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମାହାଙ୍ଗା ଥାନା ନୂଆଗାଁ ଗାଁର ଜିତେନ୍ଦ୍ର କୁମାର ବାରିକ (୫୮)।



ପୁଲିସ ସୂଚନା ଅନୁସାରେ, ଜିତେନ୍ଦ୍ର ବାଣପୁର ଅଞ୍ଚଳର ମିନତୀଙ୍କୁ ବିବାହ କରିଥିବା ବେଳେ ଉଭୟଙ୍କର ଦୁଇ ପୁଅ ରହିଛନ୍ତି। ମିନତୀ ଦୁଇପୁଅଙ୍କୁ ନେଇ ସ୍ୱାମୀଙ୍କ ଠାରୁ ଅଲଗା ରହୁଥିବା ବେଳେ ଏମ୍‌ସ ପଛ ପାଖରେ ଥିବା ଶିଶୁ ମନ୍ଦିର ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଚାକିରି କରିଛନ୍ତି। ଗତ ଫେବୃଆରୀ ୨୬ ତାରିଖ ଦିନ ଜିତେନ୍ଦ୍ର ଉକ୍ତ ସ୍କୁଲ ନିକଟକୁ ଆସି ମିନତୀଙ୍କୁ ଡାକିଥିଲେ। ମିନତୀ ଆସି କାରରେ ବସିବା ପରେ ଜିତେନ୍ଦ୍ର ଡ୍ରାଇଭରଙ୍କୁ ଗାଡ଼ି ଚଲାଇବାକୁ କହିଥିଲେ। ମିନତୀ ବିରୋଧ କରିବାରୁ ଜିତେନ୍ଦ୍ର ତାଙ୍କୁ ମାଡ଼ ମାରିବା ସହିତ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ମିନତୀ ଗୁରୁତର ଆହତ ହୋଇଥିଲେ। ଡ୍ରାଇଭର କାର ଅଟକାଇବା କ୍ଷଣି ମିନତୀ ଗାଡ଼ିରୁ ଓହ୍ଲାଇ ଜୀବନ ବଞ୍ଚାଇଥିଲେ। ସେ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଜିତେନ୍ଦ୍ରଙ୍କୁ ଗିରଫ କରିବା ସହିତ ଗୋଟିଏ ବଡ଼ ଛୁରି, ୪ଟି ଛୋଟ ଛୁରି ଓ ଗୋଟିଏ ଫାର୍ସା ଜବତ କରିଥିଲା।

## ମୋବାଇଲ୍ ଚୋରି ଅଭିଯୋଗରେ ଜଣେ ଗିରଫ

ଯାଁଳା, ୨୭।୬(ସମିସ): ଇନଫୋଭ୍ୟାଲି ଥାନା ପୁଲିସ ଜଣେ ମୋବାଇଲ ଚୋରକୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଖୋର୍ଦ୍ଧା ହାଟ ଛକରେ ରହୁଥିବା କାର୍ତ୍ତିକ ସାହୁ ଓରଫ ବଟୁ। ଅଭିଯୁକ୍ତ ବଟୁ ନିକଟରୁ ୩ ଟି ଚୋରି ମୋବାଇଲ ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ସଞ୍ଜୟ ରାଉତଙ୍କ ଭାତଖୁରି ମୌଜାରେ ଏକ ନୂତନ ଘରର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଘର କାର୍ଯ୍ୟରେ ନିଯୁକ୍ତ ମିସ୍ତ୍ରି ଏବଂ ମୂଲିଆ ସମ୍ପୃକ୍ତ ନିର୍ମାଣାଧୀନ ଘରେ ରୁହନ୍ତି। ଗତ ୭ ତାରିଖ ରାତିରେ ଘର କାର୍ଯ୍ୟରେ ନିଯୁକ୍ତ ବିଜୟ ରାଉତ ଓ ଆଶା ଜାନୀ ନାମକ ଦୁଇ କର୍ମଚାରୀ ରାତ୍ରି ଭୋଜନ ସାରି ନିଦରେ ଶୋଇପଡ଼ିବା ପରେ ଅଭିଯୁକ୍ତ ଜଣକ ଭିତରେ ପଶି ଉଭୟଙ୍କ ମୋବାଇଲ ଫୋନ ଚୋରିକରି ନେଇଯାଇଥିଲେ। ରାଧାଚରଣପୁର ରାସ୍ତା ନିକଟରେ କମ ଦାମରେ ଚୋରା ମୋବାଇଲ ଫୋନ ବିକ୍ରିକରିବା ଲାଗି ଗ୍ରାହକ ଖୋଜୁଥିବା ନେଇ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସୂଚନା ଆଧାରରେ ପୁଲିସ ଘଟଣା ସ୍ଥଳରେ ଅଚାନକ ଚଡଉ କରିବା ସହ ଅଭିଯୁକ୍ତଙ୍କୁ କାବୁ କରି ତାଙ୍କ ହେପାଜତରୁ ୩ଟି ଚୋରା ମୋବାଇଲ ଫୋନ ଜବତ କରିଥିଲେ।

# ଶୁଣିଲାନି ପ୍ରଶାସନ; ଅଣ୍ଟା ଭିଡ଼ିଲେ ଲୋକେ

ଭୁବନେଶ୍ୱର, ୨୭।୬(ସମିସ)

ବିଏମ୍‌ସିର ୫ ନମ୍ବର ୱାର୍ଡରେ ମଞ୍ଜନାଥ ନଗର ଅଞ୍ଚଳରେ ନିକଟରେ ଦୟା ୱେଷ୍ଟ ଡିଷ୍ଟ୍ରିବ୍ୟୁଟୋରୀ କେନାଲ ଲିଙ୍ଗିପୁର ଶାଖା ଉପରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଦାବି ହୋଇଆସୁଥିଲା। ଯେଉଁ ପୋଲ ନିର୍ମାଣ ଦ୍ୱାରା ସପ୍ତସତୀ ନଗର ଏବଂ ସତ୍ୟବିହାର ସହ ମଞ୍ଜନାଥ ନଗର ଯୋଡି ହୋଇଥାନ୍ତା। ପୋଲ ନ ଥିବାରୁ ଲୋକେ ବୁଲି ବୁଲି ଯିବା ଆସିବା କରୁଥିଲେ। ସ୍ଥାନୀୟ ଅଞ୍ଚଳବାସୀ ସରକାର ଏବଂ ପ୍ରଶାସନକୁ ଏଥିପାଇଁ ବାରମ୍ବାର ଗୁହାରୀ କରି ଆସୁଥିଲା। କିନ୍ତୁ ପ୍ରଶାସନ ନ ଶୁଣିବାରୁ ସ୍ଥାନୀୟ ଲୋକେ ଅଣ୍ଟା ଭିଡ଼ିଛନ୍ତି।




୨ ମାସ ପରେ ନିର୍ମାଣ ହେଲା ପୋଲ

ପୋଲି ନିର୍ମାଣ ନେଇ ସ୍ଥାନୀୟ ଲୋକେ ପ୍ରଚୀ ଡିଭିଜନ୍‌ର ସୁପରିନ୍‌ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କୁ ପ୍ରଥମେ ଚିଠି ଦେଲେ। ଆଲୋଚନା ବେଳେ ନିର୍ମାଣ କରିବା ନେଇ ପ୍ରତିଶ୍ରୁତି ମିଳିଥିଲା। ହେଲେ ଦୀର୍ଘଦିନ ଧରି ଅପେକ୍ଷା କରିଥିଲେ ମଧ୍ୟ କିଛି ହୋଇପାରି ନ ଥିଲା। ଫଳରେ ଏହି ପୋଲ ନିର୍ମାଣ କରିବାକୁ ପ୍ରଦୀପ ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଅଣ୍ଟା ଭିଡ଼ିଥିଲେ। ଘର ଘର ବୁଲି ପୋଲ ନିର୍ମାଣ ପାଇଁ ଟଙ୍କା ଆଦାୟ କଲେ। ଏହାପରେ ସମସ୍ତେ ମିଳି ମିଶି ପୋଲ ନିର୍ମାଣରେ ଲାଗିପଡ଼ିଲେ। ଏଥିପାଇଁ ୩ଟି ହ୍ୟୁମ୍ ପାଇପ୍ ପକାଯାଇଥିଲା। ଏହା ଉପରେ ରାସ୍ତା ନିର୍ମାଣ କରାଗଲା। ଦୀର୍ଘ ୨ ମାସ ପରେ ଏହାର ନିର୍ମାଣ ଶେଷ ହେଲା।

ଆଜି ମହାପ୍ରଭୁଙ୍କ ରଥଯାତ୍ରା ମହୋତ୍ସବ ଅବସରରେ ଏହି ପୋଲଟିକୁ ଉଦଘାଟନ କରାଯାଇଛି। ଏଥିରେ ସ୍ଥାନୀୟ ଶେଖ ମହମ୍ମଦ ଇସଲାମ ଓ ବିଧାନସଭା କାର୍ଯ୍ୟାଳୟର ଅବସରପ୍ରାପ୍ତ ଉପସଚିବ ବିଜୟ କୁମାର ସାହୁ, ହୃଦାନନ୍ଦ ରାଉତ। ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ସ୍ୱରୂପ ଦାସ, ଅବସରପ୍ରାପ୍ତ ସେନାଧିକାରୀ ତଥା ସତ୍ୟବିହାର ଆସୋସିଏସନ୍ ସମ୍ପାଦକ ଦିବାକର ସାହୁ, ବଂଶୀ ଧର ବ୍ରହ୍ମ, ସରୋଜ ମହାନ୍ତି, ରମେଶ ଦାଶ ଏବଂ ଅବସରପ୍ରାପ୍ତ ସେନାଧିକାରୀ ଶିବଚରଣ ପଡ଼ିଆରି। ଏଥିରେ ସ୍ୱରୁପ ଦାସ ସ୍ୱାଗତ ଭାଷଣ ଦେଇ କହିଥିଲେ ଏହା ହେଉଛି ସମ୍ପର୍କର ସେତୁ। ଯାହା ଏ ଅଞ୍ଚଳକୁ ପରସ୍ପର ମଧ୍ୟରେ ଯୋଡିବାର ଆଉ ଏକ ମାଇଲଖୁଣ୍ଟ। ଏହି ପୋଲଟି ଆଜି ରଥଯାତ୍ରା ଅବସରରେ ଯୋଡ଼ି ହୋଇ ଅନନ୍ୟ ଭାଇଚାରାର ବାର୍ତ୍ତା ଦେବ। ଶେଷରେ ପ୍ରଦୀପ ଜେନା ସହଯୋଗ କରିଥିବା ଲୋକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତଙ୍କ ଭିତରେ ସହଯୋଗର କାମନା କରି ଭାଇଚାରାର ଉଦାହରଣ ସୃଷ୍ଟି କଲେ।

# ସମ୍ପାଦକୀୟ



ସମସ୍ତେ ବିଶ୍ୱକୁ ପରିବର୍ତ୍ତନ କରିବା କଥା କୁହନ୍ତି, କିନ୍ତୁ ନିଜକୁ ପରିବର୍ତ୍ତନ କରିବା କଥା ଭାବନ୍ତି ନାହିଁ।
-ଲିଓ ଟଲଷ୍ଟୟ

ସକାଳ
THE SAKALA

## ବିଶ୍ୱାସ ଓ ଶାନ୍ତି

ଚୀନ୍‌ରେ ସଦ୍ୟ ଅନୁଷ୍ଠିତ 'ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ୍ (ଏସ୍‌ସିଓ)'ର ଚିଠା ପ୍ରସ୍ତାବରେ ଭାରତ ସ୍ୱାକ୍ଷର କରିବାକୁ ରୋକ୍‌ଠୋକ୍ ମନା କରିଦେଇଛି। ଆତଙ୍କବାଦୀ ନିରୋଧ ଏବଂ ଆଞ୍ଚଳିକ ଶାନ୍ତି ସହାବସ୍ଥାନ ଓ ସୁରକ୍ଷା ଏହି ସଂଗଠନର ପ୍ରମୁଖ ଆଭିମୁଖ୍ୟ ହୋଇଥିଲେ ହେଁ ଗତ ଏପ୍ରିଲ୍ ୨୨ ତାରିଖରେ କାଶ୍ମୀରର ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ଉକ୍ତ ଚିଠା ପ୍ରସ୍ତାବରେ ସ୍ଥାନ ପାଇନାହିଁ। ଅଥଚ ପାକିସ୍ତାନର ବାଲୋଚିସ୍ତାନରେ ଗତ ମାର୍ଚ୍ଚ ମାସର ଟ୍ରେନ୍ ଅପହରଣ ଘଟଣା ସ୍ଥାନ ପାଇଛି। ଅର୍ଥାତ୍ ଆଞ୍ଚଳିକ ଶାନ୍ତି ଓ ସହାବସ୍ଥାନ ଦିଗରେ ବାଧାସୃଷ୍ଟିକାରୀ କାରକ ଓ ଘଟଣାମାନଙ୍କ ବିଷୟରେ ଆଲୋଚନା କରି ସ୍ଥାୟୀ ସମାଧାନର ସୂତ୍ର ବାହାର କରିବା ପାଇଁ ଉଦ୍ଦିଷ୍ଟ ଆଜେଣ୍ଡାରେ ବାଲୋଚିସ୍ତାନ ଘଟଣାକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ପହଲ୍‌ଗାମ୍ ଘଟଣାକୁ ଆଦୌ ଗୁରୁତ୍ୱ ଦିଆଯାଇନାହିଁ। ଏଥିରୁ ପାକିସ୍ତାନ ପ୍ରତି ଚୀନ୍‌ର ଦୁର୍ବଳତା ଓ ସହୋଦର ଭାବ ଏବଂ ଭାରତ ପ୍ରତି ଥିବା ବୈରୀ ମନୋଭାବ ପୁଣି ଥରେ ସାମ୍ନାକୁ ଆସିଛି। ଅପରପକ୍ଷରେ ଏସୀୟ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଅସ୍ଥିରତା ଓ ଅଶାନ୍ତିର ବାତାବରଣ ସୃଷ୍ଟି କରିବାରେ ଚୀନ୍ ଓ ପାକିସ୍ତାନର ପ୍ରଚ୍ଛନ୍ନ ଭୂମିକା ଥିବାରୁ ଭାରତ ତା'ର ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଓ କଠୋର ଆଭିମୁଖ୍ୟ ଜରିଆରେ ଦୁଇ ଦୁଷ୍ଟ ପଡ଼ୋଶୀଙ୍କୁ କଡ଼ା ବାର୍ତ୍ତା ଦେଇଛି ଯେ ଆତଙ୍କବାଦକୁ ପ୍ରୋତ୍ସାହନ ଓ ବିସ୍ତାରବାଦୀ ଆଭିମୁଖ୍ୟ ଦ୍ୱାରା ସ୍ଥାୟୀ ଶାନ୍ତି ଓ ପ୍ରଗତି ହାସଲ କରିହେବ ନାହିଁ।

୧୦ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ବିଶ୍ୱର ଏହି ସର୍ବବୃହତ୍ ଆଞ୍ଚଳିକ ସଂଗଠନରେ ଭାରତ ସମେତ ଚୀନ୍, ପାକିସ୍ତାନ, ରୁଷ୍, ଇରାନ୍, କାଜାକ୍‌ସ୍ତାନ, କିରଗିଜ୍‌ସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ ଓ ବେଲାରୁଷ୍ ସଦସ୍ୟ ଅଛନ୍ତି। ୨୦୨୩ରେ ଭାରତ ଏହାର ଅଧ୍ୟକ୍ଷତା କରୁଥିବା ବେଳେ ଗତ ବର୍ଷ ପାକିସ୍ତାନ ଓ ଚଳିତ ବର୍ଷ ଚୀନ୍ ଅଧ୍ୟକ୍ଷତା କରୁଛି। ଉଲ୍ଲେଖଯୋଗ୍ୟ ଯେ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ୍‌ରେ ଚୀନ୍ ଓ ପାକିସ୍ତାନର ପ୍ରତିନିଧି ପ୍ରତ୍ୟକ୍ଷ ଉପସ୍ଥିତ ନଥିଲେ। କିନ୍ତୁ ସଦାସର୍ବଦା ସହଯୋଗ ଓ ଶାନ୍ତିର ବାର୍ତ୍ତା ଦେଉଥିବା ଭାରତ ବନ୍ଧୁତ୍ୱର ହାତ ବଢ଼ାଇଚାଲିଛି ଏବଂ ବନ୍ଧୁତ୍ୱର ପରିଭାଷା ହିଁ ସବୁ ସମସ୍ୟା, ଦ୍ୱନ୍ଦ୍ୱର ସମାଧାନ ବୋଲି ମନ୍ତ୍ର ଦେଇଛି। ଗତବର୍ଷ ଭାରତର ବୈଦେଶିକ ମନ୍ତ୍ରୀ ପାକିସ୍ତାନ ଗସ୍ତରେ ଯାଇଥିବା ବେଳେ ଚଳିତ ବର୍ଷ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତରୁ ପ୍ରତିନିଧିତ୍ୱ କରୁଛନ୍ତି। ଅଥଚ ଚୀନ୍ କିମ୍ବା ପାକିସ୍ତାନ ଶାନ୍ତିର ଭାଷା ବୁଝିପାରୁନାହାନ୍ତି।

ଆତଙ୍କବାଦର ପ୍ରାୟୋଜକ ରାଷ୍ଟ୍ର ଭାବେ ପାକିସ୍ତାନର କୁଖ୍ୟାତି ସାରା ବିଶ୍ୱରେ ବ୍ୟାପୁଥିବା ବେଳେ ଭାରତ ଏହାଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ। ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟ ଯୋଗୁଁ ଭାରତ ସମେତ ଚୀନ୍-ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ସୀମା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିପଦରେ। ଚୀନ୍‌ର ବହୁ ଆକାଂକ୍ଷିତ 'ବେଲ୍ଟ ଆଣ୍ଡ ରୋଡ୍ ପ୍ରକଳ୍ପ(ବିଆରଆଇ)'ର ପାକିସ୍ତାନ ଦୃଢ଼ ଓ ଅନ୍ଧ ସମର୍ଥକ ହୋଇଥିବା ବେଳେ ଏହାଦ୍ୱାରା ଅଂଶୀଦାର ଦେଶମାନଙ୍କର, ବିଶେଷକରି ଭାରତର, ସାର୍ବଭୌମତ୍ୱ ପ୍ରତି ବିପଦ ଆଶଙ୍କା ଥିବାରୁ ଭାରତ ଏହି ପ୍ରକଳ୍ପର ବିରୋଧ କରୁଛି। ତେଣୁ ଚୀନ୍ ପାକିସ୍ତାନ ଜରିଆରେ ଭାରତ ଉପରେ ଦାଉ ସାଧିବାର କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନକୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇ ଦେଇ ଚୀନ୍ ଏହା ପୁଣି ପରୋକ୍ଷରେ ପ୍ରମାଣିତ କରିଥିବା ବେଳେ ଭାରତ ବିରୋଧୀ ଖେଳରେ ବାଂଲାଦେଶକୁ ମୋହରା କରିଛି। ଏହି ପୃଷ୍ଠଭୂମିରେ 'ଏସ୍‌ସିଓ'ରେ ପହଲ୍‌ଗାମ୍ ଘଟଣା ସ୍ଥାନ ନ ପାଇବା ସେତେ ଆଶ୍ଚର୍ଯ୍ୟଜନକ ନୁହେଁ।

ସାମ୍ପ୍ରତିକ ଯୁଦ୍ଧମୁହାଁ ବିଶ୍ୱରେ ଅନେକ ରାଷ୍ଟ୍ରର ସାର୍ବଭୌମ ସଙ୍କଟାପନ୍ନ। ଦ୍ୱିପାକ୍ଷିକ ସମ୍ପର୍କରେ ବିଶ୍ୱାସର ଅଭାବ ହିଁ ଏଥିପାଇଁ ଦାୟୀ। ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଅବିଶ୍ୱାସର ବାତାବରଣକୁ ଆହୁରି ଉତ୍କଟ କରୁଛି ଆତଙ୍କବାଦ। ସହଯୋଗ, ସମନ୍ୱୟ, ନିଃସ୍ୱାର୍ଥପର ବନ୍ଧୁତ୍ୱ ଓ ବିଶ୍ୱାସ ବିନା ଏହି ସମସ୍ୟାର ସମାଧାନ ଅସମ୍ଭବ। 'ଏସ୍‌ସିଓ'ର ଚିଠାପ୍ରସ୍ତାବରେ ଭାରତ ସ୍ୱାକ୍ଷର କରିବାକୁ ମନା କରିଦେଇ ସଦସ୍ୟ ରାଷ୍ଟ୍ର ସମେତ ବିଶ୍ୱକୁ ଏହି ମନ୍ତ୍ର ଦେଇଛି। ବିଶ୍ୱ ସମୁଦାୟକୁ 'ଏସ୍‌ସିଓ' ସଦସ୍ୟ ରାଷ୍ଟ୍ର ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳର ଯୋଗଦାନ ଉଲ୍ଲେଖନୀୟ ଥିବାରୁ ଜାତିସଂଘରେ ପଶ୍ଚିମ ରାଷ୍ଟ୍ରର ବିକଳ୍ପ ହେବା ପାଇଁ ଉଦ୍ୟମ ହେବା ସହିତ ସୁରକ୍ଷା ପରିଷଦ ଅଧିକ ସ୍ୱଚ୍ଛ, ଦକ୍ଷ, ଗଣତାନ୍ତ୍ରିକ, ପ୍ରଭାବଶାଳୀ, ଉତ୍ତରଦାୟୀ ହେବା ଆବଶ୍ୟକ। କିନ୍ତୁ ଏ ଦିଗରେ ଚୀନ୍ ଓ ପାକିସ୍ତାନର ଆଭିମୁଖ୍ୟ ପରିବର୍ତ୍ତନ ନ ହେବା ଯାଏଁ ଆଞ୍ଚଳିକ ଶାନ୍ତି ସହାବସ୍ଥାନ ସମ୍ଭବ ହୋଇପାରିବ ନାହିଁ।

ଏହି ଅବସରରେ ରାଜନାଥ ସିଂହ ଚୀନ୍ ପ୍ରତିପକ୍ଷ ଆଡ଼ମିରାଲ୍ ଡୋଙ୍ଗ ଜୁନ୍‌ଙ୍କୁ ସ୍ୱତନ୍ତ୍ର ଭାବେ ଆଲୋଚନା କରି ପହଲ୍‌ଗାମ ଘଟଣା ଓ 'ଅପରେସନ୍ ସିନ୍ଦୂର' ବିଷୟରେ ସବିଶେଷ ତଥ୍ୟ ରଖି ପୁଣି ଥରେ ଅବଗତ କରାଇଥିବା ବେଳେ ଅନ୍ୟ ସଦସ୍ୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହିତ ବ୍ୟକ୍ତିଗତ ଆଲୋଚନା ସମୟରେ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପାଇଁ ବିଶ୍ୱାସ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ବିଶେଷକରି ଭାରତ-ଚୀନ୍ ସୀମା ଉତ୍ତେଜନା ଯେଉଁଭଳି ଭାବେ ଦ୍ୱିପାକ୍ଷିକ ବିଶ୍ୱାସ ଆଧାରିତ ଆଲୋଚନା ଜରିଆରେ ସଫଳ ହେଲା ତାହାର ଉଦାହରଣ ଦେଇ ଭବିଷ୍ୟତରେ ମଧ୍ୟ ଦୁଇରାଷ୍ଟ୍ର ମଧ୍ୟରେ ବିଶ୍ୱାସ ଓ ସହଯୋଗ ଆଧାରିତ ସମ୍ପର୍କକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି। ଏହିକ୍ରମରେ ଚୀନ୍ ପ୍ରତିପକ୍ଷଙ୍କ ସହିତ ରାଜନାଥ ସିଂହ ଗତ ପାଞ୍ଚ ବର୍ଷ ମଧ୍ୟରେ ଚାରିଥର ଭେଟି ସମାନ କଥା ଦୋହରାଇଛନ୍ତି। ଆଡ଼ମିରାଲ୍ ଜୁନ୍ ମଧ୍ୟ ଆପୋସ ଆଲୋଚନା ଓ ବିଶ୍ୱାସ ବଳରେ ପ୍ରତିବେଶୀ ସମ୍ପର୍କ ସୁଦୃଢ଼ ହେଉଥିବା ଏବଂ ଏହାଦ୍ୱାରା ଆଞ୍ଚଳିକ ଓ ବିଶ୍ୱଶାନ୍ତି ସମ୍ଭବ ହୋଇପାରିବ ବୋଲି ସହମତ ହୋଇଛନ୍ତି। କିନ୍ତୁ ଏହି ଦୁଷ୍ଟ ରାଷ୍ଟ୍ର ତା'ର ପ୍ରତିଶ୍ରୁତି କେବେ ପାଳନ କରିବାର ଉଦାହରଣ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ଅବସରରେ ରାଜନାଥ ସିଂହ ରୁଷ ପ୍ରତିପକ୍ଷଙ୍କୁ ଭେଟି 'ଅପରେସନ୍ ସିନ୍ଦୂର'ରେ ରୁଷ ନିର୍ମିତ ଏସ୍-୪୦୦ ଏବଂ ସୁଖୋଇ ଲଢ଼ୁଆ ବିମାନର ପାରଦର୍ଶିତା ପାଇଁ କୃତଜ୍ଞତା ଜଣାଇଛନ୍ତି ଏବଂ ଆଗକୁ ମଧ୍ୟ ଏଭଳି ପ୍ରତିରକ୍ଷା ସହଯୋଗ ପାଇଁ ଆଶା ରଖିଛନ୍ତି। ଆମେରିକା ଏବେ ଯେଉଁଭଳି ଭାବେ ପାକିସ୍ତାନ ପଟକୁ ଢଳୁଛି ସେହି ଦୃଷ୍ଟିରୁ ପୁରୁଣା ମିତ୍ର ରାଷ୍ଟ୍ର ରୁଷର ସହଯୋଗ ଭାରତ ପାଇଁ ଏକାନ୍ତ ଆବଶ୍ୟକ।

'ଅପରେସନ୍ ସିନ୍ଦୂର' ପରବର୍ତ୍ତୀ ସମୟରେ ଭାରତ ତା'ର ବହୁଦଳୀୟ ରାଷ୍ଟ୍ରଦୂତମାନଙ୍କ ଜରିଆରେ ଯେଉଁ ବାର୍ତ୍ତା ବିଶ୍ୱ ସମୁଦାୟକୁ ଦେଇଥିଲା ସଦ୍ୟସମାପ୍ତ 'ଏସ୍‌ସିଓ'ରେ ତାହାକୁ ପରୋକ୍ଷରେ ଦୋହରାଇଛି। ଏଥିସହିତ ପଡ଼ୋଶୀ ରାଷ୍ଟ୍ରକୁ ଚେତାବନୀ ଦେଇଛି ଯେ ଆତଙ୍କବାଦ ନିରୋଧ କାର୍ଯ୍ୟକ୍ରମରେ ଦ୍ୱିଧାପ୍ରତିତୋଷଣ କିମ୍ବା ବଶମ୍ବଦତା ଆଦୌ ଗ୍ରହଣୀୟ ନୁହେଁ। ଆତଙ୍କର ମୂଳୋତ୍ପାଟନ ଏବଂ ଶାନ୍ତି ସହାବସ୍ଥାନ ପାଇଁ ଭାରତ ସହଯୋଗ କରିବାକୁ ସଦା ଆଗ୍ରହୀ। କିନ୍ତୁ ଏଥିରେ ପକ୍ଷପାତିତାକୁ ଭାରତ ଆଦୌ ବରଦାସ୍ତ କରିବ ନାହିଁ।

## ଅପାର-ଆଧାର କଷଣ

ପ୍ରଭାତ କୁମାର ସାହୁ

'ଆଧାର' ଭାରତୀୟ ନାଗରିକଙ୍କ ଅନନ୍ୟ ପରିଚୟପତ୍ର। କିନ୍ତୁ ଏହା ନାଗରିକ ପରିଚୟପତ୍ର ନୁହେଁ ବୋଲି କାର୍ଡରେ ଉଲ୍ଲେଖ ରହିଛି। 'ଅଟୋମେଟେଡ୍ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ ରେଜିଷ୍ଟ୍ରି' ବା 'ଅପାର' ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସ୍ତର ଆକଳନ ନିମନ୍ତେ ବ୍ୟାଙ୍କ ପାସବୁକ୍ ପରି ଏକ ବୈଦ୍ୟୁତିକ ଦସ୍ତାବିଜ୍। ଏହା ମଧ୍ୟ ବିଦ୍ୟାର୍ଥୀମାନଙ୍କ ଏକ ପ୍ରମାଣପତ୍ର ସଦୃଶ। କିନ୍ତୁ ଏହି 'ଅପାର ଆଇଡି' ବର୍ତ୍ତମାନ ହଜାର ହଜାର ଶିକ୍ଷାର୍ଥୀଙ୍କ ସହିତ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସମସ୍ୟା ପାଲଟି ଯାଇଛି।

ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାୟତନର ସମସ୍ତ ତଥ୍ୟ ୟୁଡାଇସ୍ ପୋର୍ଟାଲରେ ସଂରକ୍ଷିତ। ୟୁନିଫାଏଡ ଡିଜିଟାଲ ଇନଫର୍ମେସନ୍ ଅନ୍ ସ୍କୁଲ ଏଜୁକେସନ୍ (ୟୁଡାଇସ୍ ପ୍ଲସ୍) ଡାଟାବେସରୁ ବିଦ୍ୟାଳୟ ସ୍ଥାପନା, ବର୍ତ୍ତମାନର ସ୍ଥିତି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମସ୍ତ ତଥ୍ୟ ଓ ଉପସ୍ଥାନ ସେଥିରେ ଉପଲବ୍ଧ। ବର୍ତ୍ତମାନ ସେସବୁ କାର୍ଯ୍ୟ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଏମ୍‌ଆଇଏସଙ୍କ ତତ୍ତ୍ୱାବଧାନରେ କରାଯାଉଥିଲେ ମଧ୍ୟ ସାଧାରଣ ଶିକ୍ଷକମାନେ ଶିକ୍ଷଣ, ଶିକ୍ଷାଦାନ ଓ ଅଣଶିକ୍ଷଣ କାର୍ଯ୍ୟ ସହିତ ୟୁଡାଇସ୍ ପ୍ଲସରେ ଡେଟା ଅପଲୋଡ୍ କରିବାକୁ ବାଧ୍ୟ ହେଉଛନ୍ତି। ଶ୍ରେଣୀ ଅନୁଯାୟୀ ଶିକ୍ଷକ ନଥିବା ବିଦ୍ୟାଳୟରେ ଏହା ଅଧିକ ବୋଝ ପରି ଲାଗୁଛି। ପିଲାର ସମସ୍ତ କାଗଜପତ୍ର ଗ୍ରାମାଞ୍ଚଳର ପିତାମାତା ସଠିକ ଭାବେ ନିର୍ଦ୍ଧାରିତ ସମୟରେ ଦାଖଲ କରି ପାରନ୍ତି ନାହିଁ। ଯାହାଫଳରେ ଛାତ୍ରଛାତ୍ରୀ ପରୀକ୍ଷା ଭାବେ ହଇରାଣ ହୁଅନ୍ତି ଏବଂ ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା କରନ୍ତି।

ପିଲାମାନଙ୍କର ଜନ୍ମ ପ୍ରମାଣପତ୍ର, ନାମଲେଖା ପଞ୍ଜିକା ଓ ଆଧାର କାର୍ଡ ମଧ୍ୟରେ ତାଳମେଳ ରହୁନଥିବାରୁ ଅପାର ଆଇଡି ଜେନେରେଟ୍ ହେବା ଅସମ୍ଭବ ହେଉଛି। ଅପାର ଆଇଡି ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟସ୍ତରୀୟ ସମସ୍ତ ପ୍ରଗତିକୁ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍‌ସ୍ ତଥା ବ୍ୟାଙ୍କ ପାସବୁକରେ ସଞ୍ଚିତ ରଖିବା ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ରେ ଗୁରୁତ୍ୱ ଦିଆଯାଇଛି। 'ୱାନ୍ ନେସନ ୱାନ ଏଜୁକେସନ୍ ଆଇଡି ସିଷ୍ଟମ'କୁ ପ୍ରାଧାନ୍ୟ ଦେଇ 'ଅପାର' ସ୍ୱତନ୍ତ୍ରତା ବଜାୟ ରଖିଛି। ଏହାର ଉଦ୍ଦେଶ୍ୟ ମହତ୍ ହୋଇପାରେ, କିନ୍ତୁ ଏଥିରେ ଛନ୍ଦି ହୋଇ ପଡୁଛନ୍ତି ସାଧାରଣ ଅଭିଭାବକ ଯାହାଙ୍କର ତଥ୍ୟଗତ ଓ ଦସ୍ତାବେଜ ଅଭାବ ରହୁଛି। 'ଅପାର'ର ବାରଟିଙ୍କ ବିଶିଷ୍ଟ ସଂଖ୍ୟା ଯେ ବାଧ୍ୟତାମୂଳକ ନୁହେଁ ଏହା କହି ଗ୍ରାମାଞ୍ଚଳର ନିରୀହ ଅଭିଭାବକଙ୍କୁ ବୁଝାଇବାକୁ କେହି ପ୍ରସ୍ତୁତ ନୁହନ୍ତି।

ୟୁଡାଇସରେ ପେନ୍ (ପରମାନେଣ୍ଟ ଏଜୁକେସନ ନମ୍ବର) ଥାଇ ଓଡ଼ିଆ ଓ ଇଂରାଜୀ ନାମର ବନାନରେ ଅସମାନତା, ସାଙ୍ଗିଆରେ ତ୍ରୁଟି, ଲିଙ୍ଗଗତରେ ଭିନ୍ନତା, ଜନ୍ମ ପ୍ରମାଣ ପତ୍ର ଓ ଆଧାର କାର୍ଡରେ ଜନ୍ମ ତାରିଖ ଅଲଗା ହୋଇଥିବାରୁ 'ଅପାର' ଆଇଡି ସୃଷ୍ଟି ହୋଇପାରୁନାହିଁ। ଏ ପ୍ରକାର ସମସ୍ୟା ହେତୁ ହଜାର ହଜାର ବିଦ୍ୟାର୍ଥୀ ଏବେ 'ଅପାର'ରୁ ବଞ୍ଚିତ। ଏସବୁ ସମାଧାନ ପାଇଁ ଆଧାର କାର୍ଡ ଅଦ୍ୟତନ ବା ଅପଡେଟ୍ ହେବା ନିହାତି ଦରକାର। ପ୍ରଥମେ ଆଧାର ସଂଶୋଧନ ନିଜର ମୋବାଇଲ ଫୋନ୍ ମାଧ୍ୟମରେ କେଉଁମାନଙ୍କ ଦେଉଥିଲା। ଏବେ ସେହି କାର୍ଯ୍ୟ ସମାପନ ଜଟିଳ ହୋଇପଡୁଛି। ଆଧାର ସହିତ ଫୋନ୍ ନମ୍ବର ସଂଯୋଗୀକରଣ, ବାୟୋମେଟ୍ରିକ ଅପଡେଟ୍, ବନାନ ସଂଶୋଧନ ଆଦି ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସଂସ୍ଥା ଓ କର୍ତ୍ତୃପକ୍ଷ କିମ୍ବା ସ୍ୱୀକୃତିପ୍ରାପ୍ତ ଜନସେବା କେନ୍ଦ୍ରରେ ହେଉଥିବାରୁ ଅଭିଭାବକ ଓ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ୟୁଆଇଡିଏଆଇ (ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟି ଅଫ୍ ଇଣ୍ଡିଆ) ଅନୁଷ୍ଠାନ ସମଗ୍ର ଦେଶରେ ଏହି ଏକକ ଅନନ୍ୟ ପରିଚୟ ପତ୍ର ପ୍ରସ୍ତୁତି ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିଥିଲେ ହୁଏତ କୋଟି କୋଟି ନାଗରିକ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ଆଜି ହନ୍ତସନ୍ତ ହେଉ ନଥାନ୍ତେ।

ଜନ୍ମ ସମୟରେ ପିତାମାତା ପିଲାଙ୍କ ନାମ ମନ ଖୁସିରେ ଦିଅନ୍ତି, କିନ୍ତୁ ସେହି ନାମକୁ ଟାଇପ କରିବା ବେଳେ ଅପରେଟରଙ୍କ ତତରବରିଆ ଭାବ ନାମର ବନାନ ଅଶୁଦ୍ଧି ବା ବିକୃତୀକରଣ କରିବାର ଆଶଙ୍କା ଉପୁଜିଥାଏ। ଆଦିବାସୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଶିଶୁମାନଙ୍କ ନାମ ଲେଖିବାରେ ଭୁଲ୍ ହେବା ସ୍ୱାଭାବିକ୍। ଉପାନ୍ତ ଅଞ୍ଚଳରେ ଅଭିଭାବକ ଅଧିକ ଅସୁବିଧାରେ ପଡୁଛନ୍ତି। ଏହି ଭୁଲ୍ ଥିବା ସତ୍ତ୍ୱେ ପରବର୍ତ୍ତୀ ପର୍ଯ୍ୟାୟରେ ପିଲାମାନଙ୍କ ପଠନ ସମୟରେ 'ଆଧାର'ରେ ଥିବା ପଞ୍ଜିକୃତ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଇ ନାମକୁ ଅଣଦେଖା କରାଯାଏ। ଫଳତଃ ନାମର ସଂଶୋଧନ ଆବଶ୍ୟକ ବେଳେ ଅନେକ ସମୟର ସମ୍ମୁଖୀନ ହୁଅନ୍ତି ଅଭିଭାବକ। ବେଳେବେଳେ ଏମିତି ହୁଏ ଯେ ପିଲାଙ୍କ ପ୍ରକୃତ ଜନ୍ମ ତାରିଖ, ନାମ ବା ବାସସ୍ଥାନକୁ ଅନିଚ୍ଛାକୃତ ଭାବେ ଶିକ୍ଷକ ଓ ଅଭିଭାବକ ଗ୍ରହଣ କରି ନିଅନ୍ତି। ୟୁଡାଇସ୍ ପ୍ଲସ୍ ଷ୍ଟୁଡେଣ୍ଟ ମଡ୍ୟୁଲରେ ଶିଶୁମାନଙ୍କର ତଥ୍ୟ ଅପଲୋଡ୍ ନହେଲେ ଅସୁବିଧାରେ ପଡ଼ନ୍ତି ଶିକ୍ଷକ। ପିଲାଙ୍କ ଭବିଷ୍ୟତ ଅପେକ୍ଷା ବର୍ତ୍ତମାନର କାଗଜ ଡାଷ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ।

କୋଟି କୋଟି ଜନସାଧାରଣଙ୍କ 'ଆଧାର' ସଂଶୋଧନ ପାଇଁ 'ଆଧାର' କେନ୍ଦ୍ରଗୁଡ଼ିକୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର(ଓକାକ)କୁ ଦାୟିତ୍ୱ ପ୍ରଦାନ କଲା ପରେ ସେମାନଙ୍କ ମନମୁଖି କାର୍ଯ୍ୟକଳାପ ବେଳେବେଳେ ଅସହ୍ୟ ହୁଏ। ଜନସେବା କେନ୍ଦ୍ରମାନ ଅନେକ ପ୍ରକାରର କାଗଜ ଓ ପ୍ରମାଣପତ୍ର ନିହାତି ଜରୁରୀ ବୋଲି କହୁଛନ୍ତି। କିଏ କହୁଛି କମ୍ପ୍ୟୁଟରାଇଜ୍‌ଡ ଜନ୍ମ ପ୍ରମାଣପତ୍ର ଦରକାର ତ କିଏ କହୁଛି ସ୍ଥାୟୀ ବାସସ୍ଥାନ ବା ଜନ୍ମସ୍ଥାନର ପ୍ରମାଣପତ୍ର ବାଧ୍ୟତାମୂଳକ। କିଏ କହୁଛି ଆଗେ ବାୟୋମେଟ୍ରିକ ଅପଡେଟ୍ କର ତ କିଏ ପରାମର୍ଶ ଦେଉଛି ଗେଜେଟ୍ ନୋଟିଫିକେସନ ସହିତ ଖବରକାଗଜରେ ସତ୍ୟପାଠ ଛାପି ତା'ର 'କଟି' ନେଇ ଓକାକ ଯାଅ।

ଆରେ ଭଲ ପାଲା। ଆମ ପିଲା ପଢ଼ିବେ ବୋଲି ବିଲ ବାଡ଼ି ଘର ଦ୍ୱାର ଛାଡ଼ି ଆଧାର କାର୍ଡ ସଂଶୋଧନ କରିବା ପାଇଁ ଭୁବନେଶ୍ୱରରେ ଅଧିଆ ପଡ଼ିବାକୁ କାହାର ବେଳ ଅଛି? ଏକଥା ସିନା ଦେଇଯାଉ ଭାବେ ଭଲ କହିଦେଲେ, କିନ୍ତୁ ଏହି ମାନସିକତା ସମସ୍ତ ମଣିଷଙ୍କ ପାଖେ ପରିଲକ୍ଷିତ ହେଉଛି। ଜନମଙ୍ଗଳ ସରକାର ସାଧାରଣ ଜନତାଙ୍କ ପାଇଁ ଔଷଧ ବଣ୍ଟନ କରିବା ପରି ବା ଜମିଜମା ସଂକ୍ରାନ୍ତ ମାମଲାକୁ ଘରକୁ ଘର ବୁଲି ସମାଧାନ କରିବା ଭଳି ଆଧାର ସଂଶୋଧନ କଲେ ଭଲ ହୁଅନ୍ତା। ଅବଶ୍ୟ ମଝିରେ କୁଷ୍ଟରଗରାୟ ଯୋଉଁ କ୍ୟାମ୍ପ ପଡ଼ିଥିଲା ସେଥିରେ ମୁଣ୍ଡ ଗଣତି କେତେଜଣ ଉପକୃତ ହେଲେ। ସେଠାରେ କେବଳ ସାମାନ୍ୟ ତ୍ରୁଟିକୁ ସୁଧାରି ଦିଆଯାଇ ପାରିଲା। ବୃହତ୍ତର ତ୍ରୁଟିରେ କେହି ହାତ ମାରିଲେ ନାହିଁ। 'ଆଧାର' କେନ୍ଦ୍ରକୁ ଗଲେ କେହି ଦୃଢ଼ ଭାବରେ କହି ପାରୁନଥା'ନ୍ତି ଯେ ଗ୍ରାହକଙ୍କ ଦରଖାସ୍ତ ମଞ୍ଜୁର ହେବ ବୋଲି। ଅଭିଭାବକ ଟଙ୍କା ଖର୍ଚ୍ଚ କରନ୍ତି। ନଗଦ କାରବାର ବା ଦେୟ ବା ପ୍ରଦାନର ସୂଚନା ହସ୍ତଗତ ହୁଏ। କମ୍ପ୍ୟୁଟରରେ ଆପ୍ଲିକେସନ ଅପଲୋଡ୍ ହେଲା ପରେ ଓକାକ ଦ୍ୱାରା ରିଜେକ୍ଟ୍ ମେସେଜ(ଅଗ୍ରାହ୍ୟ ବା ନାକଚ ବାର୍ତ୍ତା) ଆସିଲେ ମଧ୍ୟ ଦାଖଲ କରାଯାଇଥିବା ଟଙ୍କା ଫେରସ୍ତ ହୁଏ କି ନାହିଁ ଜଣାପଡ଼ୁନାହିଁ। ଯେବେ ଟଙ୍କା ଫେରେ ଜନସେବା କେନ୍ଦ୍ରର କର୍ମଚାରୀ କିମ୍ବା ମାଲିକଙ୍କ ଆକାଉଣ୍ଟକୁ ଯାଏ।

'ଆଧାର' ସଂଶୋଧନ ଅନେକ ପ୍ରକାରର ରହିଛି। ଗୋଟିଏ ତ୍ରୁଟି ସଜାଡ଼ିଲେ ଆଉ କେତୋଟି ଭୁଲ୍ ଦୃଷ୍ଟିଗୋଚର ହୁଏ। ବିଭିନ୍ନ ସଂଶୋଧନ ପାଇଁ ବିଭିନ୍ନ ପ୍ରକାରର ଫି ରହିଛି। କାର୍ଯ୍ୟରେ ଥିବା କର୍ମଚାରୀଙ୍କୁ ସେ ବିଷୟରେ ପଚାରିଲେ ବିରକ୍ତ ହୁଅନ୍ତି। ବିଭିନ୍ନ ପ୍ରକାର ସଂଶୋଧନ ପାଇଁ ମଧ୍ୟ ବିଭିନ୍ନ ପ୍ରକାର କାଗଜପତ୍ର ଆବଶ୍ୟକ ହେଉଛି। ସ୍ୱୀକୃତିପ୍ରାପ୍ତ ବିଭିନ୍ନ ଆଧାର ସେବା କେନ୍ଦ୍ରଗୁଡ଼ିକୁ ବାରମ୍ବାର ଦୌଡ଼ି ଦୌଡ଼ି ହତାଶ ହେଲା ପରେ ଅଭିଭାବକଙ୍କ ମନରେ ଉଦାସୀନତା ପରିଲକ୍ଷିତ ହେଉଛି।

ସରକାର ଆଜି ଲୋକମାନଙ୍କର ସରକାର। ଲୋକଙ୍କର ହିତ ସାଧନ ନିମନ୍ତେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ 'ଆଧାର' ଅପଡେଟ୍ କରିବା ପାଇଁ ସରଳୀକରଣ ଉପାୟକୁ ଅବଲମ୍ବନ କରିବା ସର୍ବାଗ୍ରେ ବାଞ୍ଛନୀୟ। ଯଦ୍ଦ୍ୱାରା ବିଦ୍ୟାର୍ଥୀମାନଙ୍କ 'ଅପାର' ଆଇ ଡି ଓ ଏବିସି ସଠିକ୍ ଭାବେ ସୃଷ୍ଟି ହୋଇପାରିବ। ଜାତୀୟ ଶିକ୍ଷା ନୀତି ୨୦୨୦ କୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ଆଧାର ଜନିତ ଅନ୍ତରାୟ ହଟିଯିବ।

ଗୋପ(ପୁରୀ), ମୋ: ୭୯୭୮ ୭୩୫୨୭୬

## ଅନନ୍ତ ପଥ ଏ ରଥପଥ

ଡକ୍ଟର ଫକୀର ମୋହନ ନାହାକ

ପ୍ରଭୁ ବର୍ଷକୁ ଥରେ ବଡ଼ଦାଣ୍ଡକୁ ଆସନ୍ତି, ପୂଜା ପାଇବା ପାଇଁ ନୁହେଁ, ବରଂ ଆମକୁ କୋଳେଇ ନେବା ପାଇଁ। ଆଉ ମନେ ପକାଇଦେବା ପାଇଁ ଯେ, ଏ ଧୂଳି ଧୂସରିତ ପବିତ୍ର ରଥପଥରେ କେବେ ସଙ୍ଗ ଲୀଳାମୟ, ଭକ୍ତଙ୍କ ସାଙ୍ଗରେ ଏକାଠି ଚାଲିବାର କଷ୍ଟ ବି ଉଠାନ୍ତି।

ଏମିତି ଏକ ବିଗ୍ରହ ଯାହାର ନା ହାତ ଅଛି ନା ପାଦ ଅଛି। ହେଲେ ଭୂମିକୁ ଭୂମା ଯାଏଁ ସେ ପରିବ୍ୟାପ୍ତ। ଯେ ଅପଲକ ନୟନରେ ସମଗ୍ର ବ୍ରହ୍ମାଣ୍ଡକୁ ଅନନ୍ତ କାଳ ପାଇଁ ଅବଲୋକନ କରିଚାଲନ୍ତି, ଏମିତି ଅପରିସୀମ ଅପାଣିପାଦ ବିଗ୍ରହ ବିଶ୍ୱରେ ଆଉ କେଉଁଠି ଅଛି କହିଲେ ସତରେ? ଏ ଅନନ୍ତ ପଥକୁ କାହିଁ କେଉଁ ଅନାଦି କାଳରୁ ଓହ୍ଲାଇ ଆସୁଛନ୍ତି ମହାପ୍ରଭୁ ନିଜର ଅଦୃଶ୍ୟ ବାହୁ ବନ୍ଧନୀରେ ସମସ୍ତଙ୍କୁ ବାନ୍ଧି ନେବା ପାଇଁ। କେବେ ପଚାରି ନାହାନ୍ତି ସେ, ତାଙ୍କୁ ଭେଟିବାକୁ ଆସିଥିବା ମଣିଷଟା କେଉଁ ଜାତିର, କେଉଁ ଧର୍ମର, କେଉଁ ସଂପ୍ରଦାୟର। ପଚାରିନାହାନ୍ତି କେବେ ତା'ର ଆର୍ଥିକ ସ୍ଥିତି, ସାମାଜିକ ଅବସ୍ଥା କିମ୍ବା ଶିକ୍ଷାଗତ ଯୋଗ୍ୟତା କ'ଣ। ସେ କେଉଁ ଭାଷାରେ ନିଜ ଭାବକୁ ପ୍ରକାଶ କରୁଛି ବା ଗଦ୍ୟ, ପଦ୍ୟ, ସଂଗୀତ, ନୃତ୍ୟ ନା ଅନ୍ୟ କିଛି ମାଧ୍ୟମରେ ନିଜ ମନ କଥାକୁ ତାଙ୍କୁ ଶୁଣାଇବାକୁ ଆସିଛି। ନା କେବଳ ନିରବ ରହି ଅଶ୍ରୁଳ ନୟନରେ ନିଜ ମନ କଥା ତାଙ୍କୁ ମନେ ମନେ ଶୁଣାଇ ଦେଉଛି। ଭାବ ବିନୋଦିଆ ହରି ବୁଝି ଯା'ନ୍ତି ସବୁକଥାକୁ। କହିବା ଆଗରୁ ଜାଣି ଯା'ନ୍ତି ମନକଥା। ତା'ନ ହୋଇଥିଲେ କି ଏ ରଥପଥ ବଡ଼ଦାଣ୍ଡ ଏମିତି ଅନନ୍ତ କାଳରୁ ଭକ୍ତଙ୍କୁ କୋଳେଇ ନିଅନ୍ତା!

ଜୀବନ ଓ ମୃତ୍ୟୁର ନିରନ୍ତର ଚକ୍ରରୁ ଖୁବ୍ ଊର୍ଦ୍ଧ୍ୱରେ ଏ ଅନନ୍ତ ରଥପଥ। ପିଢ଼ି ପରେ ପିଢ଼ି ମଣିଷ ଦୌଡ଼ି ଆସୁଛି ଏହି ରଥପଥକୁ। ସେ ଜାଣିଛି ଯେ, ତା' ପିତୃପୁରୁଷ ଆଉ ଉତ୍ତରପୁରୁଷର ତ୍ରାଣକର୍ତ୍ତା ଏହି ଅନନ୍ତ ଜଗନ୍ନାଥ। ଏହି ରଥପଥରେ ହିଁ ଲେଖା ହୋଇଛି ତା' ମୁକ୍ତିର କଥା, ତିଆରି ହୋଇଛି ତା' ମୋକ୍ଷର ମାର୍ଗ। ପ୍ରତିବର୍ଷ ଯେତେବେଳେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ରଥଯାତ୍ରାର ଆୟୋଜନ ହୁଏ, ସେତେବେଳେ ଏକ ଅସାଧାରଣ ଘଟଣା ଘଟେ, ଯାହା ଧର୍ମ, ଜାତି, ସମୟ, ସମ୍ପଦର, ଶତାବ୍ଦୀର ସୀମାକୁ ଅତିକ୍ରମ କରେ। କେହି କାହାକୁ ଜାଣିନଥିବା ମଣିଷମାନେ ଏକାଠି ହୁଅନ୍ତି ଏଠାରେ। ସମସ୍ତଙ୍କ ମନରେ ଥା'ନ୍ତି କେବଳ ଶ୍ରୀଜଗନ୍ନାଥ। ମହାଶୂନ୍ୟକୁ ଯଦି ମାପି ହୁଅନ୍ତା, ତା'ହେଲେ ଆମେ ଜାଣିପାରନ୍ତେ ବଡ଼ଦାଣ୍ଡରେ ଅଦୃଶ୍ୟ ଭାବରେ ଅବସ୍ଥାନ କରୁଥିବା ଭାବାବେଗମାନଙ୍କୁ। ଦେଖି ହୁଅନ୍ତା ଯଦି, ଦେଖି ନିଅନ୍ତେ ଏହି ଅନନ୍ତ ପଥରେ ଉଭା ମଣିଷମାନଙ୍କ ମନକୁ। ହେଲେ ସେ ଦାୟିତ୍ୱ କ'ଣ ଆମର? ଏ ସମସ୍ତେ ଯେଉଁଥି ପାଇଁ ଆସିଛନ୍ତି, ଯାହାଙ୍କ ପାଇଁ ଆସିଛନ୍ତି, ସେ ପରା ନିଜେ ନିଜ ଆସ୍ଥାନ ଛାଡ଼ି ଆସିଛନ୍ତି, ଏମାନଙ୍କ ମନକଥା ଜାଣିବା ପାଇଁ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କିମ୍ବା ରଥ ମହୋତ୍ସବ କେବଳ ଏକ ଧାର୍ମିକ ଶୋଭାଯାତ୍ରା ନୁହେଁ, ବରଂ ଏକ ମହାନ ଆଧ୍ୟାତ୍ମିକ ଯାତ୍ରା, ଯାହା ଲକ୍ଷ ଲକ୍ଷ ମଣିଷଙ୍କୁ ବିଶ୍ୱାସ, ବିନମ୍ରତା ଏବଂ ବିଶ୍ୱବନ୍ଧୁତା ଏକ ଭିନ୍ନ ଭାବଧାରାରେ ଏକତ୍ରିତ କରେ। ଆମ ହାତ ଆକାଶକୁ ଛୁଇଁ ବରଂ ଆମ ପାଦ ସବୁବେଳେ ମାଟି ସହିତ ଯୋଡ଼ି ହୋଇ ରହିଥାଉ। ଏହି ଭାବନା ହିଁ ରହିଛି ମହାପ୍ରଭୁଙ୍କ ଘୋଷଯାତ୍ରା ପ୍ରେରଣାରେ। ନିଜ ମାଟି, ନିଜ ଜନ୍ମସ୍ଥାନ ଅନ୍ତୁଡ଼ିଶାଳ ସହିତ ଯୋଡ଼ି ହୋଇ ରହିବା ଉଦ୍ଦେଶ୍ୟରେ ହିଁ ତ ମହାପ୍ରଭୁ କେବେ ନିଜ ଇଚ୍ଛା ପ୍ରକାଶ କରିଥିଲେ ବର୍ଷରେ ଥରେ ଅନ୍ତତଃ ଗୁଣ୍ଡିଚା ମନ୍ଦିରକୁ ବୁଲିଯିବା ପାଇଁ। ଆଉ ସେବେଠାରୁ ଚାଲିଛି ଏହି ଅନନ୍ତ ଯାତ୍ରା, ଯାହା ମହାପ୍ରଭୁଙ୍କୁ ତାଙ୍କ ମୂଳ, ତାଙ୍କ ବଡ଼ ପରିଜନ ଏବଂ ପ୍ରାକୃତିକ ଜଗତ ସହିତ ପୁନଃ ସଂଯୋଗ ପାଇଁ ତାଙ୍କ ଆଗ୍ରହର ପ୍ରତୀକ ପାଲଟିଯାଇଛି।

ଏ ଯାତ୍ରାରେ ଯେତେବେଳେ ଅଧିଯାତ୍ରୀ ହୋଇ ବାହାରନ୍ତି ମହାପ୍ରଭୁ, ସେତେବେଳେ ତାଙ୍କୁ ଆଉ ଶ୍ରୀମନ୍ଦିରର ଗର୍ଭଗୃହରେ ଥିବା କଟକଣା, ରୀତିନୀତି କିଛି ମାନିବାକୁ ପଡ଼େନି। ଅନନ୍ତ ଆକାଶ ତଳେ ପ୍ରକୃତିର କୋଳରେ ସେ ନିଜ ସହିତ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ଆଗକୁ ଚାଲନ୍ତି। ତାଙ୍କରି ରଥପଥରେ ଧୀରେ ଧୀରେ ଭକ୍ତ ତାଙ୍କ ନିକଟତର ହୁଏ। ମନର କଥାକୁ କହିଦିଏ। ସମସ୍ତଙ୍କ ଅଭିମାନ, ଅଭିଯୋଗକୁ ନିଜ ଅନନ୍ତ ହୃଦୟରେ ସ୍ଥାନ ଦେଇ ଭକ୍ତ ସହିତ ଏକାକାର ହୋଇଯାଆନ୍ତି ମହାପ୍ରଭୁ। ବିନା ବାଛବିଚାରରେ ସମସ୍ତଙ୍କୁ କୋଳେଇ ନିଅନ୍ତି ବଳାୟତଭୁଜ। ଏ ଦୃଶ୍ୟ ଦେଖିଲେ ଅନୁଭବ ହୁଏ, ଯେମିତି ଦେବତ୍ୱର ଧରାବତରଣ ହୋଇଛି। ଭୂମିକୁ ସ୍ୱର୍ଗ କରୁଛନ୍ତି ଭଗବାନ। ପ୍ରଭୁ ଜଗନ୍ନାଥଙ୍କ ବିଶାଳ, କରୁଣାମୟ ଚକାଡୋଳାକୁ ଦେଖି ଦେଇ ତାରି ଭିତରେ ସମାହିତ ହୋଇଯାଏ ଏ ଅନନ୍ତ ଜନସମୁଦ୍ର। ବଡ଼ଦାଣ୍ଡରେ ରଥ ଟାଣିଲା ବେଳେ ଲାଗେ ଯେମିତି ଲକ୍ଷ ଲକ୍ଷ ହାତ ଗୋଟିଏ ହୃଦୟରେ ସେ କୋଟି ହୃଦୟେଶ୍ୱରଙ୍କୁ ନିଜ ହୃଦୟ ସିଂହାସନରେ ବସାଇ ଟାଣି ନେଉଛନ୍ତି ଅନନ୍ତ ପଥରେ।

ରଥପଥରେ ଚଳନ୍ତି ଦେଉଳ ତିନି ରଥ ଗଡ଼ିଗଲା ବେଳେ 'ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହୁଏ ତେରଭୁବନ। ସମସ୍ତେ ଏମିତି ଏକ ଅବସ୍ଥାରେ ଥା'ନ୍ତି ଯେ, କିଏ ଭକ୍ତିରେ ହସୁଥା'ନ୍ତି, କାନ୍ଦୁଥା'ନ୍ତି, ଗୀତ ଗାଉଥା'ନ୍ତି ଏବଂ ନୃତ୍ୟ କରନ୍ତି ଅଥବା ରଥପଥରେ ଲୋଟିପଡ଼ନ୍ତି। ମଣିଷ ଗଢ଼ିଥିବା ବିଭାଜନର ରେଖା ଏ ଅନନ୍ତ ପଥରେ ଅପସରିଯାଏ। ଧନୀ-ଗରିବ, ସନ୍ଥ-ସନ୍ଦେହୀ, ବୃଦ୍ଧ-ଯୁବକ ସମସ୍ତେ ପ୍ରଭୁଙ୍କ ସହିତ ଏକ ହୋଇଯା'ନ୍ତି। ଏ ରଥଯାତ୍ରାର ପ୍ରତ୍ୟେକ ଉପାଦାନ ଗଭୀର ପ୍ରତୀକବାଦରେ ପରିପୂର୍ଣ୍ଣ। ପ୍ରଭୁ ଜଗନ୍ନାଥଙ୍କ ରୂପ- ବଡ଼ ବଡ଼ ଚକା ଆଖି ଓ ଅସମ୍ପୂର୍ଣ୍ଣ ଅଙ୍ଗ ଅନନ୍ତକୁ ପ୍ରତିନିଧିତ୍ୱ କରେ। କହିଯାଏ ଗୋଟିଏ କଥା ଆଦି କିମ୍ବା ଅନ୍ତ ବିନା ଏକ ହିଁ ଈଶ୍ୱର, ଯିଏ କି ମଣିଷର ସମସ୍ତ କଳ୍ପନାକୁ ଅତିକ୍ରମ କରିଯାଆନ୍ତି। ଏ ପବିତ୍ର ଘୋଷଯାତ୍ରା ଜନ୍ମ-ପୁନର୍ଜନ୍ମ ମାଧ୍ୟମରେ ଆତ୍ମାର ଯାତ୍ରାର ରୂପକ ମାତ୍ର।

ଆଜି ମଧ୍ୟ ଏକ କ୍ରମବର୍ଦ୍ଧିଷ୍ଣୁ ବିଖଣ୍ଡିତ ବିଶ୍ୱରେ ରଥଯାତ୍ରା ଏକତା, ନମ୍ରତା ଓ ଆଶାର ଏକ ଆଲୋକପଥ ଭାବରେ ଠିଆ ହୋଇଛି। ପ୍ରମାଣ କରୁଛି ଯେ, ସେ ଦିବ୍ୟସତ୍ତା ସମସ୍ତଙ୍କର। ଏ ଅନନ୍ତ ରଥପଥ ହିଁ ଶ୍ରୀଜଗନ୍ନାଥ। ଏହା ବିଶ୍ୱର ଆଧ୍ୟାତ୍ମିକ ଐତିହ୍ୟ ଏବଂ ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଅନନ୍ତ ବନ୍ଧନର ଏକ ଜୀବନ୍ତ ପ୍ରତିମୂର୍ତ୍ତି। ବର୍ଷ ପରେ ବର୍ଷ ଏମିତି ଅନନ୍ତ କାଳ ଯାଏଁ ଜାରି ରହିବ ଏ ଅନନ୍ତ ରଥଯାତ୍ରା। ଯେତେବେଳେ ପଶ୍ଚିମାକାଶରେ ସୂର୍ଯ୍ୟ ଅସ୍ତଗାମୀ ହେଉଥିବେ, ଯେତେବେଳେ ଶେଷ ରଥ ମନ୍ଦିର ଦ୍ୱାରରେ ପହଞ୍ଚୁଥିବ ଏବଂ ସଂକୀର୍ତ୍ତନରେ ଉଦଣ୍ଡ କୀର୍ତ୍ତନ କରୁଥିବା ଭକ୍ତମାନେ ଥକି ପଡୁଥିବେ, ସେତେବେଳେ ଘରମୁହାଁ ହେବାକୁ ଚାହିଁଥିବ ଭକ୍ତ, ହେଲେ ତା'ମନରେ ଥିବ ଗୋଟିଏ କଥା - ପ୍ରଭୁ କେବଳ ମନ୍ଦିର ଏବଂ ରଥାରୂଢ଼ ହୋଇ ନାହାନ୍ତି, ତାଙ୍କୁ ମୁଁ ତ ମୋ ହୃଦୟରତ୍ନସିଂହାସନରେ ବସାଇ ଯାଉଛି...।

ଜୟ ଜଗନ୍ନାଥ!

(ମଣିପାଲ ବିଶ୍ୱବିଦ୍ୟାଳୟ)
ଜୟପୁର(ରାଜସ୍ଥାନ) ମୋ: ୯୯୩୭୨୫୨୪୭୪

## ପଦ୍ମସମ୍ଭବ ଦ୍ୱିତୀୟ ବୁଦ୍ଧ

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବପ୍ରକାଶିତ ଉତ୍ତାରୁ...

ତିବ୍ବତରେ ବିଗ୍ରହ ତନ୍ତ୍ରମୂଳକ ଉପସ୍ଥାପନାରେ ପଦ୍ମସମ୍ଭବଙ୍କୁ ସମସ୍ତ ସର୍ବଶ୍ରେଷ୍ଠମାନଙ୍କର ସମାହାର ଭାବେ ଉପସ୍ଥାପିତ କରାଯାଇଛି। ଏଥିରେ ତାଙ୍କର କୁଳ ଓ ଦୃଶ୍ୟମାନ ବାହ୍ୟରୂପକୁ ମଧ୍ୟ ନିରୂପିତ କରାଯାଇଛି। ଏଥିରେ ସବା ଉପରେ ରହିଛନ୍ତି 'ଧର୍ମକାୟା ଅମିତାଭ'। ତାଙ୍କ ତଳକୁ 'ସମ୍ଭୋଗକାୟା ଅବଲୋକିତ'। ସବା ତଳଭାଗରେ 'ନିର୍ମାଣକାୟା' ପଦ୍ମସମ୍ଭବ ତାଙ୍କ ଦୁଇ ସହଚରୀଙ୍କ ସହ। ଏହି ଦୁଇ ସହଚରୀ ଦୁଇପାଖରେ ତାଙ୍କୁ ଖପୁରୀରେ ମଦ୍ୟ ଓ ରକ୍ତ ଧରି ତର୍ପଣ କରୁଥିବାର ଦେଖାଯାଏ।

ଯେସେ ସୋଗ୍ୟାଲ: ପଦ୍ମସମ୍ଭବଙ୍କର ତିବ୍ବତ ରହଣି ସମୟରେ ଏହି ମହିଳା ଜଣଙ୍କ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭୂମିକା ତୁଲାଇଛନ୍ତି। ଯେସେ ସୋଗ୍ୟାଲ ତିବ୍ବତର ଏକ ପାହାଡ଼ିଆ ନିମ୍ନଭୂମି ଅଞ୍ଚଳର କାରଚେନ ନାମକ ଜଣେ ସର୍ଦ୍ଦାର ଅଥବା ଜମିଦାରଙ୍କ କନ୍ୟା। ଷୋହଳ ବର୍ଷ ବୟସରେ ଯେସେ ରାଜା ଶ୍ରୀଙ୍କର ପତ୍ନୀ ହୋଇଥିଲେ।




ପଦ୍ମସମ୍ଭବ ତିବ୍ବତ ଆସିବା ପରେ ସେ ପଦ୍ମସମ୍ଭବଙ୍କ ସହ ଛାଇ ପରି ସବୁବେଳେ ରହିବା ସହ ତାଙ୍କର ବ୍ୟକ୍ତିଗତ ସହକାରୀ ବା ସଚିବ ଭଳି ଦାୟିତ୍ୱ ତୁଲାଉଥିଲେ। ସେ ପଦ୍ମସମ୍ଭବଙ୍କୁ ବିଭିନ୍ନ ବିଷୟରେ ଅବସର ସମୟରେ ଭିନ୍ନ ଭିନ୍ନ ପ୍ରଶ୍ନ ପଚାରିବା ସହ ଉତ୍ତର ସବୁକୁ ସଙ୍ଗେ ସଙ୍ଗେ ଲିପିବଦ୍ଧ କରି ରଖୁଥିଲେ। ଏହି ସମୟରେ ସେ ତାନ୍ତ୍ରିକ ଶିକ୍ଷାର ନିର୍ଯ୍ୟାସ ସବୁକୁ ମଧ୍ୟ ପ୍ରଶ୍ନଛଳରେ ଉତ୍ତର ଶୁଣି ସେସବୁର ଅନୁବାଦ କରି ପକାଇ ଓ ସେସବୁର ଅର୍ଥକୁ ପ୍ରତୀକାତ୍ମକ ରୂପରେ ଏକ ସାଙ୍କେତିକ ଲିପି ପ୍ରୟୋଗ କରି ସଂକ୍ଷିପ୍ତ ଆକାରରେ ଲିପିବଦ୍ଧ କରିପକାଉଥିଲେ। ଏସବୁକୁ ଗୁପ୍ତାକାରରେ ଅତ୍ୟନ୍ତ ଦୁର୍ଲଭ ବସ୍ତୁ ଭାବେ ସାଇତି ରଖିବା ପାଇଁ ଚମଡ଼ା ଭଳି ଦୀର୍ଘସ୍ଥାୟୀ ଏକ ସ୍ୱତନ୍ତ୍ର କାଗଜ ବ୍ୟବହାର କରୁଥିଲେ। ଏହିଭଳି ଶହ ଶହ ଗ୍ରନ୍ଥ ପ୍ରସ୍ତୁତ କରି ସେଗୁଡ଼ିକୁ ଜଳବାୟୁଜନିତ କ୍ଷୟକ୍ଷତିରୁ ନିରାପଦ ରଖିବା ପାଇଁ ତିବ୍ବତର ଚାରିଆଡ଼େ ପଦ୍ମସମ୍ଭବଙ୍କ ଦ୍ୱାରା ଚିହ୍ନିତ ସ୍ଥାନମାନଙ୍କରେ ଲୁଚାଇକି ଭାବେ ସାଇତି ରଖାଗଲା। ଯେସେ ପଦ୍ମସମ୍ଭବଙ୍କର ସବୁଠୁ ଅଧିକ ନିକଟତର ଶିଷ୍ୟା ଥିଲେ ଏବଂ ସେ ପ୍ରାୟ ପଦ୍ମସମ୍ଭବଙ୍କର ସମସ୍ତ ପ୍ରକାର ଶିକ୍ଷାକୁ ଆୟତ୍ତ କରି ସବୁର ଅଧିକାରିଣୀ ହୋଇ ପାରିଥିଲେ। ତାଙ୍କୁ ଦେବୀ ସରସ୍ୱତୀଙ୍କର ଅବତାର ରୂପେ ତିବ୍ବତରେ ଗ୍ରହଣ କରାଯାଇଛି।

ଯଥାର୍ଥରେ ପଦ୍ମସମ୍ଭବ ତିବ୍ବତରେ ସମସ୍ତ ସଫଳତା ଅର୍ଜନ କରିଥିଲେ ଯେଉଁ କାର୍ଯ୍ୟରେ ଶାନ୍ତ ରକ୍ଷିତ ପ୍ରଥମେ ବିଫଳ ହୋଇଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଲା ପଦ୍ମସମ୍ଭବଙ୍କ ଚମତ୍କାରୀ ପ୍ରତିଭା ଓ ଶକ୍ତି ଫଳରେ ସମସ୍ତ ତିବ୍ବତବାସୀ, ସେ ବନ୍ ଧର୍ମାବଲମ୍ବୀ ହୁଅନ୍ତୁ ଅଥବା ସାଧାରଣ ନାଗରିକ, ସଂପୂର୍ଣ୍ଣ ଭାବେ ପଦ୍ମସମ୍ଭବଙ୍କ ଅନୁଗାମୀ ହୋଇଗଲେ। ପ୍ରଥମେ ସେମାନେ ତାଙ୍କ କାର୍ଯ୍ୟକଳାପ ସବୁକୁ ଅତ୍ୟନ୍ତ ବିସ୍ମୟର ସହ ଅନୁଧ୍ୟାନ କରି ତାଙ୍କଠାରେ ଶ୍ରେଷ୍ଠଗୁରୁଙ୍କର ଉପସ୍ଥିତି ବୋଧ ହେବା ପରେ ତାଙ୍କୁ ଗୁରୁଭାବେ ଗ୍ରହଣ କରିବାକୁ ମାନସିକ ସ୍ତରରେ ବାଧ୍ୟ ହୋଇଯାଇଥିଲେ। ଯଥାଶୀଘ୍ର ସେ ତିବ୍ବତର ସଂରକ୍ଷକ ସନ୍ଥ ଅଥବା ମହାପୁରୁଷ ରୂପେ ପ୍ରତିଷ୍ଠିତ ହୋଇଗଲେ। ସେହି କାଳରୁ ତିବ୍ବତୀୟମାନଙ୍କର ତାଙ୍କ ପ୍ରତି ଥିବା ଭକ୍ତି, ଶ୍ରଦ୍ଧା ପ୍ରଶଂସାତ୍ମକ ଭାବ ଓ ବିସ୍ମୟକର ଏପର୍ଯ୍ୟନ୍ତ ତିଷ୍ଠି ରହିଛି ଓ ଚାଲିଆସୁଛି। ବହୁପ୍ରକାରର ଅଦ୍ଭୁତ ଓ ଅଲୌକିକ ଘଟଣା ଦ୍ୱାରା ସେ ସେଠାରେ ନିଜର ସ୍ଥିତି ଓ ପ୍ରତିଷ୍ଠାକୁ ଦୃଢ଼ କରିପାରିଥିଲେ। ସବୁଠାରୁ ବଡ଼ ବିସ୍ମୟକର ଘଟଣାକ୍ରମ ଥିଲା ତିବ୍ବତରେ ବୌଦ୍ଧଧର୍ମର ପ୍ରତିଷ୍ଠା ସହ ତାହାର ସୁଦୃଢ଼ୀକରଣ ଏବଂ ତାହା ପ୍ରଭାବକୁ ବ୍ୟାପକ ଓ ଅତ୍ୟନ୍ତ ବଳଶାଳୀ କରିବାରେ ତାଙ୍କର କାର୍ଯ୍ୟ ଓ ସଫଳତା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆସୁଛି ଲଘୁଚାପ; ବଢ଼ିବ ବର୍ଷା

■ ଭୁବନେଶ୍ୱର, ୨୭।୬ (ସମିସ): ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ସ୍ଥିତି ଜାରି ରହିଥିବାବେଳେ ପୁଣି ଏକ ଲଘୁଚାପ ଓଡ଼ିଶାରେ ଅଧିକ ବର୍ଷା କରାଇବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ୨୯ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି ଓ ବିଶେଷ କରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହୋଇପାରେ ବୋଲି ଆକଳନ କରାଯାଉଛି। ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବାର ସମ୍ଭାବନା ଥିବାବେଳେ ପୁଣି ୪ କିମ୍ବା ୫ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ତେଣୁ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ଏସ୍‌ଆରସିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଆଲର୍ଟ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନେ ସବୁ ପ୍ରକାର ସ୍ଥିତିର ମୁକାବିଲା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଶନିବାର ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାରେ ମଧ୍ୟ ବର୍ଷା ହୋଇପାରେ। ୨୯ରୁ ବର୍ଷାର ପ୍ରଭାବ ବଢ଼ିବା ସହ ୩୦ରେ ଅନେକ ସ୍ଥାନରେ ପ୍ରବଳ ହେବ।

## ଗଛରେ ପିଟିହେଲା କାର୍; ୩ ଭାଇ ମୃତ

■ ଝରିଗାଁ, ୨୭।୬(ସମିସ): ନବରଙ୍ଗପୁର ଜିଲ୍ଲା, ଝରିଗାଁ ଥାନା ଅନ୍ତର୍ଗତ ଝରିଗାଁ-ଡାବୁଗାଁ ମୁଖ୍ୟ ରାସ୍ତାର ଡାଇନିଗୁଡ଼ା ଗ୍ରାମ ନିକଟରେ ଏକ ଦୁର୍ଘଟଣା ୩ ଭାଇଙ୍କ ଜୀବନ ନେଇଛି। ମୃତକମାନେ ହେଲେ, ଝରିଗାଁ ସିରାଗୁନା ସାହିର ଚମ୍ପକ ଲାଲ ଜୈନଙ୍କ ପୁଅ ସାଗର ଜୈନ (୨୦), ସ୍ୱର୍ଗତ ମହାବୀର ଜୈନଙ୍କ ପୁଅ ଅଙ୍କୁର ଜୈନ (୩୦) ଏବଂ ମନମୋହନ ଜୈନଙ୍କ ପୁଅ କ୍ରିସ ଜୈନ (୧୮)। ୩ଜଣ ଯାକ ସଂପର୍କୀୟ ଭାଇ। ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ୩ଜଣଯାକ ଏକ କାର୍‌ରେ ଫୁପୁଗାଁ ଯାଉଥିଲେ। ଡାଇନିଗୁଡ଼ା ଗାଁ ନିକଟରେ ସେମାନଙ୍କ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ତେନ୍ତୁଳି ଗଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ସାଗର ଏବଂ ଅଙ୍କୁରଙ୍କ ମୃତ୍ୟୁ ହୋଇଯାଇଥିଲା। କ୍ରିସ୍ ଗୁରୁତର ଆହତ ହୋଇଥିଲେ। ଝରିଗାଁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତାହତମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ କ୍ରିସ୍‌ଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ ବିଶାଖାପାଟଣାସ୍ଥିତ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ଆଜି ୩ ଜଣଙ୍କ ଶବ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ଖବର ପାଇ ପୂର୍ବତନ ଦୁଇ ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀଙ୍କ ସମେତ ହଜାର ହଜାର ସମ୍ପର୍କୀୟ, ଗ୍ରାମବାସୀ, ଉପସ୍ଥିତ ରହିଥିଲେ।



## କାଳିଆପାଣି ଥାନା ଅଧିକାରୀଙ୍କ ଦବଙ୍ଗଗିରି

### ବିଜେଡି ସୋସିଆଲ ମିଡିଆ କର୍ମୀଙ୍କୁ ଘରୁ ଉଠାଇନେଇ ଆକ୍ରମଣ

ଯାଜପୁର, ୨୭।୬(ସମିସ): ଗତ କିଛି ଦିନ ଧରି କାଳିଆପାଣି ଥାନା ଅଧିକାରୀଙ୍କ ବିରୋଧରେ ନାନା ପକ୍ଷପାତିତାର ଅଭିଯୋଗ ହୋଇଆସୁଥିଲା। ଶାସକ ଦଳର ବୋଲକରା ହୋଇ ସେ କାର୍ଯ୍ୟ କରୁଥିବା ଅଭିଯୋଗ ହେବା ସହ ବିଜେଡି କର୍ମୀ ଓ ନେତାଙ୍କୁ ଆକ୍ରମଣ କରିବାକୁ ଧମକ ଦେଉଥିବା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଅଭିଯୋଗ କରିଥିଲେ। କାଳିଆପାଣିରେ ବିଜେଡି ସମର୍ଥିତ ଶ୍ରମିକ ସଂଗଠନ କାର୍ଯ୍ୟାଳୟ ଭଙ୍ଗାରୁଜା କରିବା ଘଟଣାରେ ପୁଲିସର ପକ୍ଷପାତିତା ସଂପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାକୁ ଯାଇ ଆକ୍ରମଣର ଶିକାର ହୋଇଛନ୍ତି ବିଜେଡି ସାମାଜିକ ମିଡିଆ କର୍ମୀ ସିଦ୍ଧାର୍ଥ ବେହେରା। ସିଦ୍ଧାର୍ଥଙ୍କୁ ଆଜି କାଳିଆପାଣି ପୁଲିସ ଘରୁ ଉଠାଇ ନେଇ ତାଙ୍କୁ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ସୁକିନ୍ଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ପୂର୍ବତନ ମନ୍ତ୍ରୀ ଶ୍ରୀ ଘଡ଼େଇ ଏଭଳି ଘଟଣାକୁ ନେଇ ନିନ୍ଦା କରିବା ସହିତ ବିଜେପି ସରକାରର ଏହା ଚରିତ୍ର କି ବୋଲି ପ୍ରଶ୍ନ କରିଛନ୍ତି। କାଳିଆପାଣି ଥାନା ଅଧିକାରୀ ଶିବଚରଣ ବେହେରା ସିଦ୍ଧାର୍ଥଙ୍କୁ ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ଶ୍ରୀ ଘଡ଼େଇ ଅଭିଯୋଗ କରିଛନ୍ତି।

## ବିଏଡ୍ ପ୍ରବେଶିକା ପରୀକ୍ଷାରେ ଜାଲିଆତି

### ନାମଲେଖା ପ୍ରକ୍ରିୟା ସାମୟିକ ଭାବେ ରଦ୍ଦ

### ସଚିବ ବଦଳିଲେ ବଦଳୁଛି ନିୟମ

ଭୁବନେଶ୍ୱର,୨୭।୬(ସମିସ): ବିଏଡ୍ ପ୍ରବେଶିକା ପରୀକ୍ଷାରେ ଜାଲିଆତି ଅଭିଯୋଗ ଦିନକୁ ଦିନ ଲମ୍ବୁଛି। ଅଧିକ ନମ୍ବର ରଖିବାକୁ ପରୀକ୍ଷାର୍ଥୀମାନେ ଆଶା କରିଥିବାବେଳେ ସେମାନଙ୍କୁ କମ୍ ମାର୍କ ମିଳିବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କିଛି ପରୀକ୍ଷାର୍ଥୀ ଉଚ୍ଚଶିକ୍ଷା ବିଭାଗରେ ଅଭିଯୋଗ କରିବା ପରେ ଖାତା ପୁନଃ ମୂଲ୍ୟାୟନ କରାଯାଇ ସେମାନଙ୍କର ନମ୍ବର ବୃଦ୍ଧି କରାଯାଇଛି। ସେହିପରି ପରୀକ୍ଷାର୍ଥୀଙ୍କ ଅଭିଯୋଗ ଆଧାରରେ ନାମଲେଖା ପ୍ରକ୍ରିୟାକୁ ସାମୟିକ ଭାବେ ଉଚ୍ଚଶିକ୍ଷା ବିଭାଗ ରଦ୍ଦ କରିଛି। ପ୍ରତି ବିଷୟରେ ବିଶେଷଜ୍ଞଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଏସ୍‌ଏସ୍‌ବିକୁ ନିର୍ଦ୍ଦେଶ ଦେଇଛି। ବିଶେଷଜ୍ଞମାନେ ଆନ୍‌ସାର୍ କି' ପୁନଃ ଯାଞ୍ଚ କରିବେ। ଫଳରେ ପିଲାଙ୍କୁ ପୁଣିଥରେ ପରିବର୍ତ୍ତିତ ନମ୍ବର ମିଳିବ। ଏହାପରେ ଯାଇ ନାମଲେଖା ପାଇଁ ନୂତନ ଟାଇମ୍‌ଲାଇନ୍ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପୂର୍ବରୁ ଡ. ମଧୁସୂଦନ ମିଶ୍ର ସଚିବ ଥିବାବେଳେ ପ୍ରୋଭିଜିନାଲ୍ ଆନ୍‌ସାର୍ କି' ପ୍ରକାଶ ପାଉଥିଲା। ହେଲେ ଡ. ରାଜେଶ୍ କୁମାର ସାହୁ ସଚିବ ହେଲାପରେ ଏହି ବ୍ୟବସ୍ଥାକୁ ବନ୍ଦ କରି ଦିଆଗଲା। ତେଣୁ ସମ୍ପାଦକ ବଦଳିଲେ ନିୟମ ବଦଳୁଛି କି ବୋଲି ମଧ୍ୟ ପରୀକ୍ଷାର୍ଥୀ ପ୍ରଶ୍ନ କରିଛନ୍ତି। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପରିଚାଳିତ ଏହି ପରୀକ୍ଷା ବିବାଦୀୟ ହୋଇପଡ଼ିଛି। ୮ଜଣ ପିଲାଙ୍କ କୋଡିଂରେ ଭୁଲ୍ ହୋଇଥିବା ଏବଂ ସେମାନଙ୍କ ନମ୍ବର ବଢ଼ିବ ବୋଲି ଏସ୍‌ଏସ୍‌ବି ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ଫଳରେ ପ୍ରାୟ ୧ଲକ୍ଷ ୩୦ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏସ୍‌ଏସ୍‌ବିର ବିଭିନ୍ନ କାର୍ଯ୍ୟକଳାପକୁ ସନ୍ଦେହ କରିବା ସହ ପ୍ରୋଭିଜିନାଲ୍ ଆନ୍‌ସାର୍ କି' ପ୍ରକାଶ କରିବାକୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦାବି କରୁଛନ୍ତି। ଜଣେ ପରୀକ୍ଷାର୍ଥୀ ୬୧.୨୫ ମାର୍କ ରଖିବେ ବୋଲି ନିଶ୍ଚିତ ଥିଲେ ମଧ୍ୟ ୫୫.୨୫ ମାର୍କ ପାଇଥିବା ତାଙ୍କ ଭାଇ ଅଭିଯୋଗ ଆଣିଛନ୍ତି। ଏଣୁ ପ୍ରୋଭିଜିନାଲ୍ ମାର୍କସିଟ୍ ପ୍ରକାଶ କରିବାକୁ ସେ ଦାବି କରିଛନ୍ତି। ଏପରି ବହୁ ଅଭିଯୋଗ ଥିବାବେଳେ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବାକୁ ପରୀକ୍ଷାର୍ଥୀମାନେ ପ୍ରସ୍ତୁତ ହେଉଛନ୍ତି।

ଅପରପକ୍ଷରେ ଏସ୍‌ଏସ୍‌ବି ସଚିବ ଡ. ସାହୁ କହିଛନ୍ତି ଯେ, ଗାଇଡ୍‌ଲାଇନ୍ ଅନୁସାରେ ପରୀକ୍ଷା ପରିଚାଳନା କରାଯାଇଛି। ବିଏଡ୍ ବିଜ୍ଞପ୍ତିରେ ପ୍ରୋଭିଜିନାଲ୍ ଆନସାର୍ କି' ସମ୍ପର୍କରେ କୌଣସି ଉଲ୍ଲେଖ ନଥିଲା। ଏସ୍‌ଏସ୍‌ବି ପକ୍ଷରୁ ଏନେଇ ମଧ୍ୟ କୌଣସି ସୂଚନା ଦିଆଯାଇ ନ ଥିଲା। ତେବେ ଏସ୍‌ଏସ୍‌ବି ସଚିବଙ୍କ କଥାକୁ ପରୀକ୍ଷାର୍ଥୀ ବିରୋଧ କରିଛନ୍ତି। କେଉଁ ଗାଇଡ୍‌ଲାଇନ୍‌ରେ ପ୍ରୋଭିଜିନାଲ୍ ଆନସାର୍ କି' ପ୍ରକାଶ ପାଇବ ନାହିଁ ବୋଲି ଉଲ୍ଲେଖ ରହିଛି ଓ ତାହା କେବେ ପ୍ରକାଶ ପାଇଥିଲା, ତାହାକୁ ସଚିବ ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୂର୍ବରୁ ପରୀକ୍ଷା ପରେ ପ୍ରୋଭିଜିନାଲ୍ ଆନ୍‌ସାର କି' ପ୍ରକାଶ ପାଉଥିଲା। ଏହାପରେ ସେସବୁକୁ ବିଚାର କରାଯାଇ ଚୂଡ଼ାନ୍ତ ମାର୍କ ପ୍ରକାଶ ପାଉଥିଲା। ମାତ୍ର ଏବେ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ୨୭ଶହ ସିଟ୍ ପାଇଁ ପ୍ରାୟ ୪୭ଗୁଣା ପିଲା ପ୍ରବେଶିକା ଦେଇଛନ୍ତି। ନିଜ ପିଲାଙ୍କୁ ନାମଲେଖାରେ ସୁଯୋଗ ଦେବାକୁ ଜାଲିଆତି କରାଯାଇଥିବା ଅଭିଯୋଗ ହୋଇଛି।


**KEDAR SECURITY SERVICE PVT. LTD.**
Plot No.1352, 2861, 371, Sai Vihar, Lane No. 2, Jagannath Nagar, Bhubaneswar : 751025, Odisha, Phone: 0674-2549701 / 9937482107

**RECRUITMENT**

KEDAR SECURITY SERVICE PVT. LTD is inviting applications from eligible candidates for engagement in FRA cell of Sub-Collector's Office in Mayurbhanj District under the Scheme 'Da-JGUA' (Candidates of Mayurbhanj District will be accepted only)

**COORDINATORS:** 4 Posts (Qualification: MSW & PGDCA) Salary: Rs.35,000/- (Inc. EPF, ESI, GST & SC as applicable)

**MIS ASSISTANT:** 4 Posts (Qualification: Graduate & PGDCA) Salary: Rs.25,000/- (Inc. EPF, ESI, GST & SC as applicable)

**WORK EXPERIENCE:**

**COORDINATOR:** (1. Minimum 2-3 years experience in NGO / Social Sector Projects. 2. Experience of working with Govt. Project, 3. Experience of networking with line Dept. of Govt.)

**MIS ASSISTANT:** (1. Minimum 2 years experience in data entry and large-scale database management in any reputed govt. / private agency. 2. Proficiency in the use of MS Office specifically MS Office, MS Excel & conversant with internet / use of online platform is a mandatory requirement)

Interested Candidates are requested to send their details to
Email: info@kedarsecurity.com
Website: www.kedarsecurity.com
**Floating of Advertisement - 27.06.2025**
**Last Date of Application: - 2nd of July 2025 by 5 PM**
NB: The application received after date will not be taken into the consideration. Holidays will be enumerated with the timeline of application date.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**WANTED**
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
**6370964966**

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**


## ଅବଶିଷ୍ଟାଂଶ

### ୬୦୦ ଭକ୍ତ ଅସୁସ୍ଥ...

ଅଧିକ ଗୁରୁତ୍ୱ ଦେଇ ଭିଡ଼ ନିୟନ୍ତ୍ରଣରେ ଅବହେଳା କରିଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ଅପରାହ୍ଣ ୪ ଟାରେ ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ରଥ ଟଣା ଆରମ୍ଭ ହୋଇଥିଲା। ପାଖାପାଖି ୩ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ରଥକୁ ଘେରି ରହିଥିଲେ। ଏହାରି ଭିତରେ ରଥ ଦଉଡ଼ି ଧରିବା ପାଇଁ ଲୋକଙ୍କ ଭିତରେ ଜୋର୍‌ସୋର୍ ଠେଲାପେଲା ହୋଇଥିଲା। ଠେଲାପେଲାରେ ଏକାଧିକ ଲୋକ ତଳେ ପଡ଼ି ଯାଇଥିଲେ। ଏସବୁ ନିୟନ୍ତ୍ରଣ କରିବା ପାଇଁ ପାଖରେ ପୁଲିସ ନ ଥିଲା। ଫଳରେ ତଳେ ପଡ଼ିଯାଇଥିବା ଲୋକମାନଙ୍କୁ ଅନ୍ୟମାନେ ଦଳି ଦେଇଥିଲେ। ସେହିଭଳି କିଛି ବରିଷ୍ଠ ନାଗରିକ ମଧ୍ୟ ଭିଡ଼ରେ ରଥ ଟାଣିବା ପାଇଁ ଭିତରକୁ ପ୍ରବେଶ କରିଥିଲେ ହେଁ ମାତ୍ରାଧିକ ଭିଡ଼ ଯୋଗୁଁ ଗୁଳୁଗୁଳିରେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗର ମୋବାଇଲ୍ ଭ୍ୟାନ୍ ପହଞ୍ଚି ଉଦ୍ଧାର କରିଥିଲା। ସାମାନ୍ୟ ଆହତମାନଙ୍କୁ ତୁରନ୍ତ କ୍ୟାମ୍ପରେ ଚିକିତ୍ସା ଯୋଗାଇ ଦିଆଯାଇଥିବାବେଳେ ଗୁରୁତର ରୋଗୀମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଗ୍ରୀନ୍ କରିଡର୍‌ରେ ନିଆଯାଇ ରଥଯାତ୍ରା ପାଇଁ ହୋଇଥିବା ସ୍ୱତନ୍ତ୍ର ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସୁଭଦ୍ରାଙ୍କ ରଥ ଟଣା ସମୟରେ ବି ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ତଳେ ପଡ଼ି ଆର୍ତ୍ତ ଚିତ୍କାର କରୁଥିଲେ ବି ପୁଲିସ ଉଠାଇବାରେ ବିଫଳ ହୋଇଥିଲା। ଫଳରେ ୩ଜଣ ଶ୍ରଦ୍ଧାଳୁ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଯାଇଥିଲା।

ରଥଯାତ୍ରାରେ ଏଭଳି ବିଭ୍ରାଟ ପୂର୍ବରୁ କେବେ ଦେଖାଯାଇ ନ ଥିଲା। ଚଳିତବର୍ଷ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂର୍ବରୁ ଏହାଠାରୁ ଅଧିକ ସଂଖ୍ୟାରେ ଭକ୍ତ ମଧ୍ୟ ପୁରୀ ଆସିଥିଲେ। ପୂର୍ବ ସରକାର ସୂଚାରରୂପେ ଏହା ପରିଚାଳନା କରିଥିଲେ। କିନ୍ତୁ ବର୍ତ୍ତମାନର ସରକାର ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହେଲେ। ଏହି ବିଫଳତାକୁ ନେଇ ଜାତୀୟସ୍ତରରେ ଘୋର ନିନ୍ଦା କରାଯାଉଛି। ଆଜି ପୁରୀ ରଥଯାତ୍ରାରେ ଦେଖାଦେଇଥିବା ବିଶୃଙ୍ଖଳା, ଠେଲାପେଲା ଓ ଦଳାଚକଟାରେ ଶତାଧିକ ଭକ୍ତ ଆହତ ହେବା ଘଟଣା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ରଥଯାତ୍ରା ଅଘଟଣର ଖବର ପାଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତ ଶ୍ରଦ୍ଧାଳୁଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଏ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, କିଛି ଶ୍ରଦ୍ଧାଳୁ ଆହତ ହୋଇଥିବା ଖବର ଆମ ପାଖରେ ଅଛି। ଆମର ସ୍ୱତନ୍ତ୍ରୀ ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟ କର୍ମୀ ତାଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେଇଛନ୍ତି।

### ପାହୁଣ୍ଡେ ଗଡ଼ିଲା...

ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡି (ମାଜଣା ଜାଗା ନିକଟ)ଠାରେ ଅଟକି ଥିବାବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମରୀଚିକୋଟ ଛକରେ ଅଟକିଛି। ବିଧି ରକ୍ଷା ପାଇଁ ନନ୍ଦିଘୋଷ ରଥକୁ ପାହୁଣ୍ଡେ ମାତ୍ର ଟଣାଯିବା ପରେ ସିଂହଦ୍ୱାର ନିକଟରେ ଅଟକି ରହିଛି।

ଅନୁକୂଳ ପାଗ ଯୋଗୁଁ ସୋମବାର ସକାଳୁସକାଳୁ ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥିଲା। ଶୁକ୍ରବାର ସକାଳ ୬ଟା ୧୫ରେ ଠାକୁରଙ୍କ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ସକାଳ ୯ଟା ୪୫ରେ ସକାଳଧୂପ ସରିଥିଲା। ପୂର୍ବାହ୍ଣ ୧୦ଟା ୧୫ରେ ପୁଷ୍ପାଞ୍ଜଳି ପରେ ଡୋରଲାଗି ଶେଷ ହୋଇ ବାଜିଥିଲା ବିଜେକାହାଳୀ। ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ଧାର୍ଯ୍ୟ ସମୟର ୫୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ୧୦ଟା ୨୦ରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ପରମ୍ପରା ଅନୁଯାୟୀ ଧାଡ଼ି ପହଣ୍ଡିରେ ଆସିଥିଲେ ଦାରୁବିଗ୍ରହ। ପ୍ରଥମେ ଶ୍ରୀସୁଦର୍ଶନ, ତା' ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ରଥାରୁଢ ହୋଇଥିଲେ। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ରଥରେ ବିଜେ କରିଥିଲେ। ଧାର୍ଯ୍ୟ ସମୟ ସାଢ଼େ ୧୨ଟାରେ ଶେଷ ହୋଇଥିଲା ପହଣ୍ଡି। ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ସଅଳ ସଅଳ ରଥାରୂଢ଼ ହୋଇଯାଇଥିଲେ। ହେଲେ ହଟ ଭିଆଇଥିଲେ ହଟିଆ ଠାକୁର। ମାନ କରିବା ଭଳି ଧୀରେଧୀରେ ହଲି ଦୋହଲି ଆଗକୁ ବଢ଼ିଥିଲେ। ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ହଲିଝୁଲି ଶେଷରେ ଭାବ ବିନୋଦିଆ କଳା ଠାକୁର ରଥାରୂଢ଼ ହୋଇଥିଲେ। ମଦନମୋହନ, ରାମ ଓ କୃଷ୍ଣ ରଥକୁ ବିଜେ କରିବା ପରେ ମହାପ୍ରଭୁଙ୍କ ଚିତାଲାଗି କରାଯାଇଥିଲା। ଏହାପରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କର ଶିଷ୍ୟ ସାଧକଙ୍କ ସହିତ ଆସି ତିନିରଥ ଉପରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶଙ୍କରାଚାର୍ଯ୍ୟ ବିଦାୟ ପରେ ମହାପ୍ରଭୁଙ୍କ ବେଶ କରାଯାଇଥିଲା।

ଠାକୁରଙ୍କ ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମଯାନରେ ଶ୍ରୀନଅରରୁ ଆସି ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ରଥ ପାଖରେ ପହଞ୍ଚିଥିଲେ। ବିଧି ଅନୁଯାୟୀ, ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଗଜପତି ମହାରାଜା ଛେରାପହଁରା ସାରି ୩ଟା ୪୦ରେ ଫେରିଯାଇଥିଲେ। ଗଜପତି ପ୍ରଥମେ ତାଳଧ୍ୱଜ ରଥରେ ଛେରାପହଁରା ସାରିବା ପରେ ବଡ଼ଠାକୁରଙ୍କ ରଥରେ ଚାଳମାଳ ଫିଟାଯାଇ ଘୋଡ଼ା ଓ ସାରଥୀ ଲାଗିଥିଲା। ଏହାପରେ ନୀତିକାନ୍ତି ସଅଳ ସଅଳ ହୋଇଥିଲା। ଅପରାହ୍ଣ ୪ଟାରେ ରଥଟଣା ଯିବାକୁ ଧାର୍ଯ୍ୟ ହୋଇଥିବାବେଳେ ଏହାର ୧୦ ମିନିଟ୍ ପରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଏବଂ ଘଣ୍ଟମାଡ଼ରେ ପ୍ରଥମେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥକୁ ଟାଣିଥିଲେ ଭକ୍ତ। ଏହାପରେ ଦେବଦଳନ ଏବଂ ଶେଷରେ ବିଧି ରକ୍ଷା ପାଇଁ ଥରୁଟିଏ ନନ୍ଦିଘୋଷ ରଥକୁ ପାହୁଣ୍ଡେ ଟଣାଯାଇଥିଲା।

ଆରମ୍ଭରୁ ବଡ଼ଠାକୁର ଶ୍ରୀବଳଭଦ୍ର ଭକ୍ତଙ୍କୁ ନାକେଦମ୍ କରିଥିଲେ। ଗଡ଼ୁ ନ ଥିଲା ତାଳଧ୍ୱଜ ରଥ। ବିଭିନ୍ନ ସ୍ଥାନରେ ଏପରିକି, ୧୦ ମିନିଟ୍‌କୁ ଥରେ ଲେଖାଏଁ ମୋଡ଼ ନେଉଥିଲା। ଝାଳନାଳ ହୋଇ ମୋଡ଼ ବଦଳାଉଥିଲେ ଭୋଇ ଏବଂ ମହାରଣା ସେବକ। କେଜାଣି କାହିଁକି ଅଭିମାନ କରିଥିଲେ ଶ୍ରୀବଳଭଦ୍ର। ସାଢ଼େ ୩ ଘଣ୍ଟାରେ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଯାଇଥିଲା ତାଳଧ୍ୱଜ ରଥ। ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟ ଛକ ପର୍ଯ୍ୟନ୍ତ ଗଡ଼ିଥିବା ବେଳେ ଅଟକି ରହିଛି। ନନ୍ଦିଘୋଷ ରଥ ସନ୍ଧ୍ୟା ୭ଟା ପରେ ପାହୁଣ୍ଡେ ଗଡ଼ିବା ପରେ ରାତି ହୋଇଯିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥଟଣା ବନ୍ଦ ଘୋଷଣା କରାଯାଇଥିଲା। ସୂଚନା ମୁତାବକ, ଶନିବାର ସକାଳ ସାଢ଼େ ୯ଟାରେ ବଡ଼ଦାଣ୍ଡରେ ଅଟକିଥିବା ତିନିରଥ ଟଣାଯିବ। ରବିବାର ଅପରାହ୍ଣ ପର୍ଯ୍ୟନ୍ତ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଏହାପରେ ଅନୁଷ୍ଠିତ ହେବ ଠାକୁରଙ୍କ ଆଡ଼ପ ପହଣ୍ଡି। ଗୋଟି ପହଣ୍ଡିରେ ବିଜେ ହୋଇ ଆଡ଼ପମଣ୍ଡପକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି।

### ଭାଙ୍ଗିଲା ୩୦ ବର୍ଷର...

ବଳଭଦ୍ର। ଠାକୁର ପଡିଗଲେ କ'ଣ ହୁଏ, ତାହା ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଥିବା ବେଳେ ଶାନ୍ତି ବିଧାନ ବା ପ୍ରାୟଶ୍ଚିତ କରିବା ପାଇଁ ମତ ଦେଇଥିଲେ ପଣ୍ଡିତ। ନୀଳାଦ୍ରି ମହୋଦୟ ଗ୍ରନ୍ଥରୁ ଉଦ୍ଧୃତ ରାଧାବଲ୍ଲଭ ମଠ ମହନ୍ତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ରାମକୃଷ୍ଣ ଦାସ ମହାରାଜ କହିଥିଲେ, 'ଏହିପରି ଅଘଟଣ ଘଟିଲେ ରାଷ୍ଟ୍ର ପ୍ରତି ବହୁ ବିପଦ ଦେଖାଯାଏ। ରାଜ୍ୟ ରାଜାଙ୍କର ଏବଂ ରାଜ୍ୟର ମହା ଅନିଷ୍ଟ ହେବ, ଦୁର୍ଭିକ୍ଷ ପଡିବ। ମହାମାରୀ ବାରମ୍ବାର ହେବ। ପହଣ୍ଡି ସମୟରେ ଠାକୁର ପଡିଗଲେ ମହିଷୀ (ରାଣୀ)ଙ୍କର କ୍ଷତି ହେବ। ତେଣୁ ବିଷ୍ଣୁଙ୍କର ପ୍ରୀତି ଉଦ୍ଦେଶ୍ୟରେ ଶାନ୍ତି ବିଧାନ କରିବ। ବ୍ରାହ୍ମଣମାନଙ୍କ ଦ୍ୱାରା ମୂଳମନ୍ତ୍ର ଏକ ଲକ୍ଷ ବାର ଜପ କରାଇବ। ସେତିକି ସଂଖ୍ୟକ ଅର୍ଥାତ୍ ଗବ୍ୟ ଘୃତରେ ଏକ ଲକ୍ଷ ଆହୁତି ଦେଇ ହୋମ କରିବ। ତାହାର ଏକ ଦଶମାଂଶ ଅର୍ଥାତ୍ ଦଶହଜାର ତର୍ପଣ କରାଇବ।' ତେବେ ପ୍ରାୟଶ୍ଚିତ ପାଇଁ ଦିଆଯାଇଥିବା ପରାମର୍ଶ ପାଳନ କରାଯାଇ ନ ଥିବାରୁ ବଡ଼ଠାକୁର ରାଗିଛନ୍ତି। ଯେଉଁଥିପାଇଁ ତାଙ୍କ ତାଳଧ୍ୱଜ ରଥ ଆଜି ଆଦୌ ଗଡ଼ୁ ନ ଥିଲା। ବିଭିନ୍ନ ସ୍ଥାନରେ ମୋଡ଼ ନେଇଥିଲା।

ସବୁଠୁ ବଡ଼ କଥା ହେଉଛି, ନିକଟରେ ମହାପ୍ରଭୁଙ୍କ ସୁସ୍ଥ ପାଇଁ ଆସିଥିବା ଦଶମୂଳ ମୋଦକ ଚୋରି ହୋଇଥିଲା। ଠାକୁରମାନଙ୍କୁ ଲାଗି ପୂର୍ବରୁ କିଏ ନେଇଯାଇଥିଲା ୭୦ ମୋଦକ। ମାରା ମୋଦକ ଶ୍ରୀବିଗ୍ରହମାନଙ୍କୁ ଲାଗି କରାଯାଇଥିଲା। ତେଣୁ ମାରା ମୋଦକ ଲାଗି କରାଯାଇଥିବାରୁ ଠାକୁରମାନେ ସୁସ୍ଥ ହେଲେ କିପରି ବୋଲି ଅନେକ ପ୍ରଶ୍ନ ଉଠାଇଥିଲେ। ଏମିତି ଦେଖିଲେ ବିଭିନ୍ନ ପ୍ରସଙ୍ଗରେ ମହାପ୍ରଭୁଙ୍କ ପ୍ରତି ସେବକ ଓ ଭକ୍ତଙ୍କ ଆଚରଣଙ୍କୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏହିସବୁର ପ୍ରତିଫଳନ ଆଜି ରଥଯାତ୍ରାରେ ଠାକୁର ଦେଖାଇଦେଲେ ବୋଲି କହିଛନ୍ତି ଭକ୍ତ ମହେଶ୍ୱର ବେହେରା। ତେଣୁ ତୁରନ୍ତ ବଡ଼ ଠାକୁର ପଡିଯିବାର ଶାନ୍ତି ବିଧାନ କରାଯିବା ଦରକାର। ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ସେ କହିଛନ୍ତି। କେବଳ ମହେଶ୍ୱର ନୁହେଁ; ଅଧିକାଂଶ ଶ୍ରଦ୍ଧାଳୁ ଉପରୋକ୍ତ କାରଣ ପାଇଁ ଆଜି ରଥଯାତ୍ରାରେ ନାନା ପ୍ରକାର ଅବ୍ୟବସ୍ଥା ଘଟିଲା ବୋଲି ମତ ଦେଇଛନ୍ତି।

### ପାସ୍ ବଣ୍ଟନରୁ...

ସୂଚନା ଦେଇଥିଲେ। ପୂର୍ବରୁ ରଥଯାତ୍ରା ସମୟରେ ବି ପାସ୍ ବଣ୍ଟନ କରାଯାଉଥିଲା। ଭିଆଇ ଓ ଭିଭିଆଇପି ଶ୍ରେଣୀର ଲୋକମାନେ ପାସ୍ ନେଇ ରଥ ନିକଟକୁ ଯାଉଥିଲେ। ମାତ୍ର ଏତେ ମାତ୍ରାରେ ପାସ୍‌ଧାରୀ କେବେ ରଥ ନିକଟରେ ଭିଡ଼ ହେଇନଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି।

ବିଶେଷକରି ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଦୁଇ ଜଣ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀ ହଜାର ହଜାର ସଂଖ୍ୟାରେ ପାସ୍ ବାଣ୍ଟିବାରୁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହେଉଛି। ଉଭୟ ମନ୍ତ୍ରୀ ପାଖାପାଖି ୬ରୁ ୭ହଜାର ପାସ୍ ବାଣ୍ଟିଥିବାବେଳେ ଅନ୍ୟମାନେ ବି ୪ରୁ ୫ ହଜାର ପାସ୍ ବାଣ୍ଟିଥିଲେ। ତେଣୁ ପାଖାପାଖି ୧୫ରୁ ୨୦ ହଜାର ପାସ୍‌ଧାରୀ ପରିବାର ସହ ରଥକୁ ଘେରି ରହିଥିଲେ। କିଛି ଯୁବକ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଫଟୋ ସମ୍ବଳିତ ଆଇଡି କାର୍ଡ ପକାଇ କଡନ୍ ଭିତରେ ବୁଲୁଥିଲେ। ପୁଲିସ ସେମାନଙ୍କୁ ଭିତରକୁ ଯିବାକୁ ବାରଣ କରିଥିଲେ ହେଁ ସେମାନେ ଶୁଣି ନ ଥିଲେ। ରଥଯାତ୍ରାରେ ଏଭଳି ମହାବିଭ୍ରାଟ ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀଙ୍କୁ କୁଠାରଘାତ କରିଛି। ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ସେମାନେ ଦୃଢ଼ ନିନ୍ଦା କରିଛନ୍ତି। ପୂର୍ବବର୍ଷ ବଡ଼ଠାକୁରଙ୍କୁ ପକାଇ ଦେବା ଘଟଣାରେ ସରକାର କିଛି କାର୍ଯ୍ୟାନୁଷ୍ଠାନ ନେଲେନି। ଏବେ ବି ରଥଯାତ୍ରା ଏଭଳି ବିଭ୍ରାଟ ଦେଖିବାକୁ ମିଳୁଛି। ବାସ୍ତବରେ ସରକାର ଏସବୁ ପରିଚାଳନା କରିବାରେ ସାମର୍ଥ୍ୟ ରଖୁନାହାନ୍ତି ବୋଲି ଜଗନ୍ନାଥ ପ୍ରେମୀ ଅଭିଯୋଗ କରିଛନ୍ତି।

### ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**IN THE COURT OF THE CIVIL JUDGE (JUNIOR DIVISION) DHAMNAGAR**
**CS. NO. 15 OF 2005**

୧) କ) ଦୁର୍ଗାପ୍ରସାଦ ମହାପାତ୍ର ବୟସ ୭୪ବର୍ଷ
୧)ଖ) ଦେବେନ୍ଦ୍ରପ୍ରସାଦ ମହାପାତ୍ର ବୟସ ୭୪୬ବର୍ଷ, ଉଭୟଙ୍କର ପିତା- ୰ ଯଦୁନାଥ ମହାପାତ୍ର, ସା- ଶ୍ୟାମପୁର, ପୋ./ଥା- ଧାମନଗର, ଜି- ଭଦ୍ରକ
୧)ଗ) ଶ୍ରୀମତୀ ଫଁଲୁଲ୍ଲା ନାୟକ, ବୟସ ୭୬୦ର୍ଷ, ସା- ଲକ୍ଷ୍ମଣ ନାୟକ, ସା- ମୁବାରକପୁର, ପୋ/ଥା- ଭଣ୍ଡାରିପୋଖରୀ, ଜି- ଭଦ୍ରକ
୧)ଘ) ପ୍ରଭାତୀ ସାହୁ, ବୟସ ୭୫୨ର୍ଷ, ସା- ଚନ୍ଦନ ସାହୁ, ସା- ନୂଆ ମିରଜାପୁର, ପୋ- ସାମନ୍ତରାପୁର, ଥା/ଜି- ଯାଜପୁର
୨) ନାରାୟଣ ଚନ୍ଦ୍ର ମହାପାତ୍ର, ବୟସ ୭୫୨ର୍ଷ, ପି- ୰ ଅଭୟ ମହାପାତ୍ର, ସା/ପୋ/ଥା- ଧାମନଗର, ଜି- ଭଦ୍ରକ
୩) କୈଳାସ ଚନ୍ଦ୍ର ଜେନା, ବୟସ ୭୩୮ର୍ଷ, ପି- ଯୁଧିଷ୍ଠିର ଜେନା, ସା- ଦକ୍ଷିଣବାଡ, ପୋ/ଥା- ଧାମନଗର, ଜି- ଭଦ୍ରକ
୪) ଜଗନ୍ନାଥ ତ୍ରିପାଠୀ, ବୟସ ୭୩୨ର୍ଷ, ପି- ରାମଚନ୍ଦ୍ର ତ୍ରିପାଠୀ, ସା- ଶ୍ୟାମପୁର, ପୋ/ଥା- ଧାମନଗର, ଜି- ଭଦ୍ରକ ..... ବାଦୀମାନେ

ବନାମ

୧) କଲେକ୍ଟର, ଭଦ୍ରକ, ସା/ପୋ/ଥା/ଜି- ଭଦ୍ରକ
୨) ତହସିଲଦାର, ଧାମନଗର, ଥା/ପୋ- ଧାମନଗର, ଜି- ଭଦ୍ରକ
୩) ମୁଖ୍ୟ ଜିଲ୍ଲା ଭେଟେନାରୀ ଅଫିସର, ଭଦ୍ରକ, ଥା/ପୋ/ଜି- ଭଦ୍ରକ
୪)କ) ନାରାୟଣ ମହାପାତ୍ର ବୟସ ୭୬୦ର୍ଷ
୪)ଖ) ପ୍ରଭାତ ମହାପାତ୍ର ବୟସ ୭୫୦ର୍ଷ
୪)ଗ) ବାସନ୍ତୀ ମହପାତ୍ର ବୟସ ୭୪୭ର୍ଷ
୪)ଘ) ମଞ୍ଜୁ ମହାପାତ୍ର ବୟସ ୭୪୦ର୍ଷ
୪)ଙ) ସୁଭଦ୍ରା ମହାପାତ୍ର ବୟସ ୭୨୧ର୍ଷ
୪)ଚ) କାଜଲ ମହାପାତ୍ର ବୟସ ୭୧୯ର୍ଷ
କ୍ରମିକ ନଂ. ୪(କ) ଓ ୪(ଖ) ମାନେ ପୁତ୍ର ଓ କ୍ରମିକ ନଂ. ୪(ଗ)ରୁ ୪(ଙ)ମାନେ ଝିଅ, ପି- ୰ ଶଙ୍କର୍ଷଣ ମହାପାତ୍ର, ସା/ପୋ/ଥା- ଧାମନଗର, ଜି- ଭଦ୍ରକ ..... ବିବାଦୀମାନେ

**ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୧ ରୁଲ୍ ୮ ମୁତାବକ ନୋଟିସ**

ଏହିକି ନିମ୍ନ ତଫସିଲ ବୃତ୍ତି ପକ୍ଷେ ବିବାଦୀ ନଂ. ୪(କ) ଲଗାଏତ ୪(ଙ)ୟର ମାନଙ୍କର କୌଣସି ମାଲିକାନା ସତ୍ତ୍ୱ ନଥିବା ଓ ତାହା ସରକାରୀ ସମ୍ପତ୍ତି ଥିବା ଘୋଷଣା ପ୍ରଚାର ସହ ବିବାଦୀ ନଂ. ୪(କ) ଲଗାଏତ ୪(ଙ) ମାନଙ୍କ ବିରୁଦ୍ଧେ ଚିରସ୍ଥାୟୀ ନିଷେଧାଜ୍ଞା ଦାବୀରେ ବାଦିମାନେ ସର୍ବସାଧାରଣଙ୍କ ପ୍ରତିନିଧି ସ୍ୱରୂପ ମୋକଦ୍ଦମା ଆଗତ କରିଅଛନ୍ତି।

ଯଦି କୌଣସି ବ୍ୟକ୍ତି ଏହି ମୋକଦ୍ଦମାରେ ପକ୍ଷଭୁକ୍ତ ହେବାକୁ ଚାହାନ୍ତି ସେମାନେ ତା.୩୦.୦୬.୨୦୨୫ରିଖ ଘ.୧୦.୩୦ମିନିଟରେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ହାଜର ହୋଇ ନିଜର ପକ୍ଷ ବା ଦରଖାସ୍ତ ଦେଇପାରିବେ।

**ତଫସିଲ ବୃତ୍ତି**

ଜିଲ୍ଲା- ଭଦ୍ରକ, ଥାନା- ଧାମନଗର, ମୌଜା- ଶାମପୁର, ମେଜର ବନ୍ଦୋବସ୍ତ ଖା୧୦୫୭/୨୨୫ତା, ଖସଡା ନଂ. ୨୬୫୪, ଏ୦.୩୦ଡିସିମିଲି।

ସା/- ସିଜେଜେଡି, ଧାମନଗର


**AFFIDAVIT**
By virtue of an affidavit before the Notary Public on dated 26.06.2025. I Renubala Mishra, D/o- Sitaram Nayak, residing at Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No. 220/3175, Po- Bhubaneswari Colony, Ps- Mancheswar, Bhubaneswar-751006, Odisha. I have changed my name from Renu Mishra to Renubala Mishra. I shall be known **RENUBALA MISHRA** for all purposes.

**AFFIDAVIT**
I Anju Agarwal, D/o- Mul Chan Agrawal residing at Duplex-18, Greater Sambalpur, Bareipali, Sambalpur- 768006 declare by this affidavit No. 11875 dtd.24.6.2025 that, now onwards I shall be known as **Anju Agrawal** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar dated- 26/06/2025. I, **Priyadarshini Jagdev,** Address: Plot No. 1040, Gadasahi, Nayapalli, PO/PS- Nayapalli, Bhubaneswar, Dist- Khordha, PIN-751012, Odisha declare that I have changed my name from **Priyadarsini Pradipta Jana To Priyadarshini Jagdev.** Henceforth, I shall be known as **Priyadarshini Jagdev,** W/o- Priti Sundar Jagdev for all future purposes.
**Priyadarshini Jagdev**



# ଭୁବନେଶ୍ୱର ସିଟି

# ରଥମୟ ହେଲା ଏକାମ୍ରକ୍ଷେତ୍ର


ଶୈଳଶ୍ରୀ ବିହାର


ଇସ୍କନ

ଭୁବନେଶ୍ୱର, ୨୭।୬(ସମିସ): ରାଜଧାନୀର ବିଭିନ୍ନ ସ୍ଥାନରେ ଗଡ଼ିଲା ରଥ। ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ୫୪ ଟି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଇସ୍କନ, କିଟ୍, ଚନ୍ଦ୍ରଶେଖରପୁର ଆର୍‌ସିଏମ୍, ଓୟୁଏଟି, କୋଲଥିଆ, ପୁରୁଣା ଭୁବନେଶ୍ୱର, ପଟିଆ, ଗାଡକଣ, ଡୁମଡୁମା, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ, ଏକାମ୍ର ଶ୍ରୀକ୍ଷେତ୍ର, ସଚିବାଳୟ ଭିତରେ ଥିବା ଜଗନ୍ନାଥ ମନ୍ଦିର ପରିସର, ଡେଲଟା ଛକ, ସହିଦ ନଗର, ବରମୁଣ୍ଡା ଆଦି ୫୪ଟି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଘଣ୍ଟ ଘଣ୍ଟା ସାଙ୍ଗକୁ ଶଙ୍ଖ, ହୁଳହୁଳି, ନୃତ୍ୟ ସଙ୍ଗୀତରେ ପ୍ରକମ୍ପିତ ହୋଇଉଠିଥିଲା ଏକାମ୍ରକ୍ଷେତ୍ର। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାଜଧାନୀରେ ଦେଖିବାକୁ ମିଳିଥିଲା ଭକ୍ତିମୟ ପରିବେଶ। ରଥପାଇଁ ଉତ୍ସବମୁଖର ଏବଂ ଚଳଚଞ୍ଚଳ ହୋଇପଡ଼ିଛି ରାଜଧାନୀ।

ପୁରୀ ଜଗନ୍ନାଥ ମନ୍ଦିରର ରୀତିନୀତି ଅନୁଯାୟୀ ଇସ୍କନ୍ ମନ୍ଦିରରେ ଅପରାହ୍ନ ୩ ଟାରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସାଢେ ୭ଟା ସୁଦ୍ଧା ସମସ୍ତ ରଥ ୟୁନିଟ୍-୮ ସ୍ଥିତ ମାଉସୀମା' ମନ୍ଦିରରେ ପହଞ୍ଚିଥିଲା। କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅପରାହ୍ଣ ସାଢେ ୩ଟାରେ ଛେରା ପହଁରା କରିବା ପରେ ସାଢେ ୪ଟାରେ ରଥଟଣା ଆରମ୍ଭ ହୋଇ ମାଉସୀମା ମନ୍ଦିର ନିକଟରେ ପହଞ୍ଚିଥିଲା। ଆସନ୍ତା ୯ଦିନ ବ୍ୟାପୀ ପ୍ରତିସନ୍ଧ୍ୟାରେ ମହାପ୍ରଭୁଙ୍କ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହେବ। ଚନ୍ଦ୍ରଶେଖରପୁରସ୍ଥିତ ଆରସିଏମ୍ ପରିସରରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଠାରେ ମହିଳାଙ୍କ ଦ୍ୱାରା ସୁଭଦ୍ରାଙ୍କ ରଥକୁ ଟଣାଯାଇଥିଲା। ଅପରାହ୍ଣ ୧ଟାରେ ତିନି ଦିଅଁଙ୍କର ପହଣ୍ଡି ବିଜେ କରାଯାଇ ସାଢେ ୩ଟା ପରେ ରଥଟଣା ଯାଇ ମାଉସୀମା' ମନ୍ଦିରକୁ ଯାଇଥିଲା।

ରାଜଧାନୀର ସବୁଠୁ ପୁରୁଣା ଜଗନ୍ନାଥ ମନ୍ଦିର ଭାବେ ଓୟୁଏଟି କଲୋନୀ ଜଗନ୍ନାଥ ମନ୍ଦିରରେ ଆରମ୍ଭ ହୋଇଥିଲା ରଥଯାତ୍ରା ମହୋତ୍ସବ। ୮ଟି ଚକ ବିଶିଷ୍ଟ ଏହି ରଥରେ ତିନି ଠାକୁର ଝାଡେଶ୍ୱରୀ ମନ୍ଦିର ସ୍ଥିତ ମାଉସୀମା ମନ୍ଦିରକୁ ଗଲେ। ଓୟୁଏଟି କଲୋନୀସ୍ଥିତ ଜଗନ୍ନାଥ ମନ୍ଦିରରୁ ରଥ ବାହାରି ଓୟୁଏଟି ଗେଷ୍ଟ ହାଉସ ଆଗ ଦେଇ ଗୋପବନ୍ଧୁ ଛକ, ସିରିପୁର ଛକ ଦେଇ ମାଉସୀମା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଅପରାହ୍ଣ ସାଢେ ୩ଟା ପରେ ଛେରା ପହଁରା ପରେ ୪ଟା ବେଳକୁ ରଥଟଣା ହୋଇଥିଲା। ଶୈଳଶ୍ରୀବିହାର ଫେଜ୍ ୭ରେ ଶ୍ରୀଜଗନ୍ନାଥ ମନ୍ଦିରରେ ମହାଆଡ଼ମ୍ବରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣ ୩ଟା ୧୫ମିନିଟରେ ରାମକୃଷ୍ଣ ମିଶନର ମହାରାଜ ଛେରା ପହଁରା କରିଥିଲେ ଓ ୪ଟା ପରେ ରଥଟଣା ଯାଇଥିଲା। ଖଣ୍ଡଗିରି ଜାଗମରା ସ୍ଥିତ ଜଗନ୍ନାଥ ମନ୍ଦିରର ରଥଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି। ତିନି ଠାକୁରଙ୍କ ପାଇଁ ୩ଟି ଭିନ୍ନ ଭିନ୍ନ ରଥ କରାଯାଇଥିଲା। ଦିନ ୩ଟା ବଳକୁ ରଥଟଣା ହୋଇଥିଲା।

କୋଲଥିଆ ସ୍ଥିତ ଶିବାନନ୍ଦ ବିହାର ସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣ ପ୍ରାୟ ୩ଟା ବେଳକୁ ରଥଟଣା ହୋଇ ସନ୍ଧ୍ୟା ୬ଟା ସୁଦ୍ଧା ରଥଟଣା ମହୋତ୍ସବ ଶେଷ ହୋଇଥିଲା। ସନ୍ଧ୍ୟା ସାଢେ ୬ଟାରେ ତିନିଠାକୁର ଆଡପମଣ୍ଡପକୁ ବିଜେ କରିଥିଲେ। ବାହୁଡା ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ମାଉସୀମା ମନ୍ଦିର ନିକଟରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମନ୍ଦିର କମିଟିପ କ୍ଷରୁ ସୂଚନା ଦିଆଯାଇଛି। ପୁରୁଣା ଭୁବନେଶ୍ୱର ଜମେଶ୍ୱର ପାଟଣାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିନି ଠାକୁର ପରକରଣ ସାହି ନାରାୟଣୀ ମନ୍ଦିରରୁ ବାହାରି ପହଣ୍ଡିରେ ଆସିଥିଲେ। ରଥ ଜମେଶ୍ୱର ପାଟଣା ସାହିଠାରୁ ରଥ ବାହାରି ତିନି ମୁଣ୍ଡିଆ ଛକ, ଲିଙ୍ଗରାଜ ମନ୍ଦିର ପରିଭ୍ରମଣ କରି ଗଙ୍ଗା ଯମୁନା ମନ୍ଦିର ନିକଟକୁ ଯାଇଥିଲା।

ବାଣୀବିହାରର ବାଣୀକ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଛେରା ପହଁରା କରିଥିଲେ। ସନ୍ଧ୍ୟା ସୁଦ୍ଧା ମହାପ୍ରଭୁଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା।


ବିଜେଡି ପକ୍ଷରୁ ଜଳସେବା




ୟୁନିଟ୍-୮

## କସ୍ମୋପଲିସ୍ ସୋସାଇଟିରେ ରଥଯାତ୍ରା



କସ୍ମୋପଲିସ୍ ସୋସାଇଟିରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର ରଥଯାତ୍ରା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପହଣ୍ଡି ବିଜେ ପରେ ଅର୍ଦ୍ଧେନ୍ଦୁ ମହାପାତ୍ର ପବିତ୍ର ଛେରା ପହଁରା କରିଥିଲେ। ଏହାପରେ ରଥ ଟଣା ଆରମ୍ଭ ହୋଇଥିଲା।

## ଉପକଣ୍ଠରେ ରଥ ଗଡ଼ିଲା



ଯାଁଳା, ୨୭।୬(ସମିସ): ରଥଯାତ୍ରା ଅବସରରେ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ଉତ୍ତରମୁଣ୍ଡମୁହାଣ ଗୋପବନ୍ଧୁ ନଗର (ବାଘ ତୋଟା) ରୁ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରା ବାହାରି ଯାଁଳା, ଉତ୍ତରମୁଣ୍ଡମୁହାଣ ଓ ଗ୍ରାମେଶ୍ୱର ନଗର ପରିକ୍ରମା କରି ଗୋପବନ୍ଧୁସ୍ଥିତ ମାଉସୀମାଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେହି ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ମେଡିକାଲ ଛକରୁ ପୋଷ୍ଟ ଅଫିସ୍ ଛକ ଯାଏଁ ରଥ ଗଡ଼ିଥିବା ବେଳେ ଭୁବନେଶ୍ୱର ବ୍ଲକର ନଁପୁଟ ପଞ୍ଚାୟତ ରେତଙ୍ଗ ଗ୍ରାମର ଚଣ୍ଡି ମନ୍ଦିର ଠାରୁ ଏକ ରଥ ବାହାରି ମହାଦେବଙ୍କ ମନ୍ଦିର ନିକଟରେ ଅବସ୍ଥିତ ହୋଇଥିଲା। ଜଟଣୀ ବ୍ଲକ ଅଙ୍ଗାରପଡ଼ା ପଞ୍ଚାୟତର ମଦନମୋହନ ମନ୍ଦିର ଠାରୁ ବାଜା, ବାଣ, ରୋଷଣିରେ ପ୍ରଭୁଙ୍କ ରଥ ଗଡ଼ି ମେଳନ ପଡ଼ିଆ ଠାରେ ଥିବା ମା ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅବସ୍ଥାନ ହୋଇଥିଲା।

## କୁନିପିଲାଙ୍କ ରଥରେ କୁନି ଠାକୁର



ନନ୍ଦନକାନନ: ଉତ୍ତର ଭୁବନେଶ୍ୱର ବରିମୁଣ୍ଡ ଟାଙ୍ଗିବନ୍ତ ଗ୍ରାମରେ ଗ୍ରାମର ଛୋଟ ଛୋଟ ପିଲା ମାନେ ଏକାଠି ହୋଇ ଆଜି ପ୍ରଭୁ ଜଗନ୍ନାଥଙ୍କୁ ରଥରେ ବସାଇ ଗାଁ ଦାଣ୍ଡରେ ରଥ ଟାଣି ଟାଣି ଗାଁ ପରିକ୍ରମା କରିଛନ୍ତି। ଗାଁର ବହୁ କୁନି ପିଲା ମାନଙ୍କ ଦ୍ୱାରା ଏହି ରଥଯାତ୍ରା ଲୋକମାନଙ୍କୁ ବେଶ ଭାବ ବିହ୍ୱଳ କରିଥିଲା।

## ବାଲିଅନ୍ତାରେ ଘୋଷ ଯାତ୍ରା




ବାଲିଅନ୍ତା/ଧଉଳି, ୨୭।୬ (ସମିସ): ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ପତିତପାବନ ଦେବଙ୍କ ପୀଠରେ ଘୋଷ ଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ବାଉରୀବନ୍ଧୁ ପଣ୍ଡାଙ୍କ ସମେତ ହିମାଂଶୁ ପଣ୍ଡା ଏବଂ ଅନ୍ୟ ପଣ୍ଡା ସେବାୟତ ସମସ୍ତ ସେବା କାର୍ଯ୍ୟ ସମ୍ପାଦନ କରିଥିଲେ। ଟ୍ରଷ୍ଟି ନିରଞ୍ଜନ ମଙ୍ଗରାଜ ଏବଂ ବିଜୟ ଚାନ୍ଦଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ଗଡ଼ କଣ୍ଟୁଣିଆ ସ୍ଥିତ ସୁଦର୍ଶନ ଦେବ ଦାରୁ ପୀଠରେ ଘୋଷଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇ ରଥିଜେମା ଭଗବତୀ ମନ୍ଦିର ନିକଟରେ ପହଞ୍ଚି ଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ରଞ୍ଜିତ ସାହୁ, ନ୍ୟାସୀ ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ଚକ୍ରଧର ନାୟକ, ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ଦିନବନ୍ଧୁ ଭୋଇ, ପ୍ରିୟବ୍ରତ ପାତ୍ର, ସହଦେବ ସ୍ୱାଇଁ, ସତୀଶ ମିଶ୍ର, ଲକ୍ଷ୍ମଣ ଜେନା ଯୋଗ ଦେଇଥିଲେ।

## ମଣିପାଲ ହସ୍ପିଟାଲ ପକ୍ଷରୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର




ଭୁବନେଶ୍ୱର, ୨୭।୬(ସମିସ): ପ୍ରତିବର୍ଷ ଭଳି ରଥଯାତ୍ରା ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ପୁରୀ ବିଚ୍ରୋଡରେ ପୁରୀ ହୋଟେଲ ସାମ୍ନାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରକୁ ମଣିପାଲ ହସ୍ପିଟାଲର ୟୁନିଟ୍ ହେଡ୍ ବିଜୟ ରଙ୍ଗାରଥ ଫିତା କାଟି ଉଦଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ବାହୁଡା ଯାତ୍ରା ପର୍ଯ୍ୟନ୍ତ ରହିବ। ଏଠାରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ସମେତ ପ୍ରଶିକ୍ଷିତ ପାରାମେଡିକାଲ ଟିମ୍ କାର୍ଯ୍ୟରତ ଅଛନ୍ତି। ଏହି ଅବସରରେ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ଭକ୍ତଙ୍କ ପାଇଁ ପୁରୀରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆମପାଇଁ ଏକ ଗୌରବର ବିଷୟ। ଏହି ଆମ୍ବୁଲାନ୍ସରେ ଅତ୍ୟାଧୁନିକ ଟେଲିମେଡିସନ୍ ସୁବିଧା, ଡିଫିବ୍ରିଲେଟର, ଭେଣ୍ଟିଲେଟର ଏବଂ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ସମସ୍ତ ସୁବିଧା ଉପଲବ୍ଧ ରହିଛି।

## 'ମଧୁରମ୍ ମଧୁରାଧିପତି' ପୁସ୍ତକ ଶ୍ରୀମନ୍ଦିରରେ ସମର୍ପିତ




ଭୁବନେଶ୍ୱର, ୨୭।୬(ସମିସ): ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ଅବସରରେ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ନୂତନ ଆଙ୍ଗିକରେ ଲିଖିତ ଚିତ୍ର ଓ ଲେଖାର ଯୁଗଳବନ୍ଦୀ ପୁସ୍ତକ 'ମଧୁରମ୍ ମଧୁରାଧିପତି' ଦଇତାପତି ସୁଦର୍ଶନ ଦାସ ମହାପାତ୍ରଙ୍କ ଦ୍ୱାରା ସମର୍ପିତ ହୋଇଯାଇଛି। ଏହି ପୁସ୍ତକରେ ଶ୍ରୀ ମହାରଥା 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ପାଇଁ ଗତ ୨୦ ବର୍ଷ ଧରି ପ୍ରକାଶିତ ପୁସ୍ତକରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଆଙ୍କିଥିବା ପ୍ରଚ୍ଛଦପଟ୍ଟ ଓ ସେହି ଚିତ୍ର କାହାଣୀ ବର୍ଣ୍ଣନା କରିଛନ୍ତି। ଏହା ସହିତ ୨୦୧୫ ନବକଳେବର ରାତ୍ରିରେ କରିଥିବା ଚିତ୍ର ଓ ତାଙ୍କର ଅନୁଭୂତି ମଧ୍ୟ ବର୍ଣ୍ଣନା କରାଯାଇଛି। ଗଜପତି ମହାରାଜାଙ୍କ ଉପସ୍ଥିତିରେ ଗୀତ ନୃତ୍ୟ ଓ ଚିତ୍ରର ଯୁଗଳବନ୍ଦୀରେ ତାଙ୍କ ଚିତ୍ର ଆଙ୍କିବାର କାହାଣୀ ସହିତ ଅଙ୍କିତ ଚିତ୍ର ମଧ୍ୟ ସ୍ଥାନ ପାଇଛି।

# ଓଡ଼ିଶା ବାହାରେ ଗଡ଼ିଲା ରଥ

ଭୁବନେଶ୍ୱର, ୨୭।୬(ସମିସ): ଭାରତର ରାଜଧାନୀ ନୂଆଦିଲ୍ଲୀ ସମେତ ନୋଇଡା, ନଭି ମୁମ୍ବାଇ, ରାୟପୁର, ବିଶାଖାପାଟଣମ୍, ଓଡ଼ିଶା ବାହାରେ ତଥା ଦେଶ ବାହାରର ବିଭିନ୍ନ ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

### ନଭି ମୁମ୍ବାଇରେ ରଥଯାତ୍ରା



ନଭି ମୁମ୍ବାଇର ଖରଘର ସେକ୍ଟର-୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ମଧ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛିଙ୍ଗ ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ପକ୍ଷରୁ ଏହି ରଥଯାତ୍ରାରେ ୧୦ହଜାରରୁ ଅଧିକ ଭକ୍ତ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଠାକୁରଙ୍କ ପହଣ୍ଡି ବିଜେ ଓ ନୀତି ପୂଜା ପରେ ଶ୍ରୀଜିଉଙ୍କ ନିକଟରେ ଛେରା ପହଁରା ପରେ ରଥ ଟଣା ହୋଇଥିଲା। ନଭି ମୁମ୍ବାଇର ଖରଘର ସେକ୍ଟର ୩ରୁ ସେକ୍ଟର ୧୨ ପର୍ଯ୍ୟନ୍ତ ରଥ ଟାଣି ନିଆଯାଇ ସେଠାରେ ମାଉସୀମା ମନ୍ଦିରକୁ ନିଆଯାଇଥିଲା। ପ୍ରକାଶ ଥାଉକି, ୨୦୦୬ମସିହାରୁ ଉଦ୍ୟୋକ୍ତା ଭାବେ ରାମ ପ୍ରସାଦ ମୁଦୁଲି ରଥ ଯାତ୍ରା ଆରମ୍ଭ କରିଥିଲେ।

### ବିଶାଖାପାଟଣା ରଥଯାତ୍ରା

ବିଶାଖାପାଟଣାର ଦଶପଲ୍ଲା ପାହାଡ଼ିରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅପରାହ୍ଣ ସାଢ଼େ ୩ଟା ବେଳେ ଚାରିଠାକୁରଙ୍କର ପହଣ୍ଡି ବିଜେ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ ପାରମ୍ପରିକ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ଅପରାହ୍ନ ୪ ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା। ଏଠାରେ ପ୍ରାୟ ୫ ହଜାର ଦର୍ଶକଙ୍କର ସମାଗମ ହୋଇଥିଲା। ଭକ୍ତ ମାନେ ରଥଟିକୁ ଟାଣି ଟାଣି ୬ କିଲୋମିଟର ଦୂରବର୍ତ୍ତୀ ଲସନସ ବେ କଲୋନୀଠାରେ ଥିବା ମାଉସୀ ମା ମନ୍ଦିରକୁ ନେଇଥିଲେ। ସନ୍ଧ୍ୟା ୭ଟା ସୁଦ୍ଧା ଜୀଉ ମାନଙ୍କୁ ରଥରୁ ପୁଣି ପହଣ୍ଡି କରାଯାଇ ଗୁଣ୍ଡିଚା ମନ୍ଦିର ସ୍ଥିତ ସିଂହାସନରେ ବିରାଜମାନ କରାଯାଇଥିଲା। ଆସନ୍ତା ଜୁଲାଇ ୫ ତାରିଖ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଠାକୁରମାନେ ଗୁଣ୍ଡିଚା ମନ୍ଦିରରେ ଭକ୍ତମାନଙ୍କୁ ଦର୍ଶନ ଦେବେ ବୋଲି ଜଣାଯାଇଛି। ଚଳିତ ବର୍ଷ ଘୋଷଯାତ୍ରାରେ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ବିମଳ କୁମାର ମହନ୍ତ, ଉପ-ସଭାପତି ଡ଼ଃ କରୁଣାକର ପାଢ଼ୀ, ଏସ.ଏନ. ସାହୁ କାର୍ଯ୍ୟ ପରିଚାଳନ କରିଥିଲେ।

### ନୋଏଡାରେ ରଥଯାତ୍ରା

ରଥଯାତ୍ରା ଅବସରରେ ନୋଏଡ଼ାର ୧୦୧ ସେକ୍ଟରସ୍ଥିତ ସାଲାରପୁର ଜଗନ୍ନାଥ ମନ୍ଦିରରେ ଅପରାହ୍ଣ ସାଢ଼େ ୨ଟାରେ ଚାରି ଠାକୁରଙ୍କର ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀ ଜଗନ୍ନାଥ ସେବା ଟ୍ରଷ୍ଟର ସମ୍ପାଦକ ମୃତ୍ୟୁଞ୍ଜୟ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରଥଯାତ୍ରାରେ ଚାଟାର୍ଡ ଆକାଉଣ୍ଟାଣ୍ଟ ଡଃ ମନୋରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ରଶ୍ମିକାନ୍ତ ନାୟକ ରଥ ସମ୍ମୁଖରେ ଛେରା ପହଁରା କାର୍ଯ୍ୟ ସମାପନ କରିଥିଲୋ। ଅନ୍ୟମାନଙ୍କ ମଧ୍ୟରେ ନୋଏଡ଼ାର ବିଧାୟକ ପଙ୍କଜ ସିଂହ ଏବଂ ବିଜେପି ନେତା ପ୍ରମୋଦ ଭଲ ଉପସ୍ଥିତ ଥିଲେ। ଅପରାହ୍ଣ ଚାରିଟା ବେଳେ ରଥ ଟଣା ଆରମ୍ଭ ହୋଇଥିଲା। ରଥଟିକୁ ସାଲାରପୁର ଗ୍ରାମ ରାସ୍ତା ଦେଇ ଅଢେଇ କିଲୋମିଟର ଦୂର ସାଇବାବା କଲୋନୀସ୍ଥିତ ଶିବ ସାଇ ମନ୍ଦିରକୁ ନିଆ ଯାଇଥିଲା। ଆସନ୍ତା ଜୁଲାଇ ୫ ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇ ଠାକୁରମାନେ ଶିବ ସାଇ ମନ୍ଦିରରୁ ସାଲାରପୁର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାଯାଇଛି।

### ରାୟପୁରରେ ରଥଯାତ୍ରା

ଭାରତର ରାଜଧାନୀ ନୂଆଦିଲ୍ଲୀ ସମେତ ଓଡ଼ିଶା ବାହାରେ ତଥା ଦେଶ ବାହାରର ବିଭିନ୍ନ ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାୟପୁର ଗାୟତ୍ରୀ ନଗରସ୍ଥିତ ଛତିଶଗଡ଼ର ସର୍ବବୃହତ ଜଗନ୍ନାଥ ମନ୍ଦିରଠାରେ ରଥଯାତ୍ରା ଉତ୍ସବ ପାଳନ କରାଯାଇଛି। ସେଠାରେ ଛତିଶଗଡ଼ର ରାଜ୍ୟପାଳ ରମେନ ଡେକା ରଥ ଗୁଡିକ ସାମ୍ନାରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ତାଙ୍କୁ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ଶ୍ରୀ ଜଗନ୍ନାଥ ମନ୍ଦିର ସେବା ସମିତିର ସଭାପତି ପୁରନ୍ଦର ମିଶ୍ରଙ୍କର ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳନା କରାଯାଇଥିଲା। ଅପରାହ୍ନ ୩ଟାରେ ତିନି ରଥକୁ ଗାୟତ୍ରୀ ନଗରରୁ ଟଣାଯାଇ ଏକ କିଲୋମିଟର ଦୂରବର୍ତ୍ତୀ ବିଟିଆଇ ମଇଦାନକୁ ନିଆଯାଇ ଶଙ୍କର ନଗର ଥାନା ରାସ୍ତା ଦେଇ ପୁଣି ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା। ଆସନ୍ତା ଜୁଲାଇ ୫ ତାରିଖର ବାହୁଡାଯାତ୍ରା ପର୍ଯ୍ୟନ୍ତ ସର୍ବସାଧାରଣଙ୍କୁ ଦର୍ଶନ ଦେବେ ବୋଲି ଜଣାଯାଇଛି।

### ନୂଆଦିଲ୍ଲୀ ହାଉଜଖାସ ମନ୍ଦିରରେ ରଥଯାତ୍ରା



ନୂଆଦିଲ୍ଲୀର ହାଉଜଖାସ ଭିଲେଜସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ସବୁଠୁ ବୃହତ ଜଗନ୍ନାଥ ମନ୍ଦିରରେ ୪୭ ତମ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ମନ୍ଦିର ପରିଚାଳନା କମିଟି ନୀଳାଚଳ ସେବାସଙ୍ଘ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପରିଚାଳନା କମିଟିର ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ ସମସ୍ତ ବ୍ୟବସ୍ଥାକୁ ତଦାରଖ କରିଥିଲେ। ସେଠାରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଛେରା ପହଁରା କରିଥିଲେ। ସମ୍ମାନିତ ଅତିଥି ଭାବରେ ମନୋଜ ତିୱାରୀ, ବିଧାୟକ ସତୀଶ ଉପାଧ୍ୟାୟ ଓ ଅନୀଲ ଶର୍ମା, ବିଜେପି ନେତ୍ରୀ ମୃଦୁଳା ଠାକୁର ପ୍ରଧାନ, ବିଜେପି ନେତା ଶୈଳେନ୍ଦ୍ର ସିଂହ ମଣ୍ଟି, ରବୀନ୍ଦ୍ର ଚୌଧୁରୀ ଏବଂ ପୂର୍ବତନ ବିଧାୟକ ସୋମନାଥ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ। ରାତ୍ରିର ବିଳମ୍ବିତ ପ୍ରହରରେ ଠାକୁରମାନଙ୍କୁ ପହଣ୍ଡି କରାଯାଇ ମନ୍ଦିରର ବେସମେଣ୍ଟରେ ଥିବା ମାଉସୀ ମା' ଘରକୁ ନିଆଯାଇ, ସେଠାରେ ଥିବା ସିଂହାସନରେ ବିଜେ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ନୀଳାଚଳ ସେବାସଙ୍ଘର ସୁଦକ୍ଷ ସଙ୍ଗଠକ ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ଡ. ଅଶୋକ ଚୌଧୁରୀ, ଅଭୟ ପ୍ରଧାନ, ଅଶୋକ ପ୍ରଧାନ(କ) ପ୍ରମୁଖ ସହଯୋଗ କରିଥିଲେ।



# ଭକ୍ତ ମାଳମାଳ; ବ୍ୟବସ୍ଥା ଦୁର୍ବଳ

**ବ୍ୟବସ୍ଥାବଳୀକୁ ନାଲିଆଖି...**

## ରଥ ଉପରକୁ ନେଲେ ମୋବାଇଲ୍

ପୁରୀ,୨୭।୬(ସମିସ): ରଥ ଉପରକୁ କେହି ମୋବାଇଲ୍ ଫୋନ୍ ନେଇ ଯାଇପାରିବେ ନାହିଁ। ଯେଉଁମାନେ ଏହାକୁ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା କରାଯିବ। ରଥ ଉପରକୁ ମୋବାଇଲ ନନେବା ପାଇଁ ପୂର୍ବରୁ ଏକାଧିକ ବୈଠକରେ ସେବାୟତଙ୍କୁ ତାଗିଦ୍ କରିଥିଲେ ଅଧିକାରୀ। ସମସ୍ତେ ଏଥିରେ ସହମତି ହୋଇଥିଲେ। ଏହା ସତ୍ତ୍ୱେ କିଛି ସେବାୟତ ଏହାକୁ ଉଲ୍ଲଂଘନ କରିଛନ୍ତି। ସେମାନେ ରଥ ଉପରକୁ ମୋବାଇଲ ଫୋନ୍ ନେଇଯାଇଛନ୍ତି। ସେହିପରି ଯଦିଓ ସେବାୟତମାନେ ଏଥର ଠାକୁରଙ୍କୁ ଆଡ଼ କରି ଛିଡ଼ା ହୋଇନାହାନ୍ତି କିନ୍ତୁ କିଛିଜଣ ଏଥିରେ ବ୍ୟତିକ୍ରମ କରିଛନ୍ତି। ଫୁଲ, ତୁଳସୀ ରଥ ଉପରୁ ଫୋପାଡ଼ିବେ ନାହିଁ ବୋଲି କୁହାଯାଇଥିଲା। କିଛି ସେବକ ତୁଳସୀ ମାଳ ତଳକୁ ଫୋପାଡ଼ିଥିଲେ। ଫଳରେ ଏହାକୁ ନେବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଧାଁ ଧପଡ଼ ହେଉଥିଲା।

## ଦୀପ ନିଆଁ ଲାଗିଲେ ଦାୟୀ କିଏ ?



ଜନସମୁଦ୍ରରେ ଲହଡ଼ି ଭାଙ୍ଗୁଛି ବଡ଼ଦାଣ୍ଡ। ଏହି ଜନସମୁଦ୍ର ଭିତରେ ବିଭିନ୍ନ ଦୀପ ଦୋକାନୀ ସେମାନଙ୍କ ଦୀପ ପସରା ମେଲି ଯିଏ ଯେଉଁଠି ପାଇଲା ସେହି ସ୍ଥାନରେ ବିକ୍ରି କରିବା ପାଇଁ ବସି ପଡ଼ିଛନ୍ତି। ଶ୍ରଦ୍ଧାଳୁମାନେ ମଧ୍ୟ ଯେଉଁଠି ପାଉଛନ୍ତି ସେହି ସ୍ଥାନରେ ଦୀପ ଲଗାଉଛନ୍ତି। କିନ୍ତୁ ଏତେ ଲୋକଙ୍କ ଗହଳି ଭିତରେ ଯଦି ଛୋଟ ପିଲା କିମ୍ବା କାହାର ଶାଢ଼ି ହେଉ ଅବା ଡ୍ରେସ୍‌ରେ ନିଆଁ ଲାଗିଯାଏ, ତେବେ ରଥଯାତ୍ରାରେ ମଧ୍ୟ ଚନ୍ଦନଯାତ୍ରା ପରି ପରିବେଶ ସୃଷ୍ଟି ହୋଇଯାଇପାରେ। ୨୦୨୪ରେ ନରେନ୍ଦ୍ର ପୁଷ୍କରିଣୀରେ ବାଣ ନିଆଁରେ ଅନେକ ଜୀବନ ଯାଇଥିଲା। ସେହି ଡର ଏବେ ବି ମନରୁ ଲିଭିନି। ତଥାପି ଏତେ ଲୋକଙ୍କ ଗହଳି ଭିତରେ ଦୀପ ଲଗାଯାଉଛି। ଯଦି କିଛି ଅଘଟଣ ଘଟେ, ତେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

## ଟ୍ରାଫିକ୍ ପରିଚାଳନା ଫେଲ୍

**କୁଆଡ଼େ ଗଲା ମାଗଣା ଅଟୋ ସେବା**

ପୁରୀ,୨୭।୬(ସମିସ): ପ୍ରତିବର୍ଷ ରଥଯାତ୍ରାରେ ଟ୍ରାଫିକ୍ ପରିଚାଳନା ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। କିନ୍ତୁ ଏଥର ଟ୍ରାଫିକ୍ ପରିଚାଳନା ଯେପରି ସୁନିୟନ୍ତ୍ରିତ ହେବ ତା' ଉପରେ ଅଧିକ ଫୋକସ୍ ଦେଇଥିଲା ପୁଲିସ। କୁମ୍ଭମେଳା ଷ୍ଟାଇଲ୍‌ରେ ଏଥର ଟ୍ରାଫିକ୍ ନିୟନ୍ତ୍ରଣ ହେବ। ଏକାଧିକ ସ୍ଥାନରେ ରହିବ ଭେଇକିଲ୍ ହୋଲ୍ଡିଂ ଏରିଆ। ପ୍ରଥମକରି କାର୍ଯ୍ୟକ୍ଷମ ହେବ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍। ଚଳିତବର୍ଷ ଡିଜିଟାଲ ନେଟ୍‌ୱର୍କ ସିଷ୍ଟମ ବ୍ୟବହାର କରିବ ପୁଲିସ। ୧୦ଟି କମ୍ୟୁନିକେସନ ସିଷ୍ଟମ ମାଧ୍ୟମରେ ଟିମ୍ ୱାଇଜ୍ ହେବ ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ। ୩୦୦ ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସିର କର୍ମକର୍ତ୍ତା ନିୟୋଜିତ ହେବେ। ୱର୍ ରୁମ୍ ବା କଣ୍ଟ୍ରୋଲ ରୁମ୍‌ରୁ ନିୟନ୍ତ୍ରିତ ହେବ ସମସ୍ତ ଟ୍ରାଫିକ୍ ବ୍ୟବସ୍ଥା। ଭିଏଚ୍‌ଏଫ୍ ନେଟ୍‌ୱର୍କ ସିଷ୍ଟମ ବ୍ୟବହୃତ ହେବ। ୮୦ରୁ ଊର୍ଦ୍ଧ୍ୱ ଏଡ୍



ପୋଷ୍ଟ ରହିବ। ଫ୍ଲେକ୍ସିବିଲିଟି ପ୍ଲାନ୍ ଅନୁସାରେ ବିଭିନ୍ନ ପଏଣ୍ଟରେ ଲୋକାଲ ଅଫିସ ମୁତୟନ ରହିବେ। ଏ ବର୍ଷ ସର୍ବୋତ୍କୃଷ୍ଟ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି ବୋଲି ପୁଲିସ କହିଥିଲା। ହେଲେ ଏଥର ଟ୍ରାଫିକ୍ ପରିଚାଳନା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ତାବଲଣିଆ ବସ୍‌ଷ୍ଟାଣ୍ଡରୁ ୨୦୦ ଅଟୋ ମାଗଣାରେ ଲୋକଙ୍କୁ ପରିବହନ ସୁବିଧା ଯୋଗାଇଦେବେ ବୋଲି ପରିବହନ ମନ୍ତ୍ରୀ ରଥ ବୈଠକରେ କହିଥିଲେ। ହେଲେ ଶୁକ୍ରବାର ମାଗଣା ଅଟୋ ସେବା କେଉଁଠି ଚାଲୁଥିଲା ବୋଲି ପ୍ରଶ୍ନ କରିଥିଲେ ଶ୍ରଦ୍ଧାଳୁ। ଏପରିକି ସେମାନଙ୍କୁ ହୋଟେଲ ଷ୍ଟର୍ଲିଂ, ତାଳବଣିଆ ପାର୍କିଂ ଆଦି ସ୍ଥାନରୁ ଚାଲି ଚାଲି ଆସୁଥିବା ପଡୁଥିଲା ବୋଲି କହିଛନ୍ତି।

## ପୁଲିସଙ୍କ ମନମାନି ଯୋଗୁଁ ଶ୍ରଦ୍ଧାଳୁ ଅସନ୍ତୁଷ୍ଟ

ଘୋଷଯାତ୍ରାରେ ପୁଲିସଙ୍କ ମନମାନି ଦେଖିବାକୁ ମିଳିଛି। ଅନେକ ପୁଲିସ ଶ୍ରଦ୍ଧାଳୁମାନଙ୍କଠାରୁ ଟଙ୍କା ନେଇ ବ୍ୟାରିକେଡ୍ ଭିତରକୁ ଛାଡୁଥିଲେ। ଏହାକୁ ନେଇ ଅନେକ ଶ୍ରଦ୍ଧାଳୁ ଅସନ୍ତୋଷବ୍ୟକ୍ତ କରିଛନ୍ତି। ବିହାରରୁ ଆସିଥିବା ସୋମ ଦୁବେ କୁହନ୍ତି, ସାଇଡ୍‌ମାନଙ୍କରେ ଯେଉଁ ପୁଲିସ ରହିଛନ୍ତି ସେମାନେ ଟଙ୍କା ନେଇ ପ୍ରଥମ ବ୍ୟାରିକେଡ୍‌କୁ ଛାଡୁଛନ୍ତି। ଏହାର ପ୍ରତିବାଦ କରିବାରୁ ଅନେକ କଟୁ କଥା ସହ ଯୁକ୍ତିତର୍କ କରୁଛନ୍ତି ବୋଲି ସେ କହିଛନ୍ତି।

## ଶୌଚାଳୟ ନ ପାଇ ଲୋକେ ହଟହଟା

ରଥଯାତ୍ରାରେ ପ୍ରଶାସନ ପକ୍ଷରୁ ଉଠା ଶୌଚାଳୟର ବ୍ୟବସ୍ଥା ହୋଇନାହିଁ ବୋଲି ବରିଷ୍ଠ ଲୋକମାନେ ଅଭିଯୋଗ କରିଛନ୍ତି। କୋରାପୁଟରୁ ଆସିଥିବା ଅଭିମନ୍ୟୁ ରାଉତଙ୍କ କହିବା ଅନୁଯାୟୀ, ବଗଲା ଧର୍ମଶାଳା, ମେଡିକାଲ ଛକ, ବସ୍‌ଷ୍ଟାଣ୍ଡ ପାଖରେ ଯେଉଁ ଗୋଟେ ଗୋଟେ ଶୌଚାଳୟ ରହିଛି, ସେଠି ଲୋକଙ୍କ ଭିଡ଼ ଲାଗିଛି। ଫଳରେ ବରିଷ୍ଠ ନାଗରିକମାନେ ଶୌଚାଳୟ ବ୍ୟବହାର କରିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଖାଦ୍ୟ ଓ ପାନୀୟ ଦେବାର ବ୍ୟବସ୍ଥା କରୁଛନ୍ତି କିନ୍ତୁ କେହି ଜଣେ ବି ଉଠା ଶୌଚାଳୟ କରିବା ପାଇଁ ଆଗ୍ରହୀ ନାହାନ୍ତି। ଖାଦ୍ୟ ଖାଇବା ହେଉ କି ପାଣି ପିଇବା ପରେ ହେଉ ଜଣେ ଶୌଚାଳୟ ବ୍ୟବହାର ହେଲେ ଏକଥା ନା ପ୍ରଶାସନ ଚିନ୍ତା କରିଛି ନା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବୋଲି ସେ କହିଛନ୍ତି।

## ଯୋଉଠି ଖାଇଲେ; ସେଇଠି ଫିଙ୍ଗିଲେ




ରଥଯାତ୍ରା ପାଇଁ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। କିଛି ଅନୁଷ୍ଠାନ ଭାତ, ଡାଲମା ଦେଉଥିଲେ ତ ଆଉ କିଛି ଅନୁଷ୍ଠାନ ପୁରୀ, ଖିରି, ଚା', ବିସ୍କୁଟ, ଚୁଡ଼ା ସନ୍ତୁଳା, ଉପମା ଆଦି ଅନେକ କିଛି ଖାଦ୍ୟ ଭକ୍ତମାନଙ୍କୁ ଦେଉଥିଲେ। କିନ୍ତୁ ଶ୍ରଦ୍ଧାଳୁମାନେ ଖାଇବା ପରେ ଅଇଁଠା ଖଲି ପତ୍ରକୁ ଯୋଉଠି ପାଇଲେ ସେଇଠି ପକାଇଲେ। ଯାହାଦ୍ୱାରା ଶନି ମନ୍ଦିର ଛକ, ବଳଗଣ୍ଡି ଛକ, ମେଡିକାଲ ଛକ, ବଡ଼ଶଙ୍ଖ, ମାର୍କେଟ୍ ଛକ ପରି ସବୁ ଛକରେ କୁଢ଼ କୁଢ଼ ଖଲି, ପ୍ଲାଷ୍ଟିକ୍ ପେପର ପ୍ଲେଟ୍ ଆଦି ଗଦା ହୋଇ ରହିଥିଲା।



ରଥଯାତ୍ରା ଅବସରରେ ବଡ଼ଦାଣ୍ଡରେ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ପ୍ରଦର୍ଶନ

## ରଥ ଉପରେ ନୃତ୍ୟ କଲେ ନୃତ୍ୟଶିଳ୍ପୀ

ପହଣ୍ଡି ଆରମ୍ଭ ହବାର କିଛି ସମୟ ପୂର୍ବରୁ ଜଣେ ନୃତ୍ୟଶିଳ୍ପୀ ନନ୍ଦିଘୋଷ ରଥ ଉପରେ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଅନ୍ୟ ନୃତ୍ୟଶିଳ୍ପୀମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଘର ଲୋକମାନେ ସେବାୟତ ଘରର ହୋଇଥିବାରୁ ସେମାନେ ରଥ ଉପରେ ନୃତ୍ୟ କରିପାରୁଛନ୍ତି। ତେବେ ଆମେ କାହିଁକି ରଥ ଉପରେ ନୃତ୍ୟ କରିପାରିବୁ ନାହିଁ ବୋଲି ରଥ ତଳେ ଥିବା ଅନ୍ୟ ନୃତ୍ୟଶିଳ୍ପୀମାନେ କହିଛନ୍ତି।



# ଡାକି ନେଇ ପିଟିଲେ; ସାମ୍ବାଦିକ ଲହୁଲୁହାଣ



**ସରକାରଙ୍କ ଅପାରଗତା ଲାଗି ସାମ୍ବାଦିକଙ୍କୁ ମାଡ଼: ବିଜେଡି**

**କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କଲେ ପିସିସି ସଭାପତି**

ଭୁବନେଶ୍ୱର,୨୭।୬(ସମିସ): ରଥଯାତ୍ରା ଦେଖିବାକୁ ସାମ୍ବାଦିକଙ୍କୁ ଡ଼ାକିନେଲେ। କଡର୍‌ନ ପାସ ଦେଲେ, ମାତ୍ର ପୁରୀରେ ପହଞ୍ଚିବା ପରେ ରଥଯାତ୍ରା ଦେଖାଇବା ପରିବର୍ତ୍ତେ ପୁଲିସ ଲଗାଇ ପିଟିଲେ । ଏଥିରେ କିଛି ସାମ୍ବାଦିକ ଆହତ ହୋଇଛନ୍ତି। ଜଣେ ମହିଳା ସାମ୍ବାଦିକଙ୍କ ହାତରେ ୨୦ଟି ଷ୍ଟିଚ୍ ପଡ଼ିଛି। ଯାହାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଓ ବିରୋଧୀ ବିଜେଡି ଏହି ପ୍ରସଙ୍ଗରେ ସରକାରଙ୍କୁ କଟୁ ସମାଲୋଚନା କରିଛି।

ବିଜେଡି ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ, କାର୍ଯ୍ୟରତ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଭୁବନେଶ୍ୱରର ଜୟଦେବ ଭବନ ନିକଟରୁ ଏକ ସ୍ୱତନ୍ତ୍ର ବସ୍‌ରେ ପୁରୀ ନେଇଥିଲେ। ସେମାନଙ୍କୁ କଡର୍‌ନ ପାସ୍ ବି ଦିଆଯାଇଥିଲା। ମାତ୍ର ପୁରୀରେ ପୁଲିସ ସେମାନଙ୍କୁ କଡର୍‌ନ ଭିତରକୁ ଛାଡ଼ିଲା ନାହିଁ ଓଲଟି ପିଟିପିଟି ସେମାନଙ୍କୁ ଆହତ କଲା। ଏଥିରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ହାତ ଓ ଛାତିରେ ଆଘାତ ଲାଗିଛି, ଜଣେ ମହିଳା ସାମ୍ବାଦିକାଙ୍କ ହାତରେ କ୍ଷତ ସୃଷ୍ଟି ହେବାରୁ ତାଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟ କିଛି ସାମ୍ବାଦିକ ମଧ୍ୟ ପୁଲିସ ମାଡ଼ରେ ଆହତ ହୋଇ ସମ୍ବାଦ ସଂଗ୍ରହ କରିବାକୁ ସକ୍ଷମ ହୋଇ ନାହାନ୍ତି। ପ୍ରତ୍ୟେକ ବର୍ଷ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପବିତ୍ର ରଥଯାତ୍ରାର ଖବର ପ୍ରସାରଣ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଏ; ମାତ୍ର ଚଳିତ ବର୍ଷ ପରି ଘଟଣା କେବେ ଦେଖାଯାଇ ନ ଥିଲା। ରାଜ୍ୟ ସରକାରଙ୍କ ଅପାରଗତା ଲାଗି ଶ୍ରୀକ୍ଷେତ୍ରରେ ସାମ୍ବାଦିକମାନେ ପୁଲିସ ଠାରୁ ମାଡ ଖାଇଛନ୍ତି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ପୁଲିସର ଏଭଳି ଅମାନବୀୟ ଆଚରଣକୁ ବିଜେଡି ଦୃଢ଼ ନିନ୍ଦା କରୁଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ପବିତ୍ର ରଥଯାତ୍ରାରେ ବିଭ୍ରାଟ ପାଇଁ ଦାୟୀ ଅଧିକାରୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି।

ସେହିପରି ସାମ୍ବାଦିକଙ୍କ ଆକ୍ରମଣକୁ ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ରଥଯାତ୍ରାରେ ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ରଥଯାତ୍ରା ଖବର ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ହେଲେ ପୁଲିସ ଆକ୍ରମଣରେ ୭ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଗୁରୁତର ଆହତ ହୋଇଛନ୍ତି। ଜଣେ ମହିଳା ସାମ୍ବାଦିକଙ୍କ ହାତରେ ୨୦ଟି ଷ୍ଟିଜ୍ ପଡ଼ିଛି। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବା ସହିତ ସିସି କ୍ୟାମେରା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି।

## ପ୍ଲାଷ୍ଟିକ୍ ବୋତଲରେ ପୂରିଲା ବଡ଼ଦାଣ୍ଡ

ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଜଳଦାନ କରୁଥିଲେ। କିଏ ଗ୍ଲୁକୋଜ ଦେବା କାର୍ଯ୍ୟ କରୁଥିଲେ ତ ଆଉ କିଏ ଦହି ପାଣି ଓ ଛୋଟ ପାଣି ବୋତଲ ମଧ୍ୟ ଭକ୍ତମାନଙ୍କୁ ଦାନ କରୁଥିଲେ। ହେଲେ ପାଣି ପିଇବା ପରେ ସେହି



ବୋତଲକୁ ଡଷ୍ଟବିନ୍‌ରେ କେହି ପକାଉ ନ ଥିଲେ। ବଡ଼ଦାଣ୍ଡସାରା ଛୋଟ ପାଣି ବୋତଲରେ ଭରିଯାଇଥିଲା। ରଥଯାତ୍ରାରେ ଏକକ ବ୍ୟବହାର ହେଉଥିବା ଛୋଟ ପାଣି ବୋତଲ ବ୍ୟବହାର ନ କରିବା ପାଇଁ ଆହ୍ୱାନ ରହିଥିଲା। ହେଲେ ଏହାକୁ କେହି ମାନିଲେନି। ଯାହାଦ୍ୱାରା ବଡ଼ଦାଣ୍ଡ ସାରା ଲକ୍ଷ ଲକ୍ଷ ପାଣି ବୋତଲ ପଡ଼ିଥିବାର ଦେଖି କିଛି ଜରିଗୋଟାଳି ଏହି ପାଣି ବୋତଲକୁ ଗୋଟାଉଥିଲେ। ଚନ୍ଦନପୁରରୁ ଆସି ଏହି ପାଣି ବୋତଲ ଗୋଟାଉଥିବା ଶରତ ବେହେରା କୁହନ୍ତି, ଏହି ବୋତଲକୁ ଆମେ ୧୮ ଟଙ୍କା ଦେଇ କବାଡ଼ି ବାଲା ପାଖରେ ବିକ୍ରି କରି ଦୁଇ ପଇସା ପାଇବୁ। ଏଠାରେ ପଡ଼ି ରହି ପରିବେଶ ଖରାପ ହେବା ଅପେକ୍ଷା ଆମେ ଗୋଟାଇ ନେଇଯିବୁ ବୋଲି ସେ କହିଥିଲେ।

## ପାର୍କିଂରେ ଭକ୍ତଙ୍କୁ ଶୋଷଣ

ରଥଯାତ୍ରାକୁ ଆସିଥିବା ଭକ୍ତଙ୍କୁ ବିଭିନ୍ନ ଉପାୟରେ ଲୁଟ୍ କରାଯାଉଛି। ବିଗତ ରଥଯାତ୍ରାରେ ଏମିତି ଅନେକ ଲମ୍ବା ତାଲିକାର ଅଭିଯୋଗ ଥିଲେ ବି ଏହାର ସମାଧାନ କରିପାରୁ ନାହିଁ ପୌରସଂସ୍ଥା। ଫଳରେ ଶୋଷଣକାରୀଙ୍କ ସାହସ ବଢୁଛି। ତେବେ ଏହି ଶୋଷଣ ବିରୋଧରେ ଯଦି କେହି ପଚାରି ଯୁକ୍ତିତର୍କ କରୁଛି ତେବେ ଟେଣ୍ଡର ନେଇଥିବା ବ୍ୟକ୍ତି ଗାଡ଼ି ଛାଡୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ପୌରସଂସ୍ଥାର ଚୁକ୍ତି ଅନୁଯାୟୀ, ଦୁଇଚକିଆ ପାଇଁ ୨ ଘଣ୍ଟାକୁ ୨୦ ଟଙ୍କା, ୬ ଘଣ୍ଟାକୁ ୩୦ ଟଙ୍କା, ୧୨ ଘଣ୍ଟାକୁ ୪୦ ଟଙ୍କା, ୨୪ ଘଣ୍ଟାକୁ ୫୦ ଟଙ୍କା ଦେବାକୁ ପଡ଼ିବ। ଜଣେ ବ୍ୟକ୍ତି ଦିଗବାରେଣୀ ପାର୍କିସ୍ଥଳରେ ତାଙ୍କ ବାଇକ୍ ରଖିଥିଲେ। ୩ ଘଣ୍ଟା ପାଇଁ ଟେଣ୍ଡର ପାଇଥିବା ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ୫୦ ଟଙ୍କା ଦେବାକୁ ଦାବି କରିଥିଲେ। ସେ କାହିଁକି ଏତେ ଟଙ୍କା ଦେବେ ବୋଲି କହିବାରୁ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଜବରଦସ୍ତ ଦେବାକୁ କହିଥିଲେ। ନଚେତ୍ ଗାଡ଼ି ଦେବେ ନାହିଁ ବୋଲି କହିଥିବା ସମ୍ପୃକ୍ତ ଶ୍ରଦ୍ଧାଳୁ ଅଭିଯୋଗ କରିଛନ୍ତି।

## ମୋବାଇଲ ଫୋନ୍ ମାଧ୍ୟମରେ ମତଦାନ, ବିହାର ପ୍ରଥମ

ପାଟନା, ୨୭।୬(ଏଜେନ୍ସି): ଦେଶର ପ୍ରଥମ ରାଜ୍ୟ ଭାବେ ବିହାର ମୋବାଇଲ ଫୋନ୍ ଆପ୍ ମାଧ୍ୟମରେ ଭୋଟ୍ ଦେବାକୁ ଅନୁମତି ଦେଇଛି। ଏନେଇ ରାଜ୍ୟ ନିର୍ବାଚନ କମିସନର ଦୀପକ ପ୍ରସାଦ ଶୁକ୍ରବାର ସୂଚନା ଦେଇଛନ୍ତି। ଏଥିସହ ଭାରତୀୟ ନିର୍ବାଚନ ପ୍ରକ୍ରିୟା ଏକ ନୂଆ ଯୁଗରେ ପ୍ରବେଶ କରିଛି। ଆସନ୍ତାକାଲି ୩ଟି ଜିଲ୍ଲାରେ ୬ଟି ମ୍ୟୁନିସପାଲ ପରିଷଦରେ ନିର୍ବାଚନ ହେବା ପୂର୍ବରୁ କମିସନ ଏହି ନିଷ୍ପତ୍ତି ନେଇଛନ୍ତି। ଶନିବାର ପାଟନା, ରୋହତାସ ଓ ଇଷ୍ଟ ଚମ୍ପାରନ୍‌ରେ ନିର୍ବାଚନ ହେବ। ଚଳିତ ବର୍ଷ ଶେଷ ଆଡକୁ ମଧ୍ୟ ବିହାରରେ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ବିଧାନସଭା ନିର୍ବାଚନରେ ମୋବାଇଲ ଆପ୍ ମାଧ୍ୟମରେ ଭୋଟ ଦେଇ ହେବ କି ନାହିଁ ସେ ନେଇ କିଛି କୁହାଯାଇନାହିଁ। ମୋବାଇଲ ଫୋନ୍‌ରେ ଏକ ଆପ୍‌କୁ ଇନଷ୍ଟଲ କରିବା ପରେ ଏହା ମାଧ୍ୟମରେ ଭୋଟ ଦେଇ ହେବ ବୋଲି କମିସନ ତରଫରୁ କୁହାଯାଇଛି।

## ଅଷ୍ଟ୍ରେଲୀୟ ସିଇଓଙ୍କୁ ନାବାଳକର ହତ୍ୟା

ବ୍ରିସ୍‌ବେନ୍, ୨୭।୬(ଏଜେନ୍ସି): ଗ୍ରେଗ୍ ଜୋସେଫସନ ନାମକ ଜଣେ ଅଷ୍ଟ୍ରେଲୀୟ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ)ଙ୍କୁ ଜଣେ ୧୫ ବର୍ଷୀୟ ନାବାଳକ ଛୁରୀ ଭୁସି ହତ୍ୟା କରିଛି। ଗୁରୁବାର ରାତିରେ ଏହି ଘଟଣା ଘଟିଛି। ୧୯୯୯ରେ ଜୋସେଫସନ ଓ ତାଙ୍କ ଭାଇ 'ୟୁନିଭର୍ସାଲ ଷ୍ଟୋର' ନାମକ ଏକ ପୋଷାକ କମ୍ପାନୀ ସ୍ଥାପନ କରିଥିଲେ ଓ ଏହା ସାରା ବିଶ୍ୱରେ ବେଶ ଆଦୃତ ହୋଇଥିଲା। ବ୍ରିସ୍‌ବେନ୍ ସ୍ଥିତ ତାଙ୍କ ବାସଭବନରେ ସେ ଏକ ପାର୍ଟିର ଆୟୋଜନ କରିଥିଲେ। ଏଥିରେ ୩୦ ସ୍ୱଳ୍ପ ବୟସ୍କ ପିଲା ଯୋଗ ଦେଇଥିଲେ। କିନ୍ତୁ ସେ ତାଙ୍କ ବାସଭବନରେ ମରି ପଡ଼ିଥିବାର ଦେଖାଯାଇଥିଲା ବୋଲି ପୁଲିସ କହିଛି। ଏହି ପାର୍ଟିରେ ଯୋଗ ଦେଇଥିବା ଜଣେ ୧୫ ବର୍ଷୀୟ ବାଳକ ତାଙ୍କୁ ଛୁରୀ ଭୁସି ହତ୍ୟା କରିଛି ବୋଲି ପୁଲିସ୍ କହିଛି। ଏହି ପାର୍ଟିରେ ବାଳକ ସହ ଜୋସେପସନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଓ ଏଥିରେ ଉତକ୍ଷିପ୍ତ ହୋଇ ବାଳକ ଜଣକ ତାଙ୍କୁ ହତ୍ୟା କରିଥିଲା। ପୁଲିସ ନାବାଳକକୁ ଗିରଫ୍ କରିଛି। ଏହି ଘଟଣାକୁ ନେଇ ଅଷ୍ଟ୍ରେଲିଆରେ ଆଲୋଡ଼ନ ସୃଷ୍ଟି ହୋଇଛି।

## ବିମାନ ଦୁର୍ଘଟଣା ଯାଞ୍ଚରେ ଜାତିସଂଘ ଅଧିକାରୀ ସାମିଲ ହେବେନି

ଅହମଦାବାଦ୍, ୨୭।୬(ଏଜେନ୍ସି): ଜୁନ ୧୨ ତାରିଖରେ ଅହମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ଯାଞ୍ଚ ନେଇ ଗଠିତ ହେବାକୁ ଥିବା ଦଳରେ ଜାତିସଂଘ ଅଧିକାରୀଙ୍କୁ ସାମିଲ କରାଯିବ ନାହିଁ। ଏନେଇ ଜାତିସଂଘ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତ ପ୍ରତ୍ୟାଖାନ କରିଛି। ଜାତିସଂଘ ବିମାନ ଏଜେନ୍ସି ତଥା ଇଣ୍ଟରନ୍ୟାସନାଲ ସିଭିଲ ଆଭିଏସନ ଅର୍ଗାନାଇଜେସନ (ଆଇସିଏଓ) ଭାରତକୁ ଯାଞ୍ଚରେ ସାହାଯ୍ୟ କରିବାକୁ ନିଜର ଅଧିକାରୀଙ୍କୁ ପଠାଇବାକୁ ପ୍ରସ୍ତାବ ଦେଇଥିଲା। ଏହି ଅଧିକାରୀ ଜଣକ ପୂର୍ବରୁ ହିଁ ଭାରତରେ ରହିଛନ୍ତି। କିନ୍ତୁ ଭାରତ ଏହି ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖାନ କରିଛି। ସେପଟେ ଶୁକ୍ରବାର ବିମାନର ବ୍ଲାକ୍ ବକ୍ସର ଡାଟା ରିକଭରୀ ହୋଇଛି। ଏହି ଡାଟାକୁ ଡାଉନଲୋଡ କରାଯାଉଛି ବୋଲି ସରକାରଙ୍କ ତରଫରୁ କୁହାଯାଉଛି। ଏହି ବିମାନ ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ସୌଭାଗ୍ୟବଶତଃ ଜଣେ ଯାତ୍ରୀ ବଞ୍ଚିଯାଇଥିଲେ। କିନ୍ତୁ ପୂରା ଦୁର୍ଘଟଣାରେ ମୋଟ ଉପରେ ୨୭୦ ଜଣ ଲୋକ ପ୍ରାଣ ହରାଇଥିଲେ।

## ୬ ପାକ୍ ସୈନ୍ୟଙ୍କୁ ହତ୍ୟା

କ୍ୱେଟା, ୨୭।୬(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହୋଇଥିବା ସଂଘର୍ଷରେ ୬ ଜଣ ପାକିସ୍ତାନୀ ସୈନ୍ୟ ନିହତ ହୋଇଛନ୍ତି। ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଏହି ଘଟଣା ପାଇଁ ନିଜକୁ ଦାୟୀ କରିଛି। ଏହି ଗୁଳି ବିନିମୟରେ ୩ ଜଣ ବିଦ୍ରୋହୀ ମଧ୍ୟ ପ୍ରାଣ ହରାଇଛନ୍ତି ବୋଲି ବିଏଲ୍ଏ ମୁଖପାତ୍ର ଜିୟାନ୍ଦ ବାଲୋଚ କହିଛନ୍ତି। କ୍ୱେଟା, କଲଟ ଓ ସିଆଜିରେ ଏହି ଗୁଳିମିନିମୟ ହୋଇଥିଲା ବୋଲି କୁହାଯାଇଛି। ବେଲୁଚିସ୍ତାନ ପାକିସ୍ତାନର କ୍ଷେତ୍ରଫଳ ଦୃଷ୍ଟିକୋଣରୁ ସବୁଠାରୁ ବଡ଼ ରାଜ୍ୟ ହୋଇଥିଲେ ମଧ୍ୟ ସବୁଠୁ ପଛୁଆ ରାଜ୍ୟ ଭାବେ ପରିଗଣିତ ହେଉଛି। ପାକିସ୍ତାନ ବେଲୁଚିସ୍ତାନର ଖଣିଜ ସମ୍ପଦକୁ ଲୁଟୁଛି ଓ ଏହି ରାଜ୍ୟର ଅଧିବାସୀଙ୍କ ଶୋଷଣ କରୁଛି ବୋଲି ଅଭିଯୋଗ ହେଉଛି।

## ଏୟାର ଇଣ୍ଡିଆର ୪ ଅଧିକାରୀ ବହିଷ୍କୃତ

ନୂଆଦିଲ୍ଲୀ, ୨୭।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର କେତୋଟି ଦିନ ପରେ ଅଫିସ ପାର୍ଟି ଆୟୋଜନ କରି ଏୟାର ଇଣ୍ଡିଆର ୪ ଜଣ ବରିଷ୍ଠ ଅଧିକାରୀ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ଏଆର ଇଣ୍ଡିଆ ସାଟ୍ସ ଏୟାର ପୋର୍ଟ ସର୍ଭିସ ପ୍ରାଇଭେଟ ଲିମିଟେଡ (ଏଆଇଏସ୍ଏଟିଏସ୍) ଏହି ୪ଜଣଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଛି। ଏଆଇଏସ୍ଏଟିଏସ୍‌ର ଗୁରଗାଓଁ କାର୍ଯ୍ୟାଳୟରେ ଏହି ପାର୍ଟି ଆୟୋଜନ ହୋଇଥିଲା। ଏହି ଅଧିକାରୀମାନଙ୍କ ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି। ଦୁର୍ଘଟଣାରେ ମୃତକଙ୍କ ପରିବାର ସହ ଆମେ ଦୃଢ଼ ଭାବେ ଛିଡ଼ା ହୋଇଛୁ ଓ ସେମାନଙ୍କୁ ସବୁ ପ୍ରକାର ସହାୟତା ଦେବାକୁ ପ୍ରସ୍ତୁତ ଅଛୁ ବୋଲି ଏଆଇଏସ୍ଏଟିଏସ୍ କହିଛି।

## ଭାରତକୁ ଏସ୍-୪୦୦, ସୁଖୋଇ ୩୦ ଦେବ ରୁଷିଆ



ଫରିଦାବାଦ୍, ୨୭।୬(ଏଜେନ୍ସି): ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ରୁଷ ପ୍ରତିରକ୍ଷା ମନ୍ତ୍ରୀ ଆନ୍ଦ୍ରେ ବେଲୋଉସୋଭଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଛି। ଭାରତକୁ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ଏବଂ ସୁଖୋଇ-୩୦ର ଏମ୍‌କେଆଇ ଲଢୁଆ ବିମାନର ଉନ୍ନତ ସଂସ୍କରଣ ଓ ଏୟାର ଟୁ ଏୟାର ମିସାଇଲ ସିଷ୍ଟମ୍ ଦେବ ବୋଲି ରୁଷ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ସୀମାପାର ଆତଙ୍କବାଦ, ବିଶ୍ୱରେ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ୍ଟ ଏବଂ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

ଭାରତ ଓ ରୁଷିଆ ହେଉଛନ୍ତି ପୁରୁଣା ବନ୍ଧୁ ଏବଂ ଦୁଇ ଦେଶର ସମ୍ପର୍କ ସମୟର କଷଟିରେ ପରିକ୍ଷିତ ବୋଲି ବେଲୋଉସୋଭ କହିଥିଲେ। ଗତ ଏପ୍ରିଲ ୨୨ରେ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ସେ ନିନ୍ଦା କରିଥିଲେ। ଭାରତ ସହ ରୁଷ ଏହି ସଙ୍କଟରେ ସାଥି ହୋଇ ଛିଡ଼ା ହୋଇ ରହିବ ବୋଲି ସେ କହିଥିଲେ। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କରେ ଉନ୍ନତି ଆଣିବାକୁ ଦୁହେଁ ସହମତି ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ ୨୦୧୮ ରେ ଭାରତ ରୁଷ ସହିତ ୫.୪୩ ଶହ କୋଟି ଡଲାର ମୂଲ୍ୟରେ ୫ଟି ଏସ୍-୪୦୦ ଡିଫେନ୍ସ ସିଷ୍ଟମ କିଣିଥିଲା। ଭାରତକୁ ଏପର୍ଯ୍ୟନ୍ତ ୩ଟି ଏସ୍-୪୦୦ ସିଷ୍ଟମ ମିଳିସାରିଛି। ବାକି ଦୁଇଟି ସିଷ୍ଟମ ଆସନ୍ତା ୨୪ ମାସ ମଧ୍ୟରେ ମିଳିବାର ସମ୍ଭାବନା ରହିଛି। ସେହିପରି ଭାରତୀୟ ବାୟୁସେନା ପାଖରେ ୨୬୦ଟି ସୁଖୋଇ-୩୦ ଏମ୍‌କେଆଇ ଲଢୁଆ ବିମାନ ରହିଛି।



## କୋଲକାତାରେ ପୁଣି ଲଜ୍ଜା

## ଆଇନ କଲେଜରେ ଗଣଦୁଷ୍କର୍ମ

କୋଲକାତା, ୨୭।୬ (ଏଜେନ୍ସି): କୋଲକାତା କଲେଜରେ ପୁଣି ଗଣଦୁଷ୍କର୍ମ ଅଭିଯୋଗ। କଲେଜ ଭିତରେ ଜଣେ ଯୁବତୀଙ୍କୁ ତିନି ଜଣ ଗଣଦୁଷ୍କର୍ମ କରିବା ଘଟଣା ପଶ୍ଚିମ ବଙ୍ଗରେ ପୁଣି ହଟଚମଟ ସୃଷ୍ଟି କରିଛି। ଏହି ଜଘନ୍ୟ କାଣ୍ଡରେ ଶାସକ ତୃଣମୂଳ କଂଗ୍ରେସର ଜଣେ ଛାତ୍ର ନେତା ସାମିଲ ଥିବାର ଅଭିଯୋଗ ହୋଇଛି। ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇ ଦିଆଯାଇଛି। ୬ ମାସ ତଳେ କୋଲକାତାର ଆରଜି କର ମେଡିକାଲ କଲେଜରେ ବହୁଚର୍ଚ୍ଚିତ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ସାରା ଦେଶରେ କ୍ରୋଧର ବାତାବରଣ ସୃଷ୍ଟି ହୋଇଥିବା ବେଳେ କଲେଜରେ ଆଉ ଏକ ଗଣଦୁଷ୍କର୍ମ ଘଟଣା କଲେଜ କ୍ୟାମ୍ପସରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ଯୁବତୀଙ୍କ ଏଫ୍‌ଆଇଆର ଅନୁସାରେ ଏହି ତିନି ଅଭିଯୁକ୍ତ ହେଲେ ମନୋଜିତ ମିଶ୍ର (୩୧), ଜୈବ ଅହମଦ (୧୯) ଏବଂ ପ୍ରମିତ ମୁଖାର୍ଜୀ (୨୦)। ମନୋଜିତ ହେଉଛି ପୂର୍ବତନ ଛାତ୍ର ଏବଂ ସେ ତୃଣମୂଳ ଛାତ୍ର କଂଗ୍ରେସର ସ୍ଥାନୀୟ ସାଧାରଣ ସମ୍ପାଦକ ଥିବା ବେଳେ ଅନ୍ୟ ଦୁଇ ଜଣ ହେଉଛନ୍ତି ଛାତ୍ର। ସେମାନଙ୍କୁ ଗିରଫ କରାଯିବା ସହିତ ସେମାନଙ୍କର ମୋବାଇଲ ଫୋନ୍ ଜବତ କରାଯାଇଛି।

ଏହି ଗଣଦୁଷ୍କର୍ମ ଗତ ୨୫ ତାରିଖରେ ଦକ୍ଷିଣ କୋଲକାତା ଆଇନ କଲେଜରେ ଘଟିଛି। ପୁଲିସରେ ହୋଇଥିବା ଅଭିଯୋଗ ଅନୁଯାୟୀ ପୀଡ଼ିତା (୨୪) ବୁଧବାର ଦିନ ପରୀକ୍ଷା ଫର୍ମ ପୂରଣ ଲାଗି କଲେଜକୁ ଆସିଥିଲେ। ସେ କଲେଜ ଛାତ୍ର ସଂଘ ରୁମରେ ବସିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ର (୩୧) ତାଙ୍କ ପାଖକୁ ଆସି ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା। ଏଥିରେ ସେ ରାଜି ନହେବାରୁ ତାଙ୍କୁ ଦୁଷ୍କର୍ମ କରିବାକୁ ଧମକ ଦେଇଥିଲା। ଏହାକୁ ନେଇ ଯୁକ୍ତିତର୍କ ହେବାପରେ ମୁଖ୍ୟ ଅଭିଯୁକ୍ତ ଅନ୍ୟ ଦୁଇ ଜଣ ଅଭିଯୁକ୍ତଙ୍କୁ ଡାକିଥିଲା। ସେମାନେ ଆସିବା ପରେ ଯୁବତୀଙ୍କୁ କଲେଜର ସିକୁରିଟି ଗାର୍ଡ ରୁମକୁ ନେଇ ବାହାରୁ ତାଲା ପକାଇଦେଇଥିଲେ। ଯୁବତୀଙ୍କ ବିରୋଧ ସତ୍ତ୍ୱେ ମନୋଜିତ ତାଙ୍କୁ ଦୁଷ୍କର୍ମ କରିଥିଲା ଏବଂ ଅନ୍ୟ ଦୁଇ ଜଣ ଏହାର ଭିଡିଓ ରେକର୍ଡିଂ କରିଥିଲେ। ପ୍ରାଣ ବିକଳରେ ଯୁବତୀ ଜଣକ ବାହାରକୁ ଆସିବା ବେଳେ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଏହି ଅଭିଯୋଗ ପରେ କୋଲକାତାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ଦଳ ଓ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ପୁଲିସ ତୁରନ୍ତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମସ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ଇତିମଧ୍ୟରେ ତୃଣମୂଳ କଂଗ୍ରେସ ଏହି ଘଟଣାର ନିନ୍ଦା କରିଛି। ପାର୍ଟିର ଜଣେ ନେତା କହିଛନ୍ତି, ଦଳର ଛାତ୍ର ନେତା ଏମିତି ଜଘନ୍ୟ କାଣ୍ଡ ଘଟାଇବେ ବୋଲି କେହି କଳ୍ପନା ବି କରିନଥିଲେ। ଏଭଳି କାଣ୍ଡରେ ଯିଏବି ସଂପୃକ୍ତ ଥାଉନା କାହିଁକି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ ଆରଜି କର ହସ୍ପିଟାଲ୍‌ରେ ଗତବର୍ଷ ଅଗଷ୍ଟ ୮ ତାରିଖ ରାତିରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରିବା ସହ ହତ୍ୟା କରାଯାଇଥିଲା। ଗୋଟିଏ ଦିନପରେ ସେମିନାର ହଲ୍‌ରେ ତାଙ୍କର ମୃତଦେହ ମିଳିଥିଲା। ଏହାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ସଞ୍ଜୟ ରାୟଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଅର୍ଥାତ ଆଜୀବନ ସଜା ଶୁଣାଇଛନ୍ତି କୋର୍ଟ।

### ମହାରାଷ୍ଟ୍ର ସ୍କୁଲ ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ବିରୋଧ

## ଏକାଠି ହେଲେ ରାଜ-ଉଦ୍ଧବ




ମୁମ୍ବାଇ, ୨୭।୬ (ଏଜେନ୍ସି): ମହାରାଷ୍ଟ୍ରରେ ଦୀର୍ଘଦିନ ଧରି ପରସ୍ପରକୁ ବିରୋଧ କରିଆସୁଥିବା ଠାକ୍‌ରେ ପରିବାରର ଦୁଇ ଦାୟାଦ ରାଜ ଓ ଉଦ୍ଧବ ଠାକ୍‌ରେ ଶେଷରେ ଏକାଠି ହୋଇଛନ୍ତି। ମହାରାଷ୍ଟ୍ର ବିଦ୍ୟାଳୟଗୁଡିକର ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ବିରୋଧ କରିବା ପାଇଁ ଦୁହେଁ ଏକାଠି ହୋଇଛନ୍ତି ବୋଲି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି। ରାଜ୍ୟ ସରକାରଙ୍କ ୩ ଭାଷା ଫର୍ମୁଲାକୁ ବିରୋଧ କରି ଶିବସେନା (ୟୁବିଟି) ଓ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ମିଳିତ ଭାବେ ମୁମ୍ବାଇରେ ଆୟୋଜନ ହେବାକୁ ଥିବା ଆନ୍ଦୋଳନର ନେତୃତ୍ୱ ନେବେ। ସରକାର ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀକୁ ଏକ ବାଧ୍ୟତାମୂଳକ ତୃତୀୟ ଭାଷା ରୂପେ ପାଠ୍ୟକ୍ରମରେ ସାମିଲ କରିଛନ୍ତି। ଏହାକୁ ଦୁଇ ଦଳ ବିରୋଧ କରୁଛନ୍ତି। ଏ ନେଇ ଏକ୍ସରେ ରାଉତ୍ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ରାଜ ଓ ଉଦ୍ଧବଙ୍କ ପୁରୁଣା ଫଟୋ ଦେଖିବାକୁ ମିଳିଛି। ଆଗକୁ ବିଏମ୍‌ସି ନିର୍ବାଚନ ଥିବାରୁ ଦୁହେଁ ଏକାଠି ହେବା ନେଇ ଆଲୋଚନା ଚାଲିଛି। ଦୁଇ ଦଳ ଏକାଠି ହୋଇ ନିର୍ବାଚନ ଲଢ଼ିବେ ବୋଲି ଆଶା କରାଯାଉଛି। ପ୍ରାଥମିକ ଶିକ୍ଷା ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ ଭାବେ ସାମିଲ କରିବା ଠିକ୍ ନୁହେଁ ବୋଲି ରାଜ ଓ ଉଦ୍ଧବ ପୂର୍ବରୁ ବହୁବାର କହିସାରିଛନ୍ତି।

### ଢ଼ାକାରେ ମନ୍ଦିରକୁ ମାଟିରେ ମିଶାଇ ଦିଆଗଲା

## ହିନ୍ଦୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ କହିଲା ଭାରତ

ଢ଼ାକା, ୨୭।୬(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢାକାରେ ଏକ ଦୁର୍ଗା ମନ୍ଦିରକୁ ଭାଙ୍ଗିବା ସହ ମାଟିରେ ମିଶାଇ ଦିଆଯାଇଛି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିବା ବେଳେ ଭାରତ ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ହିନ୍ଦୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ଭାରତ ବାଂଲାଦେଶକୁ କହିଛି। ଅନ୍ୟପଟେ ମନ୍ଦିର ବେଆଇନ ଭାବେ ନିର୍ମିତ ହୋଇଥିବାରୁ ଏହାକୁ ଭାଙ୍ଗିଦିଆଯାଇଛି ବୋଲି ବାଂଲାଦେଶ ତରଫରୁ କୁହାଯାଇଛି। ବାଂଲାଦେଶରେ ଏଭଳି ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଢାକାର ଖିଲିଖେଟ ଅଞ୍ଚଳରେ ଏହି ଘଟଣା ଘଟିଛି। ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ସେଠାକାର କାମଚଳା ସରକାର ପଦକ୍ଷେପ ନେବା ଉଚିତ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଉଲ୍ଲେଖଥାଉ କି, ୩ ଦିନ ତଳେ କେତେକ ଲୋକେ ଏକାଠି ହୋଇ ଏହି ଦୁର୍ଗା ମନ୍ଦିର ଭାଙ୍ଗିବାକୁ ଦାବି କରିଥିଲେ। ବାଂଲାଦେଶ ରେଳବାଇ କର୍ତ୍ତୃପକ୍ଷ, ପୁଲିସ ଓ ସେନା ଅଧିକାରୀଙ୍କ ଉପସ୍ଥିତିରେ ଏହି ମନ୍ଦିର ଭଙ୍ଗାଯାଇଥିଲା। ବେଆଇନ ଭାବେ ନିର୍ମାଣ କରାଯାଇଥିବାରୁ ଏହି ମନ୍ଦିର ଭାଙ୍ଗି ଦିଆଯାଇଛି ବୋଲି ବାଂଲାଦେଶ ରେଳବାଇ ତରଫରୁ କୁହାଯାଇଛି।


## ପୁଣି ଆରମ୍ଭ ହେବ କୈଳାଶ ମାନସରୋବର ଯାତ୍ରା



ନୂଆଦିଲ୍ଲୀ, ୨୭।୬(ଏଜେନ୍ସି): ଚୀନ୍‌ରେ ଚାଲିଥିବା ସାଂଘାଇ କୋପରେସନ୍ ଅର୍ଗାନାଇଜେସନ (ଏସ୍‌ସିଓ) ବୈଠକରେ ଯୋଗ ଦେବା ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରୀ ଡଙ୍ଗ ଜୁନ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ରାଜନାଥ ଜୁନ୍‌ଙ୍କୁ ଏକ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ବିହାରର ମଧୁବନି ପେଣ୍ଟିଂକୁ ଉପହାର ସ୍ୱରୂପ ସେ ପ୍ରଦାନ କରିଥିଲେ। ଏହି ପେଣ୍ଟିଂର ମୂଳ ଉତ୍ସ ବିହାରର ମିଥିଳା ଅଞ୍ଚଳ ସହିତ ଜଡ଼ିତ ରହିଛି। ଏହାକୁ ମିଥିଳା ବା ମଧୁବନି ଆର୍ଟ ଅର୍ଥାତ ଚିତ୍ରକଳା ରୂପେ ଜଣାଯାଇଥାଏ। ଏହି ପେଣ୍ଟିଂରେ ରେଖାଚିତ୍ର ରହିଥାଏ। ଏହା ଉଜ୍ଜ୍ୱଳ ରଙ୍ଗ ଓ କନଷ୍ଟ୍ରାକ୍ଟ ପ୍ୟାଟର୍ନରେ ଭରି ରହିଥାଏ। ଏଥିରେ ଆଦିବାସୀ ଆକୃତି ଓ ଚମକପ୍ରଦ ମାଟିର ଉପଯୋଗ ହୋଇଥାଏ। ଏହି ଉପହାର ପାଇ ଜୁନ୍ ବେଶ୍ ଆନନ୍ଦିତ ହୋଇଥିଲେ।

ଏହି ସାକ୍ଷାତ ଅବସରରେ ଗତ ୬ ବର୍ଷ ହେବ ଗଲୱାନ ଘାଟି ଘଟଣା ପରେ ବାତିଲ ହୋଇଥିବା କୈଳାଶ ମାନସରୋବର ଯାତ୍ରା ନେଇ ଦୁହେଁ ଆଲୋଚନା କରିଥିଲେ। କୈଳାଶ ମାନସରୋବର ଯାତ୍ରା ପୁଣି ଥରେ ଆରମ୍ଭ ହେବ ବୋଲି ରାଜନାଥ ଏକ୍ସରେ ପୋଷ୍ଟ କରି ଘୋଷଣା କରିଛନ୍ତି। ୨୦୨୦ରେ କୋଭିଡ୍-୧୯ ଓ ପରେ ଲାଦାଖ ଗଲୱାନ ଘାଟିରେ ଥିବା ଲାଇନ ଅଫ୍ ଆକଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ଦୁଇ ଦେଶର ସୈନ୍ୟଙ୍କ ମଧ୍ୟ ହୋଇଥିବା ମୁକାବିଲା କାରଣରୁ ମାନସରୋବର ଯାତ୍ରାକୁ ବନ୍ଦ ରଖାଯାଇଥିଲା। ଦୁଇ ଦେଶ ମଧ୍ୟରେ କିପରି ଦ୍ୱିପାକ୍ଷିକ ସମ୍ପର୍କର ଉନ୍ନତି ହେବ ସେ ନେଇ ଆଲୋଚନା ହୋଇଛି ବୋଲି ରାଜନାଥ କହିଛନ୍ତି। ପୂର୍ବରୁ ଗୁରୁବାର ଏସ୍‌ସିଓ ମିଳିତ ବିବୃତ୍ତିରେ ହସ୍ତାକ୍ଷର କରିବାକୁ ରାଜନାଥ ମନା କରିଦେଇଥିଲେ। ଏହାକୁ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସମର୍ଥନ କରିଛନ୍ତି। ଏସ୍‌ସିଓରେ ରାଜନାଥ ସିଂ ଓ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଯୋଗ ଦେଇଛନ୍ତି। କିନ୍ତୁ ରାଜନାଥ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ନଥିଲେ। ଏସ୍‌ସିଓର ମିଳିତ ବିବୃତ୍ତିରେ ଜମ୍ମୁ-କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାମିଲ କରାଯାଇ ନଥିଲା। କିନ୍ତୁ ଏଥିରେ ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ହୋଇଥିବା ଆତଙ୍କବାଦୀ ଘଟଣା ଉଲ୍ଲେଖ ଥିଲା। ଏହାକୁ ଭାରତ ବିରୋଧ କରିଥିଲା ଓ ବିବୃତ୍ତିରେ ସ୍ୱାକ୍ଷର କରି ନଥିଲା। କିଛି ଦେଶ ଆତଙ୍କବାଦ୍‌କୁ ନିଜର ନୀତି ଭାବେ ଗ୍ରହଣ କରିଛନ୍ତି। ଏହି ଦେଶଗୁଡିକ ଆତଙ୍କବାଦୀକୁ ଶରଣ ଦେଉଛନ୍ତି ଓ ଏହାକୁ ଅସ୍ୱୀକାର ମଧ୍ୟ କରୁଛନ୍ତି। ଏଭଳି ଦୋମୁହାଁ ନୀତିର କୌଣସି ସ୍ଥାନ ନାହିଁ। ଆତଙ୍କବାଦର କେନ୍ଦ୍ରସ୍ଥଳୀ ଏବେ ସୁରକ୍ଷିତ ନୁହଁ ବୋଲି ଏହି ଦେଶଗୁଡିକୁ ଏବେ ହୃଦୟଙ୍ଗମ କରିବାକୁ ହେବ। ଏସ୍‌ସିଓକୁ ଏହି ଭଳି ଆଚରଣ ପ୍ରଦର୍ଶନ କରୁଥିବା ଦେଶଗୁଡିକୁ ସମାଲୋଚନା କରିବାରେ କୁଣ୍ଠାବୋଧ କରିବା ଉଚିତ ନୁହଁ ବୋଲି ରାଜନାଥ କହିଥିଲେ।

## ଖାମନେଇଙ୍କୁ ହତ୍ୟା କରିବାକୁ ଚାହୁଁଥିଲା ଇସ୍ରାଏଲ୍



ତେଲଅଭିଭ୍, ୨୭।୬(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମନେଇଙ୍କୁ ଇସ୍ରାଏଲ ହତ୍ୟା କରିବାକୁ ଯୋଜନା କରିଥିଲା। କିନ୍ତୁ ଏଥିପାଇଁ ସୁଯୋଗ ମିଳିଲା ନାହିଁ ବୋଲି କହିଛନ୍ତି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟଜି। ସେ କହିଛନ୍ତି ଯେ ଯଦି ଖାମନେଇ ଆମ ପହଞ୍ଚରେ ରହିଥାନ୍ତେ, ତାହେଲେ ଆମେ ତାଙ୍କୁ ହତ୍ୟା କରିବାରେ ସଫଳ ହୋଇଥାନ୍ତୁ କିନ୍ତୁ ଏଥିପାଇଁ ଆମ ପାଖରେ କୌଣସି ସୁଯୋଗ ନଥିଲା। ତେବେ ଖାମନେଇଙ୍କୁ ହତ୍ୟା ପାଇଁ ଆମେ ଆମେରିକାର ଅନୁମତି ମାଗି ନଥିଲୁ। ଏଥିପାଇଁ ଆମକୁ କାହାରି ଅନୁମତି ଆବଶ୍ୟକ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେହିପରି ୧୨ ଦିନର ଏହି ଯୁଦ୍ଧରେ ଇସ୍ରାଏଲ ତା'ର ସବୁ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଛି ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ସେନାର ଏହି ଅଭିଯାନକୁ ଇସ୍ରାଏଲ ରାଇଜିଂ ଲାୟନ ନାମ ଦେଇଥିଲା। ଇସ୍ରାଏଲ ସେନାର ଏହି ଅଭିଯାନ ଓ ଯୁଦ୍ଧ ଅତ୍ୟନ୍ତ ସଫଳ ଥିଲା ବୋଲି କୁହାଯାଇଛି। ଯଦି ଆବଶ୍ୟକ ପଡ଼େ ପୁଣି ଇରାନ ଉପରେ ଆକ୍ରମଣ କରିବାକୁ ପଛାଇବୁ ନାହିଁ ବୋଲି କାଟଜି କହିଛନ୍ତି। ଏଥର ଆକ୍ରମଣ ଗାଜା ଓ ଲେବାନନ ତୁଳନାରେ ଦୁଇଗୁଣ ବିଧ୍ୱଂସକାରୀ ହେବ ବୋଲି ସେ ସତର୍କ କରାଇଦେଇଛନ୍ତି।

ସେପଟେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ତାଙ୍କର ପ୍ରତିରକ୍ଷା ସଚିବ ପିଟ୍ ହୋଗସେଥ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ଜୁନ୍ ୨୨ରେ ହୋଇଥିବା ଆକ୍ରମଣରେ ଇରାନର ପୂରା ଆଣବିକ କେନ୍ଦ୍ର ଧ୍ୱଂସ ହୋଇଛି ବୋଲି ସେ କହିଛନ୍ତି। ଇରାନ ଆକ୍ରମଣ ନେଇ ହୋଗସେଥ ପେଣ୍ଟାଗନ୍‌ରେ ଡିଫେନ୍ସ ମୁଖ୍ୟ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସମ୍ବୋଧିତ କରି ସେ ଏହା କହିଛନ୍ତି। ଇରାନ ଉପରେ ଆମେରିକାର ଆକ୍ରମଣ ଐତିହାସିକ ଭାବେ ସଫଳ ଥିଲା। ଆମେରିକା ଆକ୍ରମଣରେ ଇରାନ ଆଣବିକ କେନ୍ଦ୍ରରେ ମାମୁଲି କ୍ଷତି ନେଇ ପ୍ରକାଶିତ ରିପୋର୍ଟକୁ ସେ ଖଣ୍ଡନ କରିଛନ୍ତି। ଇରାନ ଉପରେ ଆକ୍ରମଣ ଦୃଷ୍ଟାନ୍ତମୂଳକ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି।

## ହିରୋସୀମା ଟିପ୍ପଣୀ ପାଇଁ ଟ୍ରମ୍ପଙ୍କୁ ଜାପାନର କଡ଼ା ସମାଲୋଚନା

ଟୋକିଓ, ୨୭।୬(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜାପାନ କଡ଼ା ଭାଷାରେ ନିନ୍ଦା କରିଛି। ଇରାନର ଆଣବିକ କେନ୍ଦ୍ର ଉପରେ ହୋଇଥିବା ଆକ୍ରମଣକୁ ହିରୋସିମା ଓ ନାଗାସାକିରେ ହୋଇଥିବା ପରମାଣୁ ବୋମା ଆକ୍ରମଣକୁ ଟ୍ରମ୍ପ ତୁଳନା କରି ବିବାଦ ସୃଷ୍ଟି କରିଥିଲେ। ଏହାକୁ ନିନ୍ଦା କରିବା ସହ ଓ ଏହା ଆଦୌ ଗ୍ରହଣୀୟ ନୁହଁ ବୋଲି ଜାପାନ ସ୍ପଷ୍ଟ କରିଛି। ୧୯୪୫ରେ ହିରୋସିମା ଓ ନାଗାସାକି ଉପରେ ଆମେରକା ପରମାଣୁ ବୋମା ମାଡ଼ କରିଥିଲା। ଏଥିରେ ଏକ ଲକ୍ଷ ୪୦ ହଜାର ଲୋକ ପ୍ରାଣ ହରାଇଥିଲେ। ଏହାପରେ ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ଏଭଳି ତୁଳନାକୁ ନାଗାସାକି ମେୟର ଶିରୋ ସୁଜକି ନିନ୍ଦା କରିଛନ୍ତି। ପରମାଣୁ ବୋମା ମାଡକୁ ଟ୍ରମ୍ପ ଠିକ୍ ବୋଲି ପରୋକ୍ଷରେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଛନ୍ତି। ହିରୋସିମା ଓ ନାଗାସାକିରେ ହୋଇଥିବା ପରମାଣୁ ବୋମା ମାଡ଼ ପରେ ବଞ୍ଚିଯାଇଥିବା କେତେକ ଲୋକ ମଧ୍ୟ ଟ୍ରମ୍ପଙ୍କ ମନ୍ତବ୍ୟକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଇରାନ ଆକ୍ରମଣ ଓ ଜାପାନରେ ହୋଇଥିବା ପରମାଣୁ ବୋମା ମାଡ଼ ଯୋଗୁଁ ଯୁଦ୍ଧ ବନ୍ଦ ହୋଇଥିଲା ଓ ସେଥିପାଇଁ ଟ୍ରମ୍ପ ଦୁଇଟି ଘଟଣାର ତୁଳନା କରି ବିବାଦ ସୃଷ୍ଟି କରିଥିଲେ।

## ସୁପ୍ରିମକୋର୍ଟରେ ଟ୍ରମ୍ପଙ୍କ ବାଜିମାତ୍

ନ୍ୟୁୟର୍କ, ୨୭।୬(ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ବିଜୟ ହାସଲ କରିଛନ୍ତି। ଟ୍ରମ୍ପଙ୍କ ଆଦେଶକୁ ଫେଡେରାଲ କୋର୍ଟ ଅର୍ଥାତ ତଳ କୋର୍ଟର ଜଜ୍ ରୋକିବାର କ୍ଷମତାକୁ ସୁପ୍ରିମକୋର୍ଟ ସଙ୍କୁଚିତ କରିଛନ୍ତି। ଫଳରେ ଟ୍ରମ୍ପଙ୍କ ପାଇଁ ଏହା ଏକ ବଡ଼ ଆସ୍ୱସ୍ତି ସାବ୍ୟସ୍ତ ହୋଇଛି। ଆମେରିକାରେ ଜନ୍ମିତ ଲୋକ ସ୍ୱତଃ ନାଗରିକତା ହାସଲ ପାଇବା (ବାର୍ଥ ରାଇଟ୍ ସିଟିଜେନ୍‌ସିପ) ପ୍ରକ୍ରିୟାକୁ ଶେଷ କରିବା ନେଇ ଟ୍ରମ୍ପ ଅପିଲ କରିଥିଲେ। କ୍ଷମତାକୁ ଆସିବା ପରେ ଟ୍ରମ୍ପ ଦ୍ୱିତୀୟଥର ପାଇଁ ଏହି ବାର୍ଥ ରାଇଟ୍ ସିଟିଜେନସିପ୍‌କୁ ବନ୍ଦ କରିବାକୁ ଆଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଫେଡେରାଲ କୋର୍ଟ ରୋକିବାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଫଳରେ ଏବେ ଆମେରିକାରେ ନାଗରିକତା ହାସଲ କରିବା ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ଭାବେ ବଦଳିଯିବ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ତଳ କୋର୍ଟ ଏ ନେଇ ଟ୍ରମ୍ପଙ୍କ ଆଦେଶ ଉପରେ ରୋକ ଲଗାଇଥିଲେ। କିନ୍ତୁ ଏବେ ଟ୍ରମ୍ପଙ୍କ ଆଦେଶକୁ ତଳ କୋର୍ଟ ଆଉ ରୋକି ପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ବାର୍ଥ ରାଇଟ୍ ସିଟିଜେନ୍‌ସିପ୍‌ରେ ବହୁତ ଦୁର୍ବଳତା ରହିଛି ଓ ଲୋକେ ଏହାର ଭୁଲ ଫାଇଦା ଉଠାଇବେ ବୋଲି ଟ୍ରମ୍ପ ଓ ତାଙ୍କ ସମର୍ଥକମାନେ ଯୁକ୍ତି କରିଆସୁଥିଲେ। ଟ୍ରମ୍ପ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ମଧ୍ୟ ଏହି ନିୟମକୁ ବଦଳାଇବାକୁ ପ୍ରୟାସ କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୫
- ପାଉଣ୍ଡ ୧୧୭.୮୨
- ୟୁରୋ ୧୦୦.୩୮
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୯,୮୫୦ (ଭୁବନେଶ୍ୱର)
- ରୁପା : ୧,୧୧,୮୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୦୫୮.୦୦
- ନିଫ୍ଟି ୨୫,୬୩୭.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ୫୦ତମ ରୁଚି ପ୍ରତିଷ୍ଠା ଦିବସ

# ସାମାଜିକ ଦାୟିତ୍ୱ ପାଳନରେ ରୁଚି ସର୍ବଦା ଆଗରେ: ଜିଲ୍ଲାପାଳ

କଟକ,୨୭।୬(ସମିସ)



'ରୁଚି' କେବଳ ଓଡ଼ିଶାର ଗର୍ବ ଓ ଭାରତର ସମ୍ମାନ ହୋଇ ରହିନାହିଁ। ବରଂ ଏହାର ନିରନ୍ତର ଉଦ୍ୟମ ଉଦୀୟମାନ ଶିଳ୍ପୋଦ୍ୟୋଗୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସହ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଛନ୍ତି ଓଡ଼ିଶା ରାଜ୍ୟ ବିଧି ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ। ୫୦ତମ ରୁଚି ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ ରଥ କହିଛନ୍ତି ଯେ, ବର୍ଷ ପରେ ବର୍ଷ ସଫଳତା, କାର୍ଯ୍ୟଦକ୍ଷତା ଓ ସାଧୁତାକୁ ପାଥେୟ କରି ରୁଚି ପରିବାର ଆଜି ଏହି ଅନୁଷ୍ଠାନକୁ ବିଶ୍ୱସ୍ତରୀୟ ପରିଚୟ ଦେଇଛି। ଜେଜେମା, ଆଈ ଓ ମା'ର ସେହି ହାତବଟା ଶିଳପୁଆର ମସଲା ସୁଆଦ ଆଜି ହୁଏତ ହଜିଯାଇଛି ସତ। ହେଲେ ରୁଚି ପରିବାରର ଏହି ମହନୀୟ ଉଦ୍ୟମ ଓ ଶ୍ରଦ୍ଧା ଆମ ପାଖରେ ମସଲାର ସେହି ଅପୂର୍ବ ସୁଗନ୍ଧକୁ ଏବେ ବି ବଞ୍ଚାଇ ରଖିଛି। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଥିଲେ ଯେ, 'ରୁଚି' କେବଳ ଏକ ବ୍ୟବସାୟିକ ଅନୁଷ୍ଠାନ ଭାବରେ ନୁହେଁ, ସମାଜ ପାଇଁ ଏବଂ ରାଜ୍ୟ ପାଇଁ ସାମାଜିକ କର୍ତ୍ତବ୍ୟବୋଧର ମଧ୍ୟ ପାଳନ କରୁଛି। ଗୋଟିଏ ଅନୁଷ୍ଠାନ ୫୦ ବର୍ଷରେ ପହଞ୍ଚିବା ହେଉଛି ସଫଳତାର ଏକ ବଡ଼ ଉଦାହରଣ। ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ଶିଳ୍ପୋଦ୍ୟୋଗ ପରିସରସ୍ଥିତ ଶ୍ରୀଲକ୍ଷେଶ୍ୱର ମଣ୍ଡପଠାରେ ଆୟୋଜିତ ଭବ୍ୟ ସମାରୋହରେ ସମ୍ମାନିତ ଅତିଥି ଭାବେ 'ରୁଚି'ର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ସଲିନା ସାହୁ ଓ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। 'ରୁଚି'ର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଦେଇଥିଲେ।

ଏଥିରେ କଣ୍ଠଶିଳ୍ପୀ ସୁଭାଷ ଦାଶଙ୍କୁ 'ରୁଚି କଳାରତ୍ନ ସମ୍ମାନ' ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡାଃ ପ୍ରଭାତ କୁମାର ଦାଶଙ୍କୁ 'ରୁଚି-ଶ୍ରଦ୍ଧାନନ୍ଦ ଜେନା ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ରୁଚି ପରିବାରର କର୍ମଚାରୀଙ୍କ ମାଟ୍ରିକ ଉତ୍ତୀର୍ଣ୍ଣ ୪୧ ଜଣ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ପୁରସ୍କାର ସହିତ ରୁଚି ବିଦ୍ୟାର୍ଥୀ ସମ୍ମାନ, ୩ଜଣ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ଓ ୫୦ ଜଣ କର୍ମଚାରୀଙ୍କୁ ବିଶେଷ ଉପଢୌକନ ପ୍ରଦାନ କରାଯାଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ସୁଭାଷ ଦାଶ, ଦେବଶ୍ରିତା, ରବିନାରାୟଣ ଦାସ ଓ ବିଚିତ୍ରାନନ୍ଦ ପଣ୍ଡା ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। 'ରୁଚି'ର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଲକ୍ଷ୍ମୀଧର ସାହୁ, ଅକ୍ଷୟ ବରାଳ, ନିହାର ରଂଜନ ସାହୁ, ରଣଜିତ ସାହୁ, ସାଇ ସମ୍ବିତା ନାୟକ, ପ୍ରଶାନ୍ତ କୁମାର ପାତ୍ର, ଅରକ୍ଷିତ ରଣା, ସୂର୍ଯ୍ୟକାନ୍ତ ସାହୁ, ସୁଜାତା ବାରିକ, ଶାରଳା ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ହ୍ୱାଇଟ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା ଏବଂ ମାନବସମ୍ବଳ ବିଭାଗର ମୁଖ୍ୟ ସନ୍ତୋଷ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ଭାରତ ଓ ଆମେରିକା ମଧ୍ୟରେ ହେବ 'ବଡ଼' ବାଣିଜ୍ୟ ଚୁକ୍ତି




ଟ୍ରମ୍ପଙ୍କ ସୂଚନା

ନୂଆଦିଲ୍ଲୀ, ୨୭।୬( ଏଜେନ୍ସି): ଭାରତ ଏବଂ ଆମେରିକା ମଧ୍ୟରେ ଖୁବ୍ ଶୀଘ୍ର ଏକ 'ବଡ଼' ବାଣିଜ୍ୟ ଚୁକ୍ତି ହେବାକୁ ଯାଉଛି। ହ୍ୱାଇଟ୍ ହାଉସ୍ ରେ ଆୟୋଜିତ 'ବିଗ୍ ବିଉଟିଫୁଲ୍ ବିଲ୍' କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଆମେରିକା ନିକଟରେ ଚୀନ୍ ସହିତ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛି ଏବଂ ଏବେ ଭାରତ ସହିତ ମଧ୍ୟ ସମାନ କିଛି ହେବାକୁ ଯାଉଛି। ଏପ୍ରିଲ୍ ୨ରେ ଟ୍ରମ୍ପ୍ ବିଶ୍ୱର ପ୍ରାୟ ୧୦୦ଟି ଦେଶ ଉପରେ ଶୁଳ୍କ ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ଏଥିରେ ଭାରତ ଉପରେ ୨୬% ଶୁଳ୍କ ଲାଗୁ କରାଯାଇଥିଲା। ତା'ପରେ ଏପ୍ରିଲ୍ ୯ ରେ ଟ୍ରମ୍ପ୍ ପ୍ରଶାସନ ଏହାକୁ ୯୦ଦିନ ପାଇଁ ସ୍ଥଗିତ ରଖିଥିଲା। ଟ୍ରମ୍ପ୍ ଏହି ଚୁକ୍ତି ଉପରେ ନିଷ୍ପତ୍ତି ନେବା ପାଇଁ ଭାରତ ଭଳି ଦେଶଗୁଡ଼ିକୁ ଏହି ସମୟ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ ତାଙ୍କର ଶୁଳ୍କ ନୀତି ଆମେରିକୀୟ ଅର୍ଥନୀତିକୁ ଲାଭ ପହଞ୍ଚାଇବ। ଏପରି ପରିସ୍ଥିତିରେ, ଭାରତ ଏବଂ ଆମେରିକା ଜୁଲାଇ ସୁଦ୍ଧା ଏହି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ସମାପ୍ତ କରିବାକୁ ଚାହୁଁଛନ୍ତି। ଟ୍ରମ୍ପ କହିଛନ୍ତି ସମସ୍ତେ ଡିଲ୍ କରିବାକୁ ଚାହୁଁଛନ୍ତି ଏବଂ ଏଥିରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି।

# ଟାଟା ଷ୍ଟିଲ୍ ପକ୍ଷରୁ 'ମୋଜାଇକ୍'ର ଏକ ଦଶନ୍ଧି ପାଳନ

ଭୁବନେଶ୍ୱର, ୨୭।୬(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ୨୦୧୫ରେ ଶୁଭାରମ୍ଭ କରାଯାଇଥିବା ଏହାର ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣ ଅଭିଯାନ;ମୋଜାଇକ୍' (ଏମ୍‌ଓଏସ୍‌ଏଆଇସି)ର ଏକ ଦଶନ୍ଧୀ ପାଳନ କରାଯାଇଛି। ଚଳିତବର୍ଷ କମ୍ପାନୀ ପ୍ରାଇଡ୍ ବା ଗର୍ବ ମାସ ଭାବେ ଏହାକୁ ପାଳନ କରୁଛି, ଯାହା ଏକ ଅଧିକ ଅନ୍ତର୍ଭୁକ୍ତୀକରଣ ଶ୍ରମଶକ୍ତି ଗଠନ ପାଇଁ ଏହାର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ମୋଜାଇକ୍‌ର ୫ଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ନିଯୁକ୍ତି, ସଚେତନତା, ପ୍ରତିଭା ଓ ବିକାଶ, ଭିତ୍ତିଭୂମି ଏବଂ ଉତ୍ସବ ପାଳନ। ଏହା ବିବିଧ ଗୋଷ୍ଠୀ ଯଥା ମହିଳା, ଦିବ୍ୟାଙ୍ଗ, ଏଲ୍‌ଜିବିଟିକ୍ୟୁ+ ଓ ଆଫିର୍ମେଟିଭ୍ ଆକ୍ସନ୍ ଗ୍ରୁପର ବିଶେଷ ଆବଶ୍ୟକତା ପୂରଣ କରୁଛି। ଟାଟା ଷ୍ଟିଲ୍‌ର ଚିଫ୍ ପିପୁଲ୍ ଅଫିସର ଆତ୍ରାୟୀ ସାନ୍ୟାଲ୍ କହିଛନ୍ତି ଯେ, ଦୀର୍ଘ ଏକ ଦଶନ୍ଧୀ ଧରି ଲୋକ କୈନ୍ଦ୍ରୀକ ମାନବ ସମ୍ବଳ ନୀତି ଆଧାରରେ ଟାଟା ଷ୍ଟିଲ୍ ଅଗ୍ରଣୀ ରହିଛି, ଯାହା ସମୟ ସହିତ ବଦଳିଥିବା ବେଳେ କେବଳ ପ୍ରାସଙ୍ଗିକ ରହିନାହିଁ, ବରଂ ଉଦ୍ଦେଶ୍ୟ ଆଧାରିତ ହୋଇରହିଛି। ଆମର ପ୍ରତିବଦ୍ଧତା ହେଉଛି ସର୍ବଦା ଏକ ଅଧିକ ସମାନତା ଓ ଅନ୍ତର୍ଭୁକ୍ତିକାରଣ କର୍ମକ୍ଷେତ୍ରକୁ ସୁଦୃଢ଼ କରିବା ଓ କମ୍ପାନୀ ପ୍ରତି ଯୋଗଦାନ ପାଇଁ ସେମାନଙ୍କୁ ସମ୍ମାନ ଜଣାଇବା। ଆମ ଆଭିମୁଖ୍ୟର ମୂଳରେ ରହିଛି ବିବିଧତାକୁ ନେଇ ଏକ ଗଭୀର ବିଶ୍ୱାସ ଏବଂ ଏକ ବ୍ୟବସ୍ଥା ସୃଷ୍ଟି କରିବା, ଯେଉଁଠାରେ ସମସ୍ତେ ସଫଳ ହେବେ ଓ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିପାରିବେ। ଚଳିତ ବର୍ଷ ଆମେ ମୋଜାଇକ୍‌ର ୧୦ମ ବାର୍ଷିକୀ ପାଳନ କରୁଛୁ। ଆମର ଏହି ବିବିଧତା ଓ ଅନ୍ତର୍ଭୁକ୍ତୀକରଣ ଯାତ୍ରା ୨୦୧୫ରୁ ଆରମ୍ଭ ହୋଇଥିଲା। ତାହାକୁ ଆମେ ସ୍ୱଚ୍ଛତା, ବିଶ୍ୱାସ ଏବଂ ପ୍ରତିବଦ୍ଧତା ସହ ପାଳନ କରିଛୁ।

mosaic
Diversity & Inclusion initiative by TATA STEEL

# ରଥଯାତ୍ରାରେ ଚାନ୍ଦି ଭଣ୍ଡାର ଆଣିଲା 'ମୋ କାଳିଆ' କଲେକ୍ସନ




ଫ୍ଲାଟ୍ ୧୦% ରିଆତି

ଭୁବନେଶ୍ୱର, ୨୭।୬(ସମିସ): ରଥଯାତ୍ରା ଉପଲକ୍ଷେ ଓଡ଼ିଶାର ଏକ୍ସକ୍ଲୁଶିଭ ରୁପା ବ୍ରାଣ୍ଡ ଚାନ୍ଦି ଭଣ୍ଡାର ଏହାର ପ୍ରମୁଖ ପୁରୁଷ ଗହଣା ସମ୍ଭାର 'ମୋ କାଳିଆ' କଲେକ୍ସନର ଶୁଭାରମ୍ଭ କରିଛି। ପ୍ରଭୁ ଜଗନ୍ନାଥଙ୍କ ନିର୍ଭିକ କୃପା, ଯାହାଙ୍କୁ ଆଦରରେ କାଳିଆ ବୋଲି କୁହାଯାଏ, ଏଥିରୁ ଅନୁପ୍ରାଣିତ ଏହି କଲେକ୍ସନ ଓଡ଼ିଶାର ଆଧ୍ୟାତ୍ମିକ ଏବଂ କଳାତ୍ମକ ଐତିହ୍ୟର ମୂଳ ପରିଚୟ, ଗର୍ବ ଏବଂ ଭକ୍ତିକୁ ପ୍ରତିଫଳିତ କରିଥାଏ । ପ୍ରତୀକବାଦ ଏବଂ ଷ୍ଟୋରି ଟେଲିଙ୍ଗ୍ ସହ ଜଡ଼ିତ ଏହି କଲେକ୍ସନରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କଫ୍‌ଲିଙ୍କ୍, ପେଣ୍ଡେଣ୍ଟ, ବ୍ରେସ୍‌ଲେଟ୍ ଏବଂ ପ୍ରତୀକରୁ ପ୍ରେରିତ। ପ୍ରତ୍ୟେକଟି ଆଇଟମ୍ ପ୍ରଭୁ ଜଗନ୍ନାଥଙ୍କ ରଥ ଚକ, ମନ୍ଦିର କାରୁକାର୍ଯ୍ୟ, ନୀଳଚକ୍ର, ଶଙ୍ଖ ଏବଂ ପ୍ରଭୁ ଜଗନ୍ନାଥଙ୍କ ମୁଖ ଭଳି ପବିତ୍ର ସହ ମିଶ୍ରଣ କରିଛି । ମାତ୍ର ୧୨ ବର୍ଷ ମଧ୍ୟରେ ଚାନ୍ଦି ଭଣ୍ଡାର ଓଡ଼ିଶାରେ ୨୩ଟି ଷ୍ଟୋର ଖୋଲିଛି । ଏହି ଅବସରରେ ଚାନ୍ଦି ଭଣ୍ଡାର ଭୁବନେଶ୍ୱରର ଶହିଦନଗରସ୍ଥିତ ଏହାର ଛାମୁଆ ଷ୍ଟୋରକୁ ରିଲଞ୍ଚ୍ କରିଛି । ଏହା ବୃହତ୍ ଏବଂ ଅତ୍ୟନ୍ତ ଉନ୍ନୋଚିତ ଷ୍ଟୋର ସବୁଠାରୁ ଭିନ୍ନ । ଏକ ନିମଜ୍ଜିତ ରୁପା ଅନୁଭୂତି ଭାବେ ଡିଜାଇନ୍ କରାଯାଇ ଷ୍ଟୋର୍ ଭିତରେ ପ୍ରତ୍ୟେକ ଆଇଟମ୍‌କୁ ଭାବନାତ୍ମକ ଭାବେ ତିଆରି କରାଯାଇଛି, ଯାହାକି କେବଳ ରିଟେଲ୍ ନୁହେଁ ବରଂ ପ୍ରଥା, ଐତିହ୍ୟ, କାରିଗରୀ ଏବଂ ସଂଯୋଜିତ ସାଂସ୍କୃତିକ ପ୍ରକାଶନ ମାଧ୍ୟମରେ ଏକ ଯାତ୍ରାକୁ ପ୍ରତିଫଳିତ କରୁଛି । ଏହାର ଦୁଇଟି କାନ୍ଥରେ ଓଡ଼ିଶାର ଐତିହ୍ୟକୁ ପ୍ରଦର୍ଶିତ କରାଯାଇଛି । ଗୋଟିଏ କାନ୍ଥ ରଥଯାତ୍ରା ଦ୍ୱାରା ଅନୁପ୍ରାଣିତ ଏବଂ ଅନ୍ୟ ଏକ କାନ୍ଥ ଝୋଟି ମୋଟିଭ୍ ସହିତ ଟେରାକୋଟାକୁ ପ୍ରଦର୍ଶିତ କରୁଛି ।

ନବୀକୃତ ଷ୍ଟୋର୍‌କୁ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ତଥା ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ତଥା ଏମ୍‌ଡି ଲିପ୍‌ସା ହଂସ, ମାନିକ୍ ହଂସ, ବ୍ରାଣ୍ଡ ଆମ୍ବାସାଡର ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏବଂ ଅଭିନେତା ଶୈଳେନ୍ଦ୍ର ସାମନ୍ତରାୟ ଉପସ୍ଥିତ ଥିଲେ । ଚାନ୍ଦି ଭଣ୍ଡାର ଆକର୍ଷଣୀୟ ରଥଯାତ୍ରା ଅଫର ଆଣିଛି । 'ମୋ କାଳିଆ' କଲେକ୍ସନରେ ଗ୍ରାହକ ଫ୍ଲାଟ୍ ୧୦% ରିଆତି ପାଇବେ । ଏହି ସୀମିତ ସମୟ ଅଫର ମାଧ୍ୟମରେ ପ୍ରଭୁ ଜଗନ୍ନାଥଙ୍କ ଆତ୍ମାକୁ ଚାନ୍ଦି ଭଣ୍ଡାର ପାଳନ କରୁଛି ବୋଲି ଶ୍ରୀମତୀ ହଂସ କହିଛନ୍ତି ।

# ସୁମନ

## ବୁଲି ଯିବା ରଥଯାତରା ଆଜି



ଆଷାଢ଼ ଆସିଲେ ସାରା ରାଇଜରେ
ଏଇ ଗୋଟେ କଥା ପଡ଼ୁଛି ହୁରୀ
କୁଆଡ଼େ ନ ଯାଇ ଏ ବରଷ ତୁମେ
ଥରେ ବୁଲି ଆସ ଜଗାର ପୁରୀ
ଦେଖିବ ଯାତ
ଜଗତ ଭିତରେ ପୁରୀ ରାଇଜର
ରଥଯାତ ପରା ସବୁଠି ଖ୍ୟାତ ।
ରଥେ ବିଜେ ଥିବ କାଳିଆ ସାଆନ୍ତ
ଭାଇ ବଳଭଦ୍ର ସୁଭଦ୍ରା ନେଇ
ବଡ଼ଦାଣ୍ଡେ ଝୁଲି ଝୁଲି ଯାଉଥିବେ
ସବୁ ଭକତଙ୍କୁ ଆଶିଷ ଦେଇ
ହସୁରା ମୁହଁ
ଝରେ ଯେଉଁଠାରୁ ସବୁରି ନିକଟେ
ଗଙ୍ଗା ପରି ଯାର ଆଶିଷ ସୁଅ ।
ହରିବୋଲ ହୁଳହୁଳି ଶବଦରେ
ପୁରା ବଡ଼ ଦାଣ୍ଡ ଉଚ୍ଛୁଳି ଉଠେ
ଘଣ୍ଟ ସଂକୀର୍ତ୍ତନ ଭକତ ମୁଖରୁ
ପବନ ପରିକା ଚୌଦିଗେ ଛୁଟେ
ସେ ନାଦ ଶୁଣି
ସକଳ ଶରୀରେ ଦୁଃଖ କଟିଯାଇ
ଭକତିର ବୀଜ ହୁଅଇ ବୁଣି ।
ଏଇ ରଥଯାତ ସାରା ଜଗତକୁ
ଗୋଟିଏ ବାରତା ଶିଖାଇ ଦିଏ
ସବୁ ଧରମ ତ ସମାନ ମୋ ପାଖେ
ଏଠି ବଡ଼ ସାନ ନୁହଁଇ କିଏ
ସଭିଏଁ ଏକ
ସଭିଏ ସମାନ କେ ନୁହଁଇ ଭିନ୍ନ
ଏ ଭାବେ ବଢ଼ଇ ଜୀବନ ଟେକ ।



ଅଶୋକ କୁମାର ପ୍ରଧାନ

ରୋହିଗାଁ, ଗଞ୍ଜାମ
ମୋ-୮୩୪୯୧୧୯୧୩୦

## ଭାବର ପସରା ନେଇ...

ଝୁଲି ଝୁଲି ଆସେ କାଳିଆ ଠାକୁର
ଚକାଚକା ଆଖି ମେଲି
ବଡ଼ଦେଉଳରୁ ବାହାରି ଆସନ୍ତି
ରତ୍ନସିଂହାସନ ଭୁଲି ।
ଜନମ ବେଦିକି ଯିବାପାଇଁ ଜଗା
ହୋଇଲେଣି ପରା ବାଇ
ଭକତଜନଙ୍କୁ ଦରଶନ ଦେବେ
ଭାବର ପସରା ନେଇ ।
ବଡ଼ଦାଣ୍ଡେ ତିନିରଥ ପରା ଉଭା
ଚାରି ଦାରୁଦିଅଁ ପାଇଁ
ଜନମ ବେଦିକି ବୁଲିଯିବେ ନାଥ
ଭାଇ ଭଉଣୀକୁ ନେଇ ।
ନଅ ଦିନ ଧରି ଯାତ୍ରା ଲୀଳା ଖେଳା
କରିବେ ଭକତ ମେଳେ
ଭକ୍ତ ମନ ଜାଣି ଫଳ ଦେଉଥିବେ
କୃପା ଥିବ ସବୁକାଳେ ।
କି କିମିଆ ଅଛି ତାଙ୍କ ଚକାଡୋଳେ
ଭକତଙ୍କ ମନ ମୋହେ
ତାଙ୍କ ହାତେ ବନ୍ଧା ଜୀବନର ଡୋରି
ତାରିବେ ମରତୁ ସିଏ ।



ନଗେନ୍ଦ୍ର ନାଥ ପଟ୍ଟନାୟକ

ଓସ୍କାର ସିଟି ,
ଲକ୍ଷ୍ମୀ ସାଗର କେନାଲ ରୋଡ ,ଭୁବନେଶ୍ୱର
ମୋ - ୯୪୩୮ ୩୩୨୧୩୮

## ସକାଳ ଶିଶୁ କୁଇଜ୍-୧୭୦

(୧) ଉସ୍ତାଦ ବିସ୍‌ମିଲ୍ଲା ଖାନ୍‌ଙ୍କର କେଉଁ ବାଦ୍ୟଯନ୍ତ୍ର ସହ ସମ୍ପର୍କ ରହିଛି?

ଉତ୍ତର : ______

(୨) ମାନବ ଶରୀରର କେଉଁ ଗ୍ରନ୍ଥିକୁ 'ମାଷ୍ଟର ଗ୍ରନ୍ଥି' କୁହାଯାଏ?

ଉତ୍ତର : ______

(୩) ରାମେଶ୍ୱରମ୍ ମନ୍ଦିର ଭାରତର କେଉଁ ରାଜ୍ୟରେ ଅବସ୍ଥିତ?

ଉତ୍ତର : ______

(୪) ଭାରତର ପ୍ରଥମ ପରମାଣୁ ରିଆକ୍ଟରର ନାମ କ'ଣ?

ଉତ୍ତର : ______

(୫) ଅନ୍ତର୍ଜାତୀୟ ଅହିଂସା ଦିବସ କେବେ ପାଳନ କରାଯାଏ?

ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**

- ସାଗରିକା ପ୍ରଧାନ, ବମାକୋଇ, ଗଞ୍ଜାମ
- ନିଗମାନନ୍ଦ ପଟ୍ଟନାୟକ, କଟକ
- ଅଦିତି ପଟ୍ଟନାୟକ, ନିମାପଡ଼ା, ପୁରୀ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯


## ଉପଯୁକ୍ତ ରାଜା





ଶିବ ପ୍ରସାଦ ରାଉତ

ମହାରାଜ ବୀରବର୍ଦ୍ଧନ ନିଜର ଦୁଇ ପୁତ୍ରଙ୍କୁ ଡାକି କହିଲେ, "ତୁମେ ଦୁହେଁ ଯାଅ, ଆମ ରାଜ୍ୟରେ ମୋ ପରେ କିଏ ରାଜା ହୋଇପାରିବ, ସେହିପରି ଏକ ସୁଯୋଗ୍ୟ ବ୍ୟକ୍ତି ଖୋଜି ଆଣିବ । ହଁ, ଏକଥା ମନେରଖ, ତୁମ ଦୁହିଁଙ୍କୁ ମୁଁ ମାସେ ସମୟ ଦେଲି। ଏହି ସମୟରେ ତୁମକୁ ରାଜା ହେବା ପାଇଁ ଯୋଗ୍ୟ ବ୍ୟକ୍ତି ଠାବ କରିବାକୁ ହେବ, ଯିଏକି ମୋ ଠାରୁ ଆହୁରି ବେଶୀ ଯୋଗ୍ୟ ଓ ସୁଶାସକ ହୋଇ ପାରିବ। ନଚେତ୍ ମୁଁ ତୁମମାନଙ୍କର ଫୈସଲା ବାଦ୍ ଦେଇ କାର୍ଯ୍ୟ କରିଯିବି ।"

ପିତୃଭକ୍ତ ଦୁଇ ରାଜକୁମାର ରାଜାଙ୍କ ଆଦେଶ ପାଳନ କରି ତତ୍‌କ୍ଷଣାତ ପ୍ରସ୍ଥାନ କଲେ। ବୀରବର୍ଦ୍ଧନଙ୍କର ବିରାଟ ରାଜସଭା, ଭରା ସଭାସଦଗଣ ସଂପୂର୍ଣ୍ଣ ନିରବତା ମଧ୍ୟରେ ବସି ରହିଥାନ୍ତି। ମନ୍ତ୍ରୀ, ସେନାପତି, ରାଜଗୁରୁ, ସାମନ୍ତ ବିଭିନ୍ନବର୍ଗର ଓ ବିଭିନ୍ନ ବିଭାଗର ମନ୍ତ୍ରୀ ସମସ୍ତେ ନିରବ । କାରଣ ବୀରବର୍ଦ୍ଧନ ଜଣେ ମହାବୀର, ପ୍ରଜାଙ୍କୁ ପୁତ୍ରବତ ପାଳନ କରନ୍ତି, କାହାକୁ ହେୟ ଦୃଷ୍ଟିରେ ଦେଖନ୍ତି ନାହିଁ। ବିଶେଷ କରି କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଶ୍ଚୟ ନିଜର ସଭାସଦ୍‌ବର୍ଗଙ୍କ ପରାମର୍ଶ ନିଅନ୍ତି। ମାତ୍ର ଆଜି ଏ କ'ଣ ! ରାଜା ଯଦିଓ ବୃଦ୍ଧ ହେଲେଣି, ତଥାପି କ୍ଷମତା ହସ୍ତାନ୍ତର କଥା ପୂର୍ବରୁ ଉଠାଇ ନ ଥିଲେ । ଆହୁରି ମଧ୍ୟ ବଡ଼ ରାଜକୁମାର ଜୟବର୍ଦ୍ଧନ ଓ ସାନ ରାଜକୁମାର ଶ୍ରୀବର୍ଦ୍ଧନ ଉଭୟେ ରୂପ, ଗୁଣ, ବୀରତ୍ୱ ,ଦକ୍ଷତା ପ୍ରଶାସନ ସବୁ କ୍ଷେତ୍ରରେ ଦୁହେଁ ଦୁହିଁଙ୍କୁ ଊଣା ନୁହଁନ୍ତି। ରାଜା ନିଜର ପୁତ୍ର ଜୟବର୍ଦ୍ଧନ ଓ ଶ୍ରୀବର୍ଦ୍ଧନ ମଧ୍ୟରୁ ନୂଆ ରାଜା ନିରୂପଣ ନ କରି, ପୁଣି ସେହିମାନଙ୍କ ଦ୍ୱାରା ନୂତନ ରାଜା ଚୟନ କରିବାକୁ କାହିଁକି କହିଲେ। ସମସ୍ତେ ବିସ୍ମୟରେ ଥିଲେ । ମହାରାଜ ନିରବତା ଭଙ୍ଗକରି କହିଲେ, "କ'ଣ ଆପଣମାନଙ୍କର କିଛି ପ୍ରଶ୍ନ କରିବାର ନାହିଁ ? ଯଦି ନାହିଁ, ଆଜିର ସଭାକୁ ଏଇଠି ରଖାଯାଉ ।"

ସମୟ ଗଡ଼ିଚାଲିଲା । ସମସ୍ତଙ୍କର ଉତ୍କଣ୍ଠା ବଢ଼ି ଚାଲିଲା। ଆମର ସ୍ଥିତପ୍ରଜ୍ଞ ରାଜା ବୀରବର୍ଦ୍ଧନ ଏପରି ରହସ୍ୟମୟ ପରିବେଶ ସୃଷ୍ଟି କାହିଁକି କରିଛନ୍ତି। କ'ଣ ପାଇଁ ରାଜା ଦୁଇ ରାଜକୁମାର ମଧ୍ୟରୁ କାହାକୁ ରାଜା କରିବାକୁ ଚାହିଁଲେ ନାହିଁ। କିଏ ଏମିତି ପୁଣି ଆମର ରାଜା ହେଇଯିବ ! ଏତାଦୃଶ ସଂଶୟ ଓ ଉଦ୍‌ବେଗ ମଧ୍ୟରେ ଏକମାସ ବିତିଗଲା । ଉତ୍କଣ୍ଠାର ଚରମ ମୂହୂର୍ତ୍ତ ଉପଗତ । ପ୍ରଜାଏ ଖବର ପାଇଲେ କନିଷ୍ଠ ରାଜକୁମାର ଶ୍ରୀବର୍ଦ୍ଧନ ଉପଯୁକ୍ତ ସମୟରେ ଫେରି ଆସିଛନ୍ତି ଓ ସମସ୍ତଙ୍କ ସମ୍ମୁଖରେ ନୂଆ ରାଜାଙ୍କର ନାମ, ଧାମ ଓ ସଂପୂର୍ଣ୍ଣ ବିବରଣୀ ଏକ ମୁଦଦିଆ ଖୋଳରେ ପୁରାଇ ମନ୍ତ୍ରୀଙ୍କ ହସ୍ତରେ ଅର୍ପଣ କଲେ। ରାଜା ମଧ୍ୟ ଆଦେଶ ଦେଲେ ବଡ଼ ରାଜକୁମାର ନ ଫେରିବା ପର୍ଯ୍ୟନ୍ତ ଏହାକୁ ଗୁପ୍ତ ରଖାଯାଉ । ଏବେ ସମସ୍ତଙ୍କର ପ୍ରତୀକ୍ଷା ଜୟବର୍ଦ୍ଧନକୁ । ରାଜା ମଧ୍ୟ ଅପେକ୍ଷାରେ ଅତିଷ୍ଠ ଓ ବିରକ୍ତ । ସମୟ ସୀମା ପାର୍ କରିଛି। ଗୁପ୍ତଚର ଖବର ଦେଲା । ଯୁବରାଜ ଜୟବର୍ଦ୍ଧନ ଫେରିବା ସମ୍ଭବ ନୁହେଁ । କାରଣ ସେ ରାଜା ଚୟନ କରିବାକୁ ଯିବା ପରଦିନ ଦେଶର ଉତ୍ତରପୂର୍ବାଞ୍ଚଳରେ ସାମନ୍ତ ବିଦ୍ରୋହକୁ ଦମନ କରିବାରେ ମାସଟି କଟିଛି ଓ ସେଠାକାର ପରିସ୍ଥିତି ଏବେ ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ । ତା'ପରେ ଏହି ତିନିଦିନ ହେଲା ଜୟବର୍ଦ୍ଧନ ବୈଦେଶିକ ଶତ୍ରୁର ମୁକାବିଲା କରୁଛନ୍ତି। ବିନା ସୈନ୍ୟରେ ପ୍ରଜାମାନଙ୍କୁ ଏକଜୁଟ୍ କରି ବଡ଼ ରାଜକୁମାର ଅଦ୍ଭୁତ ବୀରତ୍ୱ ଓ ଦକ୍ଷତାର ସହିତ ସୀମାନ୍ତ ଆକ୍ରମଣକୁ ପଣ୍ଡ କରିଦେଇଛନ୍ତି । ଶତ୍ରୁ ପରାସ୍ତ ଓ ନିହତ ମଧ୍ୟ । ଇତି ମଧ୍ୟରେ ପିତା ବୀରବର୍ଦ୍ଧନ ରାଜା ଚୟନ ସମ୍ବନ୍ଧରେ ମତାମତ କ'ଣ ଓ ଶୀଘ୍ର ଫେରି ଆସିବାକୁ ଦୂତ ପଠାଇଥିଲେ । ମାତ୍ର ଜୟବର୍ଦ୍ଧନ ସସମ୍ମାନେ ଦୂତକୁ ଫେରାଇ ଦେଇ ସମ୍ବାଦ ଦେଇଛନ୍ତି କି, "ମୁଁ ତ ଠିକ୍ ସମୟରେ ଫେରି ପାରିନାହିଁ , ଏଣୁ ରାଜାଚୟନରେ ମୋ ମତ ଆବଶ୍ୟକ ନାହିଁ । ମୁଁ ଏଠାରେ ଆଉ କିଛିଦିନ ରହିବା ଜରୁରି ମନେକରୁଛି। ସାନଭାଇର ମତ ହିଁ ମୋ ମତ । ଏଣୁ ମୋ କଥା ବାଦ୍‌ଦେଇ ପିତାଶ୍ରୀ ଓ ପୂଜ୍ୟ ପାରିଷଦବର୍ଗ ନୂଆ ରାଜା ଚୟନ କରିଦିଅନ୍ତୁ । ସେମାନଙ୍କର ମତ ମୋର ଶିରୋଧାର୍ଯ୍ୟ। ଆଗାମୀ ଅଭିଷେକ ପୂର୍ଣ୍ଣିମା ଦିନ ମୁଁ ରାଜନଅର ଫେରିବି ।"

ବଡ଼ ରାଜକୁମାରଙ୍କର ଏତାଦୃଶ କାର୍ଯ୍ୟ ଓ ଶାଳୀନତାଭରା ସମ୍ବାଦରେ ପ୍ରଜା, ସଭାସଦବର୍ଗ ସହିତ ସ୍ୱୟଂ ରାଜା ମଧ୍ୟ ଅଭିଭୂତ । ତଥାପି ସର୍ତ୍ତ ଅନୁଯାୟୀ, ସାନ ରାଜକୁମାର ଶ୍ରୀବର୍ଦ୍ଧନଙ୍କର ମତର ସେ ନୂଆ ରାଜା କିଏ ବୋଲି ମତାମତର ମୁଦଦିଆ ଖୋଳ ଖୋଲାଗଲା । ରାଜ୍ୟବାସୀ ସମସ୍ତେ ସ୍ତମ୍ଭୀଭୂତ, ବିସ୍ମିତ ଓ ଆହ୍ଲାଦିତ ହୋଇଗଲେ ଯେ ଶ୍ରୀବର୍ଦ୍ଧନ ବଡ଼ଭାଇ ଜୟବର୍ଦ୍ଧନଙ୍କୁ ହିଁ ଉପଯୁକ୍ତ ରାଜା ବୋଲି ମତ ଦେଇଥିଲେ ।

ବଚ୍ଛଦା,ବାସୁଦେବପୁର,ଭଦ୍ରକ
ମୋ - ୮୧୪୪୨୨୮୧୧୫






ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ





ଆଦ୍ୟାଶା ପ୍ରତିହାରୀ
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୁରୀ





ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ମିହିକା ଶାହ
ପଞ୍ଚମ ଶ୍ରେଣୀ
ଗୀତାଦେବୀ ଡିଏଭି
ପବ୍ଲିକ୍ ସ୍କୁଲ
ଦେଓଘର

## ମାଷ୍ଟର୍ସ କପ୍ ହକି

# ଓଡ଼ିଶା ମହିଳା ଦଳ ଚାମ୍ପିଅନ




ଭୁବନେଶ୍ୱର, ୨୭ ।୬ (ସମିସ)

ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଅନୁଷ୍ଠିତ ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ଚାମ୍ପିଅନ ହୋଇଛି। ଶୁକ୍ରବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ଦଳ ୧-୦ ଗୋଲରେ ଅନ୍ୟତମ ଟାଇଟଲ୍ ଦାବିଦାର ପଞ୍ଜାବକୁ ପରାସ୍ତ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ତଥା ୩୪ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରର ଭରପୁର ଫାଇଦା ଉଠାଇ ରଞ୍ଜିତା ବେକ୍ ଓଡ଼ିଶା ପାଇଁ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ଲୁସେଲା ଏକ୍କାଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ସେମିଫାଇନାଲରେ ୪-୧ ଗୋଲ୍‌ରେ ତାମିଲନାଡ଼ୁକୁ ହରାଇଥିଲା। ସେହିଭଳି ୩ୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ହରିୟାଣା ୪-୩ ଗୋଲ୍‌ରେ ତାମିଲନାଡ଼ୁକୁ ହରାଇ କାଂସ୍ୟ ପଦକ ଜିତିଛି।

ଅପରପକ୍ଷରେ ପୁରୁଷ ବିଭାଗ ଫାଇନାଲରେ ତାମିଲନାଡ଼ୁ ୫-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ହରାଇ ଚାମ୍ପିଅନ ହୋଇଛି। ତେବେ କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ପୁରୁଷ ଦଳ ୧-୨ ଗୋଲ୍‌ରେ ଚଣ୍ଡିଗଡ଼ ନିକଟରୁ ହାରି ପୋଡିୟମ ଫିନିଶ କରିବାରେ ବିଫଳ ହୋଇଛି। ଲାଜରୁସ ବାର୍ଲାଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ିଶା ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ୨ରୁ ଦୁଇ ବିଜୟ ସହ ନକ୍‌ଆଉଟ୍‌ରେ ପହଞ୍ଚିଥିଲା। ଏଠାରେ ପ୍ରକାଶଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଖେଳାଳିଙ୍କୁ ନେଇ ହକି ଇଣ୍ଡିଆ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଆୟୋଜନ କରିଥିଲା।

## ଭାରତ-ଇଂଲଣ୍ଡ ପ୍ରଥମ ମହିଳା ଟି-୨୦ ଆଜି

ନଟିଂହାମ୍,୨୭ ।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶନିବାରଠାରୁ ଏଠାରେ ଆରମ୍ଭ ହେବାକୁଯାଉଛି। ଚଳିତ ବର୍ଷ ଶେଷ ଭାଗରେ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧିନ ଭାରତୀୟ ଦଳ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଦଳରେ ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ୱେଜଙ୍କ ଭଳି ଅଭିଜ୍ଞ ବ୍ୟାଟର୍ ଥିବାରୁ ଘରୋଇ ଇଂଲଣ୍ଡ ବୋଲରଙ୍କୁ ଉଚିତ୍ ମୁକାବିଲା କରିବେ ବୋଲି ଆଶା କରାଯାଛି। ସେହିଭଳି ବୋଲିଂରେ ଭାରତ ପାଇଁ ଅମନଜୋତ୍ କୌର, ସ୍ନେହ ରାଣା, ଦୀପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡୀ, ରାଧା ଯାଦବ ପ୍ରମୁଖ ରହିଛନ୍ତି। ଅପରପକ୍ଷରେ ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ନେତୃତ୍ୱରେ ଖେଳୁଥିବା ଇଂଲଣ୍ଡ ମହିଳା ଦଳ ଏହି ସିରିଜରେ ଭାରତକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଛି। ଶନିବାର ରାତି ୭ଟାରେ ପ୍ରଥମ ମ୍ୟାଚ୍ ଆରମ୍ଭ ହେବ।

**ମ୍ୟାଚ୍ ଆରମ୍ଭ : ରାତି ୭.୦୦**
**ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

# ନୂଆ ଚୁକ୍ତିରେ ରୋନାଲ୍ଡୋଙ୍କୁ ବର୍ଷକୁ ୨ ହଜାର କୋଟି

ରିୟାଧ, ୨୭ ।୬ (ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ତଥା ପର୍ତ୍ତୁଗାଲ୍ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଚାହିଦା ପରିଣତ ବୟସରେ ମଧ ଫିକା ପଡ଼ିବାର ନାମ ନେଉନାହିଁ। ୪୦ ବର୍ଷୀୟ ରୋନାଲ୍ଡୋ ସଦ୍ୟ ସାଉଦୀ ଆରବୀୟ ପ୍ରଫେସନାଲ ଫୁଟ୍‌ବଲ କ୍ଲବ ଅଲ୍ ନାସର୍ ସହ ୨୦୨୭ ପର୍ଯ୍ୟନ୍ତ ଚୁକ୍ତି ବୃଦ୍ଧି କରିଛନ୍ତି। ୨ ବର୍ଷ ଲାଗି ଚୁକ୍ତି ବୃଦ୍ଧି ହୋଇଥିବା ନେଇ ରୋନାଲ୍ଡୋ ଓ ଅଲ୍ ନାସର୍ କ୍ଲବ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି। ତେବେ ରୋନାଲ୍ଡୋଙ୍କ ନୂଆ ଚୁକ୍ତି ବୃଦ୍ଧିକୁ ନେଇ ସାରା ବିଶ୍ୱରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନୂଆ ଚୁକ୍ତିରେ ରୋନାଲ୍ଡୋଙ୍କ ଉପରେ ଟଙ୍କାର ବୃଷ୍ଟି ହୋଇଥିବା କୁହାଯାଉଛି।

ଲଣ୍ଡନସ୍ଥିତ ଏକ କ୍ରୀଡ଼ାଭିତ୍ତିକ ଚ୍ୟାନେଲରେ ପ୍ରକାଶିତ ରିପୋର୍ଟ ମୁତାବକ, ରୋନାଲ୍ଡୋ ତାଙ୍କ ନୂଆ ଚୁକ୍ତିରେ ବର୍ଷକୁ ୧୭୮ ମିଲିୟନ ପାଉଣ୍ଡ ପାଉଣା ପାଇବେ। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୨ ହଜାର ୮୮ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହାକୁ ହିସାବ କଲେ ପ୍ରତି ସପ୍ତାହରେ ସେ ପାଉଣା ବାବଦକୁ ୪୦ କୋଟି ଟଙ୍କା ପାଇବେ। ଏହାବାଦ୍ ବୋନସ୍ ଆକାରରେ ଆହୁରି କିଛି ଆକର୍ଷଣୀୟ ପୁରସ୍କାର ମଧ ରୋନାଲ୍ଡୋଙ୍କ ପାଇଁ କ୍ଲବ ତରଫରୁ ଘୋଷଣା କରାଯାଇଛି। ଯଦି ଅଲ୍ ନାସର୍ କ୍ଲବ ସାଉଦୀ ପ୍ରୋ ଲିଗ୍‌ରେ ଚାମ୍ପିଅନ ହୁଏ ତେବେ ରୋନାଲ୍ଡୋଙ୍କୁ ୬୮ କୋଟି ୩୮ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ସେହିଭଳି ଅଲ୍ ନାସର୍ ଏସିଆନ ଚାମ୍ପିଅନ ହେଲେ ରୋନାଲ୍ଡୋଙ୍କୁ ୪୨.୭୪ କୋଟି ଟଙ୍କା ବୋନସ୍ ପ୍ରଦାନ କରାଯିବ। ରୋନାଲ୍ଡୋ ଯଦି ଗୋଲ୍ଡେନ ବୁଟ୍ ଜିତନ୍ତି ତେବେ କ୍ଲବ ତରଫରୁ ତାଙ୍କୁ ୩୪.୧୯ କୋଟି ଟଙ୍କା ଦିଆଯିବ। ସେହିଭଳି ପ୍ରତି ଗୋଲ୍ ପିଛା ୮୦ ଲକ୍ଷ ଟଙ୍କା ଓ ଆସିଷ୍ଟ ଲାଗି ୪୭ ଲକ୍ଷ ଟଙ୍କା ପାଇବେ। ରୋନାଲ୍ଡୋଙ୍କ ପାଉଣା ଓ ଏଭଳି ଆଖି ଝଲସିବା ଭଳି ବୋନସ୍‌କୁ ନେଇ ଏବେ କ୍ରୀଡ଼ା ଜଗତରେ ଖବରର ଶିରୋନାମା ପାଲଟିଛି। ପ୍ରକାଶଯୋଗ୍ୟ, ୨୦୨୨ରେ ରୋନାଲ୍ଡୋ ପ୍ରଥମେ ଅଲ୍ ନାସର କ୍ଲବରେ ୩ ବର୍ଷ ଲାଗି ଯୋଗଦେଇଥିଲେ। ଏହି ସମୟ ମଧ୍ୟରେ ସେ ୧୦୫ ମ୍ୟାଚ୍ ଖେଳି ୯୩ଟି ଗୋଲ୍‌ସ୍କୋର କରିଥିଲେ।




### ସଂକ୍ଷେପରେ ରୋନାଲ୍ଡୋଙ୍କ ନୂଆ ଚୁକ୍ତି

- ବର୍ଷକୁ ପାଇବେ ୨ ହଜାର ୮୮ କୋଟି ଟଙ୍କା ପାଉଣା
- ଦ୍ୱିତୀୟ ବର୍ଷରେ ୪୪୬ କୋଟି ପାଉଣା ବୃଦ୍ଧି
- ସାଉଦୀ ପ୍ରୋ ଲିଗ୍ ଜିତିଲେ ୬୮.୩୮ କୋଟି ବୋନସ୍
- ଏସିଆନ ଚାମ୍ପିଅନ ହେଲେ ୪୨.୭୪ କୋଟି ବୋନସ୍
- ଗୋଲ୍ଡେନ ବୁଟ୍ ଜିତିଲେ ୩୪.୧୯ କୋଟି ବୋନସ୍
- ପ୍ରତି ଗୋଲ୍ ପାଇଁ ୮୦ ଲକ୍ଷ ଟଙ୍କା
- ପ୍ରତି ଆସିଷ୍ଟ ପାଇଁ ୪୭ ଲକ୍ଷ ଟଙ୍କା

### ଦ୍ୱିତୀୟ ଟେଷ୍ଟ

## ପାଳି ପରାଜୟ ଏଡ଼ାଇବାକୁ ବାଂଲାଦେଶର ସଂଘର୍ଷ

କଲମ୍ବୋ, ୨୭ ।୬ (ଏଜେନ୍ସି): ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ପାଳି ପରାଜୟ ଏଡ଼ାଇବାକୁ ସଂଘର୍ଷ ଜାରି ରଖିଛି। ୨୧୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ବାଂଲାଦେଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶୁକ୍ରବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩୮.୪ ଓଭରରେ ୬ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଛି। ଏହି ସମୟରେ ୱିକେଟରକ୍ଷକ ଲିଟନ ଦାସ ୧୩ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୁସଫିକର ରହିମ ୨୬, ମୋମିନୁଲ ହକ୍ ୧୫, ମେହେଦୀ ହାସନ ମିରାଜ ୧୧, ଶଦାମନ ଇସଲାମ ୧୨ ଏବଂ ଏନାମୁଲ ହକ୍ ଓ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ୧୯ ରନ ଲେଖାଏ କରି ଆଉଟ୍ ହୋଇଛନ୍ତି। ବୋଲିଂରେ ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ଓ ପ୍ରବଥ ଜୟସୂରିୟା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଦ୍ୱିତୀୟ ପାଳିରେ ୪ ୱିକେଟ୍ ବଳକା ଥାଇ ବାଂଲାଦେଶ ପାଳି ପରାଜୟ ଏଡ଼ାଇବାକୁ ଆହୁରି ୯୬ ରନ ଆବଶ୍ୟକ କରୁଛି। ପୂର୍ବରୁ ବାଂଲାଦେଶର ପ୍ରଥମ ପାଳି ସ୍କୋର ୨୪୭ ରନ ଜବାବରେ ଶ୍ରୀଲଙ୍କା ଗୁରୁବାର ସୁଦ୍ଧା ୨ ୱିକେଟ୍‌ରେ ୨୯୦ ରନ କରିଥିଲା। ଶୁକ୍ରବାର ସକାଳେ ଏହି ଅସମାପ୍ତ ପ୍ରଥମ ପାଳି ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଶ୍ରୀଲଙ୍କା ୪୫୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୧୪୬ ରନରେ ଅପରାଜିତ ଥିବା ଓପନର୍ ପାଥୁମ ନିଶାଙ୍କା ଆଜି ୧୫୮ ରନ କରି ତାଇଜୁଲ ଇସଲାମଙ୍କ ଶିକାର ବନିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନେଶ ଚାଣ୍ଡିମଲ୍ ୯୩, କୁଶଲ ମେଣ୍ଡିସ ୮୪, କାମିନ୍ଦୁ ମେଣ୍ଡିସ ୩୩ ରନ କରିଥିଲେ। ବୋଲିଂରେ ତାଇଜୁଲ୍ ୫ ଏବଂ ନଇମ୍ ହାସନ ୩ଟି ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟ ଡ୍ର ରହିଥିବାରୁ ଏହି ମ୍ୟାଚ୍‌ରେ ବିଜୟୀ ଦଳ ସିରିଜ ଜିତିବ।


ତାଇଜୁଲ ଇସଲାମ


## ଗଣଶିକ୍ଷା ବିଭାଗରେ ରିଙ୍କୁଙ୍କୁ ମିଳିଲା ଚାକିରି

ଲକ୍ଷ୍ନୌ, ୨୭ ।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ ରିଙ୍କୁ ସିଂଙ୍କ ସମେତ ୬ଜଣ ଖେଳାଳିଙ୍କୁ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗରେ ନିଯୁକ୍ତି ମିଳିଛି। ୨୭ ବର୍ଷୀୟ ରିଙ୍କୁଙ୍କୁ ଗଣଶିକ୍ଷା ବିଭାଗ ଅଧିନରେ ଜିଲ୍ଲା ମୌଳିକ ଶିକ୍ଷା ଅଧିକାରୀ (ବିଏସ୍‌ଏ) ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ପାରା ଆଥ୍‌ଲେଟ୍ ପ୍ରବୀଣ କୁମାର (ଡିଏସ୍‌ପି), ହକି ଖେଳାଳି ରାଜକୁମାର ପାଲ୍ (ଡିଏସ୍‌ପି), ପାରା ଆଥ୍‌ଲେଟ୍ ଅଜିତ୍ ସିଂ (ଜିଲ୍ଲା ପଞ୍ଚାୟତରାଜ ଅଧିକାରୀ), ସିମରନ (ଜିଲ୍ଲା ପଞ୍ଚାୟତରାଜ ଅଧିକାରୀ), ପାରା ଆଥ୍‌ଲେଟ୍ ପ୍ରିତି ପାଲ୍ (ବ୍ଲକ ଉନ୍ନୟନ ଅଧିକାରୀ) ଓ କିରନ ବାଲିୟାନ (ଗ୍ରାମୀଣ ବିକାଶ ବିଭାଗ)ଙ୍କୁ ମଧ ନିଯୁକ୍ତି ଦିଆଯାଇଛି। ଅନ୍ତର୍ଜାତୀୟସ୍ତରରେ ପଦକ ବିଜେତାଙ୍କୁ ସିଧାସଳଖ ନିଯୁକ୍ତି ନେଇ ଉତ୍ତର ପ୍ରଦେଶ ସରକାରଙ୍କ ରହିଥିବା ନିୟମ ଅନୁଯାୟୀ ଏହି ଚାକିରି ପ୍ରଦାନ କରାଯାଇଛି।



## ପ୍ରଶଂସକଙ୍କ ସ୍ୱପ୍ନ ପୂରଣ କଲେ ନୀରଜ

ନୂଆଦିଲ୍ଲୀ,୨୭ ।୬ (ଏଜେନ୍ସି): ଭାରତୀୟ ଆଥ୍‌ଲେଟିକ ସୁପର୍ ଷ୍ଟାର୍ ନୀରଜ ଚୋପ୍ରାଙ୍କ ନାମରେ ଜୁଲାଇ ୫ରେ ବେଙ୍ଗାଲୁରୁରେ 'ନୀରଜ ଚୋପ୍ରା କ୍ଲାସିକ' ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଏକଦିବସୀୟ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ନୀରଜଙ୍କ ବ୍ୟତୀତ ବିଶ୍ୱର ଏକାଧିକ ତାରକା ଜାଭେଲିନ୍ ଫିଙ୍ଗାଳୀ ଅଂଶଗ୍ରହଣ କରିବେ। ଏହି ଅନ୍ତର୍ଜାତୀୟ ଜାଭେଲିନ୍ ଇଭେଣ୍ଟ ଲାଗି ନୀରଜ ଏଭଳି କିଛି ମହନୀୟତା ଦେଖାଇଛନ୍ତି ଯାହାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ରିପୋର୍ଟରୁ ଜଣାପଡ଼ିଛି ଯେ, ରଞ୍ଜିତ ନାମକ ଜଣେ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ 'ନୀରଜ ଚୋପ୍ରା କ୍ଲାସିକ' ଇଭେଣ୍ଟର ଅଫିସିଆଲ୍ ଏକ୍ସ' ଆକାଉଣ୍ଟରେ ଏକ ଲେଖା ପୋଷ୍ଟ କରିଥିଲେ। ଏଥିରେ ସେ ଲେଖିଥିଲେ, 'ମୋତେ ଯଦି କେହି ୨ ହଜାର ଟଙ୍କା ଦେବ ତେବେ ସେ କୋଏମ୍ବାଟୁର୍‌ରୁ ଯାଇ ନୀରଜ ଚୋପ୍ରା କ୍ଲାସିକ ଇଭେଣ୍ଟ ଦେଖିପାରିବେ।' ରଞ୍ଜିତଙ୍କ ଏହି ପୋଷ୍ଟରେ ଜବାବ ରଖି ନୀରଜ ଲେଖିଥିଲେ, 'ହେଲୋ ରଞ୍ଜିତ, ତୁମର ଭିଭିଆଇପି ପାସ୍ ବେଙ୍ଗାଲୁରୁରେ ଅପେକ୍ଷା କରିଛି। ତୁମର ସମ୍ପୂର୍ଣ୍ଣ ଗସ୍ତ ଖର୍ଚ୍ଚ ମୁଁ ବହନ କରିବି। ହଁ ରେଡିସନ ହୋଟେଲ୍‌କୁ ମଧ ଧନ୍ୟବାଦ। ସେଠାରେ ତୁମର ରହିବା ବ୍ୟବସ୍ଥା ହୋଇଛି। ତୁମେ ମୋଠାରୁ ୯୦ ମିଟର ଦୂରରେ ରହିବ। ଖୁବ୍ ଶୀଘ୍ର ଭେଟ ହେବ।' ନୀରଜଙ୍କ ଏହି ପୋଷ୍ଟ ପରେ ରଞ୍ଜିତଙ୍କ ବେଙ୍ଗାଲୁରୁରେ 'ନୀରଜ ଚୋପ୍ରା କ୍ଲାସିକ' ଇଭେଣ୍ଟ ଦେଖିବା ସ୍ୱପ୍ନ ପୂରଣ ହୋଇଥିବା ଜଣାପଡ଼ିଛି।



### ପ୍ରଥମ ୟୁଥ୍ ଦିନିକିଆ
### ଫ୍ଲିଣ୍ଟଫ୍‌ଙ୍କ ଅର୍ଦ୍ଧଶତକ ବ୍ୟର୍ଥ

## ଭାରତକୁ ଜିତାଇଲେ ସୂର୍ଯ୍ୟବଂଶୀ

ହୋଭ୍, ୨୭ ।୬ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ୧୯ ବର୍ଷରୁ କମ୍ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ପ୍ରଥମ ଦିନିକିଆରେ ସହଜ ବିଜୟ ହାସଲ କରିଛି। ଶୁକ୍ରବାର ଏଠାରେ ଖେଳାଯାଇଥିବା ପ୍ରଥମ ୟୁଥ୍ ଦିନିକିଆ ମ୍ୟାଚରେ ଭାରତ ୪ ୱିକେଟ୍‌ରେ ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳକୁ ହରାଇ ଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ୟୁଥ୍ ଦଳ ୪୨.୨ ଓଭରରେ ୧୭୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପୂର୍ବତନ ଅଧିନାୟକ ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ପୁଅ ରକି ଫ୍ଲିଣ୍ଟଫ୍ ସର୍ବାଧିକ ୫୬ ରନ କରିଥିଲେ। ରକି ତାଙ୍କ ୯୦ ବଲ୍ ପାଳିରେ ୩ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଭାରତୀୟ ୟୁଥ୍ ଦଳ ପକ୍ଷରୁ କନିଷ୍କ ଚୌହାନ ସର୍ବାଧିକ ୩ ଏବଂ ହେନିଲ ପଟେଲ, ଆର୍‌ଏସ୍ ଆମ୍ବ୍ରିସ ଓ ମହମ୍ମଦ ଏନାନ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ଭାରତୀୟ ୟୁଥ୍ ଦଳ ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ୨୪ ଓଭରରେ ୪ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ବୈଭବ ମାତ୍ର ୧୯ ବଲ୍ ଖେଳି ୫ ଛକା ଓ ୩ ଚୌକା ସହାୟତାରେ ୪୮ ରନର ପାଳି ଖେଳିଥିଲେ। ସେହିଭଳି ଅଧିନାୟକ ଆୟୁଷ ମହାତ୍ରେ ୨୧, ୱିକେଟକିପର ଅଭିଜ୍ଞ କୁଣ୍ଡୁ ଅପରାଜିତ ୪୫ ଓ ରାହୁଲ କୁମାର ଅପରାଜିତ ୧୭ ରନ କରିଥିଲେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମୁକାବିଲା ସୋମବାର ଖେଳାଯିବ।

## ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍‌ରେ ସତ୍ୟ ଚାମ୍ପିଅନ

ଭୁବନେଶ୍ୱର, ୨୭ ।୬ (ସମିସ): କେଶୁରାସ୍ଥିତ ରୟାଲ୍ ପବ୍ଲିକ ସ୍କୁଲ ପରିସରରେ ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନସିପ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ର ସତ୍ୟ ନାରାୟଣ ସ୍ୱାଇଁ ୫ ପଏଣ୍ଟ ରଖି ଚାମ୍ପିଅନ ହୋଇଛନ୍ତି। ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଦିବ୍ୟଦୃଷ୍ଟି ଶତପଥୀ ୨ୟ ଓ ମଦର୍ସ ପବ୍ଲିକ ସ୍କୁଲର ଆର୍ଯ୍ୟମ ପ୍ରଧାନ ୩ୟ ସ୍ଥାନ ହାସଲ କରିଥିଲେ। ସେହିଭଳି ବିଭିନ୍ନ ବୟସବର୍ଗରେ ଭେଦିକା ସିଂ (୬ ବର୍ଷରୁ କମ୍), କିର୍ତ୍ତୀଷ କୁମାର ସାହୁ (୭ ବର୍ଷରୁ କମ୍), ମୃତ୍ୟୁଞ୍ଜୟ ବିଶ୍ୱାସ (୮ ବର୍ଷରୁ କମ୍) ଓ ଅନ୍ୱେଷା ଆର୍ଯ୍ୟନନ୍ଦିନୀ (ବାଳିକା) ପ୍ରଥମ ସ୍ଥାନ ହାସଲ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆୟୋଜକ ସ୍କୁଲର ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ, ଭାଇସ୍-ପ୍ରିନ୍ସିପାଲ୍ ପ୍ରଜ୍ଞାପାରମିତା ସାହୁ, ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଉପସ୍ଥିତ ରହିଥିଲେ।



# ୱେଷ୍ଟଇଣ୍ଡିଜ କ୍ରିକେଟରଙ୍କ ନାମରେ ସାଂଘାତିକ ଅଭିଯୋଗ

ବାର୍ବାଡସ୍,୨୭ ।୬ (ଏଜେନ୍ସି):

ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ବର୍ତ୍ତମାନ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ସିରିଜ ଖେଳୁଛି। ତେବେ ଏହି ସମୟରେ ଏକ ଖବର ସାମ୍ନାକୁ ଆସିଛି, ଯାହା ହଇଚଇ ସୃଷ୍ଟି କରିଛି। ଜଣେ ୱେଷ୍ଟଇଣ୍ଡିଜ କ୍ରିକେଟର୍‌ଙ୍କ ଉପରେ ୧୧ ମହିଳାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ଆସିଛି।

### ୧୧ ମହିଳାଙ୍କୁ କରିଛନ୍ତି ବଳାତ୍କାର

ଯଦିଓ ଏପର୍ଯ୍ୟନ୍ତ ସେହି କ୍ରିକେଟର୍‌ଙ୍କ ନାମ ପ୍ରକାଶ କରାଯାଇ ନାହିଁ ତେବେ ସେ ଗୁୟାନା ରାଷ୍ଟ୍ରର ଏବଂ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ରହିଛନ୍ତି ବୋଲି ଜଣାପଡ଼ିଛି।

କାରବୀୟ ସ୍ପୋର୍ଟ୍ସ ମାକ୍ସ ଚ୍ୟାନେଲ ଏହାର ରିପୋର୍ଟରେ ଦର୍ଶାଇଛି ଯେ, ଗୁୟାନାର ଏହି ଖେଳାଳିଙ୍କ ନାମରେ ଆସିଥିବା ଅଭିଯୋଗ ନେଇ କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ)କୁ ପ୍ରଶ୍ନ ପଚରାଯାଇଥିଲା। ଏହାର ଉତ୍ତରରେ କ୍ରିକେଟ୍ ୱେଷ୍ଟଇଣ୍ଡିଜର ସଭାପତି କିଶୋର ସାଲୋ କହିଛନ୍ତି, 'ବୋର୍ଡ ପାଖରେ ଏନେଇ କିଛି ସୂଚନା ନାହିଁ। ତେଣୁ ବୋର୍ଡ ପକ୍ଷରୁ ଏହା ଉପରେ କୌଣସି ଉତ୍ତର ଦିଆଯାଇପାରିବ ନାହିଁ। ଏହି ସମ୍ବେଦନଶୀଳ ଖବର ପ୍ରଥମେ ଗୁୟାନାର ସ୍ଥାନୀୟ ଖବରକାଗଜ 'କାଇଏଚର ସ୍ପୋର୍ଟ୍ସ'ରେ ପ୍ରକାଶ ପାଇଥିଲା। ଏଥିରେ ସେହି କ୍ରିକେଟର୍‌ଙ୍କ ଦ୍ୱାରା ୧୧ଜଣ ମହିଳା ବଳାତ୍କାର ଓ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଦାବି କରିଥିଲେ। ଏଥିରେ ଜଣେ ନାବାଳିକା ମଧ ରହିଥିବା ଜଣାପଡ଼ିଛି। ପ୍ରକାଶ ପାଇଥିବା ଏହି ରିପୋର୍ଟର ହେଡ୍ ଲାଇନ୍ 'ମନଷ୍ଟର ଇନ୍ ମାରୁନ' ରଖାଯାଇଛି। ୨୦୨୪ରେ ଗାବାରେ ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ଟେଷ୍ଟ ବିଜୟରେ ସେହି ଖେଳାଳି ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ଥିଲେ ବୋଲି ଜଣାପଡ଼ିଛି। ତେବେ ପୀଡ଼ିତାଙ୍କ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ଦାଖଲ କରାଯାଇନାହିଁ।




## ହେଡ୍, ୱେବ୍‌ଷ୍ଟର ଅଷ୍ଟ୍ରେଲିଆ ପାଇଁ ଲଢ଼ିଲେ

ବାର୍ବାଡସ୍,୨୭ ।୬ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିବାରେ ସମର୍ଥ ହୋଇଛି। ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୧୮୦ ରନ ଜବାବରେ ୱେଷ୍ଟଇଣ୍ଡିଜ ୧୯୦ ରନ କରି ଅଲ୍‌ଆଉଟ୍ ହେବା ସହ ୧୦ ରନରେ ଅଗ୍ରଣୀ ହାସଲ କରିଛି। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ୱିକେଟ୍‌କିପର ସାଇ ହୋପ୍ ୪୮, ଅଧିନାୟକ ରୋଷ୍ଟନ ଚେଜ୍ ୪୪, ଅଲ୍‌ଜାରୀ ଜୋସେଫ୍ ଅପରାଜିତ ୨୩ ରନ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ମିଚେଲ ଷ୍ଟାର୍କ ୩ଟି ଏବଂ ଜୋଶ୍ ହାଜଲେଉଡ୍, ଅଧିନାୟକ ପ୍ୟାଟ୍ କମିନ୍ସ ଓ ବିଉ ୱେବଷ୍ଟର ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

ଜବାବରେ ୧୦ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ୬୫ ରନ ମଧ୍ୟରେ ଉସମାନ ଖୱାଜା (୧୫ ରନ), ସାମ୍ କନଷ୍ଟାଟସ୍ (୫), ଜୋଶ୍ ଇଂଲିଶ (୧୨) ଓ କାମେରନ ଗ୍ରୀନ (୧୫ ରନ)ଙ୍କ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ୫ମ ୱିକେଟ୍ ଯୋଡ଼ିରେ ଟ୍ରାଭିସ୍ ହେଡ୍ ଓ ୱେବଷ୍ଟର ୧୦୨ ରନର ଶତକୀୟ ଭାଗୀଦାରି କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ଶୁକ୍ରବାର ତୃତୀୟ ଦିବସ ଶେଷ ଖବର ସୁଦ୍ଧା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୬୩ ଓଭର ଖେଳି ୬ ୱିକେଟରେ ୨୦୮ ରନ କରିଛି। ଆଲେକ୍ସ କେରୀ ୨୧ ଓ ପ୍ୟାଟ୍ କମିନ୍ସ ୦ ରନ କରି ଅପରାଜିତ ରହିଛନ୍ତି। ହେଡ୍ ୬୧ ଓ ୱେବଷ୍ଟର ୬୩ ରନରେ ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ୪ ୱିକେଟ୍ ବଳକା ଥାଇ ୧୯୮ ରନରେ ଅଗ୍ରଣୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS